# ଧରିତ୍ରୀ DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୪/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 14/2026 | Page 16 | ₹ 7.00 | RAYAGADA

୫୨ଶ ଭାଗ ୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 82 | ମୂଲ୍ୟ₹୭/-






KHIMJI TRUST SINCE 1936
KHIMJI®
JEWELLERS SINCE 1936
'Anniversary Sale'
Celebrating Anniversary of our Flagship Store at 621 Janpath, Bhubaneswar.
FLAT 45% OFF*
ON GOLD & DIAMOND JEWELLERY MAKING CHARGES
Offer valid from 14th to 21st February
Offer available at all our showrooms across Odisha
*T&C Apply.
90 YEARS
TRUST IS TIMELESS
BHUBANESWAR: JANPATH, CHANDRASEKHARPUR, SAMANTARAPUR, SOUBHAGYA NAGAR • ANGUL: SHANKAR CINEMA HALL ROAD • BERHAMPUR: VENKATRAJU ARCADE, SANO BAZAR • CUTTACK: 558/834, CANTONMENT ROAD • JAJPUR ROAD: BANK STREET ROAD • JHARSUGUDA: SARBAHAL ROAD, MARWARI PARA
PURI: OPP. POLICE LINE, VIP ROAD • ROURKELA: KESAR BHAWAN, MAIN ROAD • SAMBALPUR: (OPENING SHORTLY)
100% BIS Hallmarked HUID Pure Gold Jewellery
Fair Price Policy
Tested And Certified Diamonds
Lifetime Buyback Guarantee
100% Exchange Of Old Gold
Free Insurance On Diamonds
Safe Gold Purchase Scheme
Khimjijewellers.com
1800 3131 777
FOLLOW US ON:
SCAN TO KNOW MORE

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୪/୨୦୨୬ | Bhubaneswar, Saturday, February 14/2026




ନବରଙ୍ଗପୁର ମଣ୍ଡେଇ ପଡ଼ିଆରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଶୁଭାରମ୍ଭ

## ନବରଙ୍ଗପୁର ବିକାଶକୁ ମିଳିଲା ନୂଆ ଗତି: ମୁଖ୍ୟମନ୍ତ୍ରୀ

**ନବରଙ୍ଗପୁର ମଣ୍ଡେଇ ପଡ଼ିଆରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହାସହ ନବରଙ୍ଗପୁର ମେଡିକାଲ କଲେଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜିଲାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ପ୍ରାୟ ୪୪୬ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୧୭୭ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରେ ୬୮ କୋଟି ଟଙ୍କାର ୧୧୨ଟି ପ୍ରକଳ୍ପର ଉଦ୍‌ଘାଟନ ସହ ୩୭୮ କୋଟି ଟଙ୍କାର ୬୫ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯାହାକି ନବରଙ୍ଗପୁରର ବିକାଶକୁ ନୂଆ ଗତି ଦେଇଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ସଡ଼କ ଓ ସେତୁ ନିର୍ମାଣ, ହଷ୍ଟେଲ, ଅଙ୍ଗନୱାଡ଼ି କେନ୍ଦ୍ର ଓ ବନ ସୁରକ୍ଷା ସମିତି ସହିତ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପ ନବରଙ୍ଗପୁରକୁ ଉନ୍ନତିର ନୂତନ ଶିଖରକୁ ନେଇଯିବ ସରକାର ଆଶା ରଖିଛନ୍ତି।**

- **୪୬ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ**
- **ଜୟପୁର-ଗୋପାଳପୁର, ନବରଙ୍ଗପୁର-ଜୟପୁରକୁ ହେବ ୬ ଲେନ୍ ବିଶିଷ୍ଟ ରାସ୍ତା**

ନବରଙ୍ଗପୁର,୧୩।୨
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନ ଓ ବଳିଦାନକୁ ମୁଖ୍ୟମନ୍ତ୍ରୀ ମାଝୀ ମନେପକାଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କହିଛନ୍ତି, ଓଡ଼ିଶା ହେଉଛି କଳା ସଂସ୍କୃତି ଓ ପରମ୍ପରାର ରାଜ୍ୟ। ଅଭାବ ଯୋଗୁ ଲୋକେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଇ ପାରୁ ନ ଥିଲେ। ଏଣିକି ପ୍ରଭୁଙ୍କ ଡାକରା ଆସିବା ପରେ ୬୦ ବର୍ଷରୁ ୭୫ ବର୍ଷ ବୟସ୍କ ଓ ବିଧବା ଶ୍ରୀଜଗନ୍ନାଥ ଯୋଜନାରେ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ସରକାରଙ୍କ ପକ୍ଷରୁ ରହିବା, ଖାଇବା ଓ ଯାତାୟାତ ସମସ୍ତ ଖର୍ଚ୍ଚ ବହନ କରାଯିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ସମସ୍ତଙ୍କର ମହାପ୍ରଭୁଙ୍କ ଦର୍ଶନ ଇଚ୍ଛା ଥାଏ। ଜଗନ୍ନାଥ ଦର୍ଶନ ଯୋଜନାରେ ଯେଉଁ ବରିଷ୍ଠ ନାଗରିକମାନେ ପୁରୀ ଯିବେ ସେମାନେ ବୃନ୍ଦାବତୀ ଭବନରେ ରହିବେ। ସମସ୍ତ ଖର୍ଚ୍ଚ ଦାୟିତ୍ୱ ସରକାରଙ୍କର। ଜନକଲ୍ୟାଣ ରାଷ୍ଟ୍ରରେ ଜନସାଧାରଣଙ୍କ ସୁବିଧା ପାଇଁ ଏହି ଯୋଜନା କରାଯାଇଛି ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୫ ଜଣ ତୀର୍ଥଯାତ୍ରୀଙ୍କୁ କିଟ୍ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମାଝୀ ପତାକା ଦେଖାଇ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କରିବା ପରେ ଜିଲାରୁ ୧୪୮ ତୀର୍ଥଯାତ୍ରୀ ପୁରୀ ଅଭିମୁଖେ ବସ୍ ଯୋଗେ ଯାତ୍ରା କରିଛନ୍ତି।

ନବରଙ୍ଗପୁରର ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜିଲାରେ ଶିଳ୍ପ ପ୍ରତିଷ୍ଠା ହେବ। ନବରଙ୍ଗପୁର ରାଜଧାନୀରୁ ବହୁ ଦୂରରେ। ମିଶନ ପାୱାର ମାଧ୍ୟମରେ ୨୦୨୭ ସୁଦ୍ଧା ସମସ୍ତ ଗାଁକୁ ପକ୍କାରାସ୍ତା, ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟଜଳ ଓ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟ କରାଯିବ। ନବରଙ୍ଗପୁର-ଜୁନାଗଡ଼ ଓ ନବରଙ୍ଗପୁର-ଜୟପୁର ରେଳପଥ ପାଇଁ ଏମ୍‌ପି ବଳଭଦ୍ର ମାଝୀ ଓ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାଁଙ୍କୁ ଦାୟିତ୍ୱ ଦିଆଯାଇଛି। ଲୋକ ସଭା ଓ ରାଜ୍ୟ ସଭା ଅଧିବେଶନ ସମୟରେ ରେଳମନ୍ତ୍ରୀଙ୍କୁ ଭେଟି ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବାକୁ କୁହାଯିବ। ବିଧାନସଭା ଅଧିବେଶନ ପରେ ରେଳ ପ୍ରକଳ୍ପ କାର୍ଯ୍ୟ ପାଇଁ ଦିଲ୍ଲୀ ଯିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଧିକାରୀ, ଅମିନ, ଆର୍‌ଆଇ ନିଯୁକ୍ତି ହୋଇଛନ୍ତି। ସେହିପରି ଜୟପୁର-ଗୋପାଳପୁର, ଜୟପୁର-ନବରଙ୍ଗପୁର ପାଇଁ ୬ ଥାକିଆ ରାସ୍ତା ନିର୍ମାଣ ହେବ। ଏନେଇ ଡିପିଆର୍ ପ୍ରସ୍ତୁତ କରାଯାଉଛି। ଏହି ରାସ୍ତା ରାଜ୍ୟ ସରକାର କରିବେ। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ମଧ୍ୟ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ୧୮ ମାସ ମଧ୍ୟରେ କଥା ଦେଇ କଥା ରଖିଛନ୍ତି ସରକାର। ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ହେବ। ୨୨୦୦ ବିଦ୍ୟାଳୟ ପାଇଁ ସରକାର ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରିବା ସହ ବରପୁତ୍ରମାନଙ୍କ ଗାଁର ☞ପୃଷ୍ଠା-୨

### ମେଡିକାଲ କଲେଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ନବରଙ୍ଗପୁର,୧୩।୨(ସଦାଶିବ ପ୍ରହରାଜ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନବରଙ୍ଗପୁର ଜିଲାରେ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ନବରଙ୍ଗପୁରରେ ମେଡିକାଲ କଲେଜ ଓ ହସ୍ପିଟାଲ ୫୦ ଏକରରୁ ଊର୍ଦ୍ଧ୍ୱ ଜମିରେ ନିର୍ମାଣ ହେବ। ୧୦୦ ଛାତ୍ରୀଛାତ୍ର ପଢ଼ିବା ସହିତ ୪୨୦ ଶଯ୍ୟା ରହିବ। ଫଳରେ ଏହି ଜିଲାର ଲୋକେ ଆଉ ବାହାର ରାଜ୍ୟକୁ ଯାଇ ଖର୍ଚ୍ଚାନ୍ତ ହେବେନାହିଁ । ଏଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିବ। ଉପାନ୍ତ ଅଞ୍ଚଳ ମଧ୍ୟ ଭୁବନେଶ୍ୱର ଓ କଟକ ଭଳି ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ନିଜ ଭାଷଣରେ କହିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ନବରଙ୍ଗପୁର ସମେତ ରାଜ୍ୟରେ ୯ଟି ମେଡିକାଲ କଲେଜ ସ୍ଥାପନ ହେବ। ମେଡିକାଲ ଶିକ୍ଷା, ସ୍ୱାସ୍ଥ୍ୟସେବା ଜନସାଧାରଣ ପାଇବେ। ୨୦୨୪-୨୫ ବର୍ଷରେ ରାଜ୍ୟରେ ୨୦୦ ମେଡିକାଲ ସିଟ୍ ବଢ଼ିଛି। ପ୍ରତିବର୍ଷ ପାରାମେଡିକାଲ ସିଟ୍ ସଂଖ୍ୟା ମଧ୍ୟ ବଢ଼ିବ।

## ଅଷ୍ଟ୍ରେଲିଆକୁ ହରାଇଲା ଜିମ୍ବାୱେ

କଲମ୍ବୋ, ୧୩।୨ (ପି.ଟି.)

ଦଳଗତ ପ୍ରଦର୍ଶନ ଯୋଗୁ ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଆଘାତଜନିତ ସମସ୍ୟାରେ ଥିବା ଅଷ୍ଟ୍ରେଲିଆ ବିପକ୍ଷରେ ଚମକପ୍ରଦ ୨୩ ରନରେ ବିଜୟ ହାସଲ କରି ଏକ ବିପର୍ଯ୍ୟୟ ସୃଷ୍ଟି କରିଛି ଜିମ୍ବାୱେ। ଆଫ୍ରିକୀୟ ଦେଶ ଟୁର୍ନାମେଣ୍ଟରେ ଏଥରକୁ ମିଶାଇ ଏହି ଫର୍ମାଟର ଅନ୍ୟତମ ପାରମ୍ପରିକ ହେଭିୱେଟ୍‌କୁ ଦ୍ୱିତୀୟ ଥର ପରାସ୍ତ କରିଛି। ପୂର୍ବରୁ ୨୦୦୭ ସଂସ୍କରଣରେ କେପ୍‌ଟାଉନ୍‌ରେ ଏକ ଲୋ ସ୍କୋରିଂ ମ୍ୟାଚରେ ଗୋଟିଏ ବଲ୍ ବାକିଥାଇ ଅଷ୍ଟ୍ରେଲିଆକୁ ୫ ଉଇକେଟରେ ହରାଇ ଦେଇଥିଲା ପ୍ରସ୍ପର ଉତ୍‌ସେୟାଙ୍କ ନେତୃତ୍ୱାଧୀନ ଜିମ୍ବାୱେ। ଟୁର୍ନାମେଣ୍ଟର ୨୦୨୬ ସଂସ୍କରଣରେ ଶୁକ୍ରବାର ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ନିର୍ଦ୍ଧାରିତ ଓଭରରେ ୨ଉଇକେଟ ବିନିମୟରେ ୧୬୯ ରନ୍ କରିଥିଲା। ଓପନର ବ୍ରାଏନ୍ ବେନେଟ୍ (୫୬ ବଲ୍‌ରୁ ୬୪*) ଓ ଟାଡିୱାନ୍‌ସି ମାରୁମାନି (୨୧ ବଲରୁ ୩୫) ଦଳକୁ ଭଲ ଆରମ୍ଭ ଦେଇଥିଲେ। ଦୁହେଁ ପାର୍ଟନରଶିପ୍‌ରେ ୭.୩ ଓଭରରେ ୬୧ ରନ ଯୋଗ କରିଥିଲେ। ର୍ୟାନ ବର୍ଲ (୩୦ ବଲ୍‌ରୁ ୩୫) ଏବଂ ଅଧିନାୟକ ସିକନ୍ଦର ରାଜା (୧୩ ବଲ୍‌ରୁ ୨୫*)ଙ୍କର ମଧ ଉପଯୋଗୀ ଅବଦାନ ଥିଲା। ଅଷ୍ଟ୍ରେଲିଆ ତରଫରୁ କାମେରୁନ୍ ☞ପୃଷ୍ଠା-୨

## ବୋର୍‌ୱେଲରେ ପଡ଼ି ଦେଢ଼ବର୍ଷର ଶିଶୁକନ୍ୟା ମୃତ

ପୁରୀ,୧୩।୨(ଅଜିତ୍ କୁମାର ମହାନ୍ତି)

ପୁରୀରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଖେଳୁଥିବା ବେଳେ ବୋର୍‌ୱେଲରେ ଖସିପଡ଼ି ଦେଢ଼ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ନରେନ୍ଦ୍ରକୋଣ ମଙ୍ଗଳାସାହିର ଅଜୟ ନାୟକଙ୍କ ଝିଅ। ଏହି ଦୁଃଖଦ ଘଟଣାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଶିଶୁକନ୍ୟା ଜଣକ ତାଙ୍କ ମାମୁଘର ରାୟବାହାଦୁର ଲେନ୍ ବୁଲିବାକୁ ଆସିଥିଲେ। ଶୁକ୍ରବାର ମଧ୍ୟାହ୍ନ ସମୟରେ ଶିଶୁକନ୍ୟା ଜଣକ ଖେଳୁଥିବା ବେଳେ ସଦର ମୁଖ୍ୟ ଚିକିତ୍ସାଳୟର ନୂଆ କୋଠା କାମ ପାଇଁ ଖୋଳାଯାଇଥିବା ବୋର୍‌ୱେଲ ଭିତରେ ଖସି ପଡ଼ିଥିଲେ। ଏ ନେଇ ସ୍ଥାନୀୟ ଲୋକ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ କୁମ୍ଭାରପଡ଼ା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଶିଶୁକନ୍ୟାକୁ ଉଦ୍ଧାର କରାଯିବା ପରେ ଚିକିତ୍ସା ପାଇଁ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା ☞ପୃଷ୍ଠା-୨

## କାହ୍ନୁ ଲେଙ୍କାଙ୍କ ପରଲୋକ



ଭୁବନେଶ୍ୱର/ଫୁଲନଖରା, ୧୩।୨ (ରବିନାରାୟଣ ଜେନା/ସତ୍ୟରଞ୍ଜନ ଦାସମହାପାତ୍ର)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପିସିସିର ପୂର୍ବତନ ସଭାପତି କାହ୍ନୁ ଚରଣ ଲେଙ୍କାଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୬ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଅସୁସ୍ଥ ହୋଇପଡ଼ିଥିଲେ। ହୃଦ୍‌ଘାତରେ ତାଙ୍କର ଦେହାନ୍ତ ହୋଇଥିବା ପୁଅ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି। ୧୯୩୯ ମାର୍ଚ୍ଚ ୨ ତାରିଖରେ କଟକ ଜିଲା ସଦର ବ୍ଲକ ଖଣ୍ଡେଇତା ପଞ୍ଚାୟତ ଅରଡ଼ ଗ୍ରାମରେ କାହ୍ନୁଚରଣ ଲେଙ୍କା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ବିକଳ୍ପ ଶୈଷ**

## ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାନବସ୍ତା ରଖି ପ୍ରତିବାଦ

ଭଦ୍ରକ,୧୩।୨(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାରେ ଚଳିତବର୍ଷ ଧାନକିଣାରେ ଅନିୟମିତତା ନେଇ ବାରମ୍ବାର ଅଭିଯୋଗ ହେଉଛି। ମିଲର ଓ ପ୍ରଶାସନ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ଚାଷୀମାନେ ଧାନ ବିକିବାରେ ସମସ୍ୟା ଭୋଗୁଛନ୍ତି। କଟ୍‌ନି ଛଟ୍‌ନି ହେବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିବା ବେଳେ ଏଫ୍‌ଏକ୍ୟୁ ମାନ ଆଳରେ ୮ରୁ ୧୦ କେଜି କୁଇଣ୍ଟାଲ ପିଛା କଟାଯାଉଥିବା ଚାଷୀ ବାରମ୍ବାର ଅଭିଯୋଗ କରୁଛନ୍ତି। ତେବେ ଶୁକ୍ରବାରଠାରୁ ଭଦ୍ରକ ଜିଲାର ମିଲରମାନେ ଆଉ ଧାନ କିଣିବେ ନାହିଁ ବୋଲି ମନା କରିବା ପରେ ପରିସ୍ଥିତି ବିଗିଡ଼ିଯାଇଛି। ୬୦ ପ୍ରତିଶତ ଚାଷୀଙ୍କ ଧାନ ବିକ୍ରି ହୋଇ ନ ଥିବାବେଳେ ମିଲ୍‌ରେ ଜାଗା ଅଭାବ ଥିବା ଦର୍ଶାଇ ମିଲର୍ସ ସଂଘ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଆଉ ଧାନ କିଣିବେ ନାହିଁ ବୋଲି ଜିଲାପାଳଙ୍କୁ ଭେଟି ମନା କରି ଦିଆଯାଇଛି। ମିଲିଂ ଅନୁମତି ମିଳୁ ନ ଥିବାରୁ ୯୦ ହଜାର କୁଇଣ୍ଟାଲ ଚାଉଳ ବିଭିନ୍ନ ମିଲ୍‌ରେ ଗଚ୍ଛିତ ରହିଛି। ଫଳରେ କିଣାଯାଉଥିବା ଧାନ ରଖିବା ପାଇଁ ଜାଗାର ଅଭାବ ରହିଛି। ଆଗକୁ



ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଷୀମାନେ ଧାନବସ୍ତା ରଖି ଧାରଣାରେ ବସିଛନ୍ତି।

କାଳବୈଶାଖୀର ସମ୍ଭାବନା ଥିବାରୁ ବାହାରେ ଧାନ ରଖି ହେବ ନାହିଁ ବୋଲି ମିଲର୍ସ ସଂଘ ପକ୍ଷରୁ ଶେଖର ମହାପାତ୍ର ଗୁରୁବାର କହିଛନ୍ତି। ଶୁକ୍ରବାର ଧାନ କିଣା ବନ୍ଦ ରହିବା ପ୍ରତିବାଦରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପୂର୍ବାହ୍ନ ୧୦ଟାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାନ ବସ୍ତା ରଖି ପ୍ରତିବାଦ କରାଯାଇଛି। କେତେଜଣ ଚାଷୀ ଧାନ ବୋଝେଇ ଟ୍ରାକ୍ଟର ନେଇ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ ଓ ପରେ ଧାନ ବସ୍ତା ଟ୍ରାକ୍ଟରରୁ ଓହ୍ଲାଇ ☞ପୃଷ୍ଠା-୨

## ୩,୮୨୬ କୋଟିରୁ ଭାଜପାକୁ ୮୨%

**ଇଲେକ୍ଟୋରାଲ ଟ୍ରଷ୍ଟ**

ନୂଆଦିଲ୍ଲୀ,୧୩।୨(ପି.ଟି.)

୨୦୨୪-୨୫ ଆର୍ଥିକ ବର୍ଷରେ ଇଲେକ୍ଟୋରାଲ ଟ୍ରଷ୍ଟଗୁଡ଼ିକ ମୋଟ ୩,୮୨୬.୩୪ କୋଟି ଟଙ୍କା ସଂଗ୍ରହ କରିଥିବାବେଳେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ୩,୮୨୬.୩୫ କୋଟି ଟଙ୍କା ଆବଣ୍ଟନ କରିଥିଲେ। ମୋଟ ସଂଗୃହୀତ ପାଣ୍ଠିର ୮୨ ପ୍ରତିଶତରୁ ଅଧିକ କେବଳ ଭାଜପାକୁ ମିଳିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଶୁକ୍ରବାର କହିଛି। ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ହୋଇଥିବା ଚାନ୍ଦା ଦସ୍ତାବିଜଗୁଡ଼ିକର ଅନୁଶୀଳନ କରିବା ପରେ ଏଡିଆର୍ ସଦ୍ୟ ରିପୋର୍ଟରେ କହିଛି, ୨୦ ପଞ୍ଜୀକୃତ ଇଲେକ୍ଟୋରାଲ ଟ୍ରଷ୍ଟ ମଧ୍ୟରୁ ୧୦ଟି ଉପରୋକ୍ତ ଆର୍ଥିକ ବର୍ଷରେ ସଂଗ୍ରହ କରିଥିବା ଚାନ୍ଦା ସମ୍ପର୍କରେ ଘୋଷଣା କରିଛନ୍ତି। ଚାନ୍ଦା ସମ୍ପର୍କିତ ଦସ୍ତାବିଜ୍ ଦାଖଲ ସମୟସୀମା ଅତିକ୍ରାନ୍ତ ହେବାର ୩ ମାସ ପରେ ମଧ୍ୟ ୫ଟି ଟ୍ରଷ୍ଟର ରିପୋର୍ଟ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇନାହିଁ।

ଏଡିଆର୍ ସୂଚନା ଅନୁଯାୟୀ, କର୍ପୋରେଶନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୩,୮୨୬.୩୪୧୭ କୋଟି ଟଙ୍କା ସଂଗୃହୀତ ହୋଇଥିବାବେଳେ ରାଜନୈତିକ ଦଳଗୁଡ଼ିକୁ ୩,୮୨୬.୩୫୨୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଶାସକ ଭାଜପା ଉକ୍ତ ଅର୍ଥରୁ ୩,୧୫୭.୬୫୪୯ କୋଟି ଟଙ୍କା ପାଇଛି, ଯାହାକି ଇଲେକ୍ଟୋରାଲ ଟ୍ରଷ୍ଟଗୁଡ଼ିକ ମୋଟ ଆବଣ୍ଟନ କରିଥିବା ପାଣ୍ଠିର ୮୨.୫୨ ପ୍ରତିଶତ। ଭାରତୀୟ ଜାତୀୟ କଂଗ୍ରେସ ୨୯୮.୭୭୯୫ କୋଟି ଟଙ୍କା ଅର୍ଥାତ୍ ୭.୮୧ ପ୍ରତିଶତ ପାଇଥିବାବେଳେ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ(ଏଆଇଟିସି) ୧୦୨ କୋଟି ଟଙ୍କା (୨.୬୭%) ପାଇଛି। ଅନ୍ୟ ୯ଟି ଦଳଙ୍କୁ ମୋଟ ୨୬୭.୯୧୭୮ କୋଟି ଟଙ୍କା ମିଳିଛି।

ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ୧୫ଟି ରାଜନୈତିକ ଦଳଙ୍କୁ ସର୍ବାଧିକ ୨,୬୬୮.୪୬୪୭ କୋଟି ଟଙ୍କା ପ୍ରଦାନ କରିଥିବାବେଳେ ପ୍ରୋଗ୍ରେସିଭ୍ ଇଲେକ୍ଟୋରାଲ ଟ୍ରଷ୍ଟ ୧୦ଟି ଦଳଙ୍କୁ ୯୧୪.୯୭ କୋଟି ଟଙ୍କା ପ୍ରଦାନ କରିଛି। ସେହିବର୍ଷ ୨୨୮ଟି କର୍ପୋରେଟ୍ ବା ବ୍ୟବସାୟିକ ପ୍ରତିଷ୍ଠାନ ୩,୬୩୬.୮୧୯ କୋଟି ଟଙ୍କା ଚାନ୍ଦା ଦେଇଥିବାବେଳେ ୯୯ ଜଣ ବ୍ୟକ୍ତିବିଶେଷ ମୋଟ ୧୮୭.୬୨୨୭ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ସର୍ବାଧିକ ଚାନ୍ଦା ଦେଇଥିବା ୧୦ଟି ସଂସ୍ଥାରୁ ମୋଟ ୧,୯୦୮.୮୬୨୧ କୋଟି ଟଙ୍କା ମିଳିଛି, ଯାହାକି ମୋଟ ଚାନ୍ଦାର ୪୯.୮୯ ପ୍ରତିଶତ। ଏଲେଭେଟେଡ୍ ଆଭେନ୍ୟୁ ରିଏଲିଟି ଏଲ୍‌ଏଲ୍‌ପି ଏକାକୀ ସର୍ବାଧିକ ୫୦୦ କୋଟି ଟଙ୍କା ଚାନ୍ଦା ଦେଇଥିବାବେଳେ ଏହା ପଛକୁ ଟାଟା ସନ୍ସ ପ୍ରା.ଲିଃ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମାତୃ ପିତୃ ପୂଜନ ଦିବସ, ସ୍ଥାନ: ନହରକଣ୍ଟା ସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ ଟା ୩୦ ।
- ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ବାଲିଅନ୍ତା କୁଶଗାଡିଆ ମଠ ପରିସର, ସମୟ: ପୂର୍ବାହ୍ନ ୧୧ ଟା ।
- ୧୨ତମ ଭୁବନେଶ୍ୱର ରେଡିଓ ମେଳା, ସ୍ଥାନ: ଏକାମ୍ର ହାଟ, ସମୟ: ଅପରାହ୍ନ ୪ଟା ।

## କଟକ

- ସତ୍ୟବାଦୀ କଳାମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ଓ ଖଣ୍ଡୁଆ ସମ୍ମାନ ୨୦୨୬ ପ୍ରଦାନ ସମାରୋହ, ସ୍ଥାନ: ଶ୍ରୀ ଶ୍ରୀ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ନୂଆପାଟଣା, ତିଗିରିଆ, ସମୟ: ଅପରାହ୍ନ ୨ଟା ।
- ଓଡ଼ିଶା କବାଡି ଆସୋସିଏଶନ୍ ପକ୍ଷରୁ ୭୩ତମ ବରିଷ୍ଠ ରାଜ୍ୟ କବାଡି ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ, ଅପରାହ୍ନ ୫ଟା ।
- ଚତୁର୍ଦ୍ଦଶ ଶିଶିର ମେଳାର ଦଶମ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା ।

## ଖୋର୍ଦ୍ଧା

- ହିନ୍ଦୁ ଜାଗରଣ ମଞ୍ଚ ପ୍ରସ୍ତୁତି ବୈଠକ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୫ଟା ।

## ବାଲେଶ୍ୱର

- ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ଯୁବ ସମ୍ମିଳନୀ, ସ୍ଥାନ: ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ସମୟ: ପୂର୍ବାହ୍ନ ୧୦ଟା ।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବାବା କାଶୀବିଶେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ଜହତା, ରୂପ୍‌ସା, ସମୟ: ଅପରାହ୍ନ ୪ଟା ।
- ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଗୋଛାୟତ କମ୍ପ୍ଲେକ୍ସ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ

- ଜାତୀୟ ସେମିନାରର ଉଦ୍‌ଯାପନୀ, ସ୍ଥାନ: ପିଜି ଡିପାର୍ଟମେଣ୍ଟ, ଭଦ୍ରକ କଲେଜ, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସନ୍ଥପୁରା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା ।
- ଅଟଳ ବିହାରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ପଳିକିରି ନୋଡାଲ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦୁଝର

- ଶନି ମନ୍ଦିରରେ ମାନସିକ ମେଳା ଏବଂ ଭଜନ ସଂକୀର୍ତ୍ତନ , ସ୍ଥାନ : ମୋଟରାଗଡିଆ, ହାଟଡ଼ିହୀ, ସମୟ : ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା ।
- କବିର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କିରିବୁରୁ ଛକ କ୍ରିକେଟ ପଡ଼ିଆ, ବଡ଼ବିଲ, ସମୟ: ସକାଳ ୮ଟା ।
- ମାତୃପିତୃ ପୂଜନ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା ।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ: ବିଷ୍ଣୁପୁର, ଜଳକଳଙ୍ଗ, ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା ।

## ଜଗତ୍‌ସିଂହପୁର

- ଆଇଏଏସ୍ ପ୍ରଶିକ୍ଷାର୍ଥୀଙ୍କ ପାରାଦୀପ ଗସ୍ତ ଓ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ ବନ୍ଦର, ପୋତାଶ୍ରୟ, ସମୟ: ପୂର୍ବାହ୍ନ ୧୦ଟା ।
- ବାୟା ଅବଧୂତ କଲେଜର ବାର୍ଷିକୋତ୍ସବ, ସ୍ଥାନ: କନିମୂଳ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା ।
- ଏରସମା ବ୍ଲକ ଅନ୍ତର୍ଗତ ସିହା ପ୍ରିମିୟର ଲିଗ୍ ଉଦଘାଟନ, ସ୍ଥାନ: ସିହା ଏସ୍‌ଭିଏମ୍ କ୍ଲବ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ।
- ରଘୁପତି ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ନାଉସିରା, ତିର୍ତ୍ତୋଲ
- ସମୟ: ଅପରାହ୍ନ ୨ଟା ।

## କେନ୍ଦ୍ରାପଡ଼ା

- ନେତାଜୀ ଯୁବ ପରିଷଦ ପକ୍ଷରୁ ପିତୃମାତୃ ପୂଜନ ଦିବସ, ସ୍ଥାନ: ପେଟଛେଲା, ମହାକାଳପଡା, ସମୟ: ସକାଳ ୯ଟା ।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଟେଲିକମ ଗ୍ରାଉଣ୍ଡ, ମହୀପାଳ, କେନ୍ଦ୍ରାପଡ଼ା ସହର ଓ ବ୍ରାହ୍ମଣୀ ମହୋତ୍ସବ ପଡିଆ, ନାହିଆଡିଆ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା ।
- ଜିଲା ବିଜେଡି ପକ୍ଷରୁ ପାଟକୁରା ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀ ସମାବେଶ, ସ୍ଥାନ: ଡଗର ପଡିଆ, ପଲେଇ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଗଣିତ ବିଭାଗର ଆଲୋଚନା ଚକ୍ର, ସ୍ଥାନ: ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ଯାଜପୁର

- ଏନସି ହାଇସ୍କୁଲର ପ୍ଲାଟିନମ ଜୁବୁଲି ଉତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ସି ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୨ଟା ।
- ୨୭ତମ ଜାତୀୟ ସଂହତି ଉତ୍ସବ, ସ୍ଥାନ : ବ୍ୟାସନଗର ଗୋଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା ।
- ଅଭୟେଶ୍ୱର ମନ୍ଦିରରେ ରାମଚରିତ ମାନସ ପାଠ, ସ୍ଥାନ: ଯାଜପୁରରୋଡ ନହକା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା ।

## ନୟାଗଡ଼

- ଭୈମୀ ଏକାଦଶୀ ମେଳାର ୧୭ତମ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୨୩ ତମ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା ।
- ଭାଷା, ସାହିତ୍ୟ ସଂସ୍କୃତି ପାଇଁ ଏକଦିବସୀୟ ଜାତୀୟ ଆଲୋଚନା ଚକ୍ର, ସ୍ଥାନ: ଖଣ୍ଡପଡ଼ା ବ୍ଲକର ନଟବରଶାସନ ବେଦ ଶାସ୍ତ୍ର ପାଠଶାଳା, ସମୟ: ପୂର୍ବାହ୍ନ ୧୦ଟା ।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧମ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଆଚାର୍ଯ୍ୟ ବିକାଶ ଦିବସ, ସ୍ଥାନ: ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ରାତ୍ରିକାଳୀନ ସର୍ଟ ଗ୍ରାଉଣ୍ଡ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ଖେଳ ପଡିଆ, ସମୟ: ସନ୍ଧ୍ୟା ୬ରୁ ରାତ୍ର ୧୧ଟା ।

## କୋରାପୁଟ

- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ନନ୍ଦପୁର ବ୍ଲକ୍ ସଦର ମହକୁମା, ସମୟ: ପୂର୍ବାହ୍ନ ୧୧ଟା ।
- ଜଙ୍ଗଲରେ ନିଆଁ ନିବାରଣ ନେଇ ବନ ବିଭାଗର ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଶହୀଦଙ୍କ ସ୍ମୃତିରେ ଦୀପ ପ୍ରଜ୍ୱଳନ, ସ୍ଥାନ: ବାଞ୍ଜୀଲାପୁଟ ଧବଳେଶ୍ୱର ମନ୍ଦିର, ସମୟ:ଅପରାହ୍ନ ୩ ଟାରୁ ୫ଟା ।

## ମାଲକାନଗିରି

- ମାତୃପିତୃ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଲିମେଳା, ସମୟ: ସନ୍ଧ୍ୟା ୬ଟା

## ସମ୍ବଲପୁର

- ଅନୁସୂଚିତ ଜାତି ଓ ଜନଜାତି କ୍ରିୟାନୁଷ୍ଠାନ କମିଟିର ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ଆୟୋଜିତ ତୃତୀୟ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।
- କଲମ ଟ୍ରଷ୍ଟ ପକ୍ଷରୁ ସାହିତ୍ୟ ଆସର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା ।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ପିଏଡି ପଡିଆ, ସମୟ: ସନ୍ଧ୍ୟା ୬ଟା ।
- ସ୍ୱପ୍ନେଶ୍ୱର ବାବା ଶୈବପୀଠରେ ମହାଶିବରାତ୍ରୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋବିନ୍ଦଟୋଲା, ସମୟ: ସନ୍ଧ୍ୟା ୬ଟା ।

## ବଲାଙ୍ଗୀର

- ଏକଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ସରକାରୀ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ମାସିକ ରଚନା ସନ୍ଧ୍ୟା ଆଲୋଚନାଚକ୍ର 'ପିଲାଙ୍କ ଉପରେ ସ୍ମାର୍ଟଫୋନ୍‌ର ପ୍ରଭାବ', ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୫ଟା ୪୫ ମିନିଟ ।

## ବରଗଡ଼

- ବଳିଦାନ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୮ଟା ୩୦ ।
- ପଦ୍ମପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଆର୍. ବି. ହାଇସ୍କୁଲ ଖେଳପଡିଆ, ସମୟ: ଅପରାହ୍ନ ୨ଟା ୩୦ ।
- ଧନୁଯାତ୍ରାର ସ୍ଥାୟୀ ରାଜମହଲ ନିର୍ମାଣ ପାଇଁ ପୂଜାର୍ଚ୍ଚନା, ସ୍ଥାନ: ରଙ୍ଗ ମହଲ ପଡିଆ, ବରଗଡ଼, ସମୟ: ଅପରାହ୍ନ ୫ଟା ।
- କେନ୍ଦ୍ରୀୟ ବଜେଟ୍ ଉପରେ ଆଲୋଚନାଚକ୍ର, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦ ।

## କଳାହାଣ୍ଡି

- ଦ୍ୱିଦିବସୀୟ ଆଲୋଚନା ଚକ୍ର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା ।
- ଶିବରାତ୍ରି ପାଇଁ ଜାଗର ମହୋତ୍ସବ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ଅପରାହ୍ନ ୫ଟା ।
- କେସିଙ୍ଗା ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- ମହାଶିବରାତ୍ରି ଉପଲକ୍ଷେ ରୁଦ୍ରଯଜ୍ଞ, କଳସ ଯାତ୍ରା, ସୂର୍ଯ୍ୟପୂଜା, ସ୍ଥାନ: କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡା ଯୋଗମାୟା ପୀଠ ଯଜ୍ଞ ମଣ୍ଡପ, ସମୟ: ସକାଳ ୯ଟା ।
- ଶିବରାତ୍ରି ଉପଲକ୍ଷେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ, କଳସ ଯାତ୍ରା, ସ୍ଥାନ: କେସିଙ୍ଗା ବ୍ଲକ କସୃପଡା ଯଜ୍ଞ ମଣ୍ଡପ, ସମୟ: ସକାଳ ୯ଟା ।

## ସୁବର୍ଣ୍ଣପୁର

- ମା'ପଞ୍ଚେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଦେବୀଙ୍କ ମହାସ୍ନାନ ଓ ହୋମଯଜ୍ଞ, ସ୍ଥାନ: ବୀରମହାରାଜପୁର, ଭୁଦୋବର ଗ୍ରାମ, ସମୟ: ସକାଳ ୮ଟା ୩୦ ।
- ମାତୃ ପିତୃ ସମ୍ମିଳନୀ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସୁବର୍ଣ୍ଣପୁର ସହର ପଟାଭାଡି ସ୍ଥିତ କୋଶଳ ହାଇସ୍କୁଲ, ସମୟ: ପୂର୍ବାହ୍ନ ୯ଟା ।
- ବୁଢାରଜା ଯୁବ ସମାଜସେବୀ ସଙ୍ଗଠନ ପକ୍ଷରୁ ୧୪ ତମ ରକ୍ତଦାନ ଶିବିର, ସ୍ଥାନ: ସୁବର୍ଣ୍ଣପୁର ସହର ବୁଢାରଜା ଛକ, ସମୟ: ପୂର୍ବାହ୍ନ ୯ଟା ।
- ମା' ମଉଳି ମଙ୍ଗଳା କ୍ରିକେଟ କପ୍‌ର ଦ୍ୱିତୀୟ ଦିବସ, ସ୍ଥାନ: କଦଳୀପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ।
- ମା' କରମସାନି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ପଡ଼ିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ।
- ଅଲ ଇଣ୍ଡିଆ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ଡୁଙ୍ଗୁରିପାଲି ସ୍ଥିତ ରାମପୁର ରୋଡ଼ ନିକଟ ରାଧାକୃଷ୍ଣ ଖେଳ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆର୍ଥିକ, ମାନସିକ ଏବଂ ସାମାଜିକ ସ୍ଥିତି ଭଲ ରହିବ । ଆନୁଷ୍ଠାନିକ କାମରେ ବନ୍ଧୁମିଳନ ସହିତ କିଛି ସମୟ ଅତିବାହିତ କରିବାକୁ ପଡ଼ିପାରେ । ବନ୍ଧୁଙ୍କ ସହାୟତାରେ ବିବାଦ ସମାଧାନର ରାସ୍ତା ସୁଗମ ହେବ । ବାରମ୍ବାର ପ୍ରତିରୋଧର ସାମ୍ନା କରି କଷ୍ଟ ସ୍ୱୀକାର ପୂର୍ବକ କାମଟିକୁ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିପାରନ୍ତି ।

**ବୃଷ** ବର୍ତ୍ତମାନର ପରିସ୍ଥିତି ଆପଣଙ୍କୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ କରିବ । ପାରିବାରିକ ସମସ୍ୟା ମଧ୍ୟରେ ବ୍ୟତିବ୍ୟସ୍ତ ହୋଇପାରନ୍ତି । ସହକର୍ମୀଙ୍କ ସହଯୋଗରୁ ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ନୂତନ ବନ୍ଧୁସମ୍ପର୍କ ସ୍ଥାପନ ଦିଗରେ ଆଉ ଦୁଇ ପାଦ ଆଗକୁ ବଢ଼ିପାରନ୍ତି ।

**ମିଥୁନ** ସହକର୍ମୀଙ୍କ ଦ୍ୱାରା ଅଟକିଥିବା କାମ କଥା ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି । ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ବିତର୍କ ସୃଷ୍ଟି ହୋଇପାରେ । ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କାମରେ ସମସ୍ୟା ଲାଗି ରହିବ । ପଡ଼ୋଶୀଙ୍କ ସହ ଏକ ସାମାନ୍ୟ କାରଣରୁ ବିତର୍କଜନିତ କଳହ ଘଟିପାରେ ।

**କର୍କଟ** କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ସାଙ୍ଗକୁ ଅଭିଳଷିତ କାର୍ଯ୍ୟ ହାସଲ କରିବେ । ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ଅଭିଜ୍ଞତା ଓ ଦୂରଦର୍ଶିତା ବହୁ ମାତ୍ରାରେ ସାହାଯ୍ୟ କରିବ । ପ୍ରଶାସନ, ଅଦାଲତ, ସଭାସମିତି ଓ ଧର୍ମାନୁଷ୍ଠାନ ଦିଗରୁ ଉପକୃତ ହେବେ । ପ୍ରତିବନ୍ଧକ କାରଣରୁ ଆଜିର କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ ।

**ସିଂହ** ପରିବାରରେ ଭୁଲ୍ ବୁଝାମଣା ବଢ଼ି ଚାଲିଥିବାରୁ ସମ୍ପର୍କ ହାନି ଆଶଙ୍କା ରହିଛି । ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିପାରେ । ସାମାଜିକ ସ୍ତରରେ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ । ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ା ଅନୁଭବ କରିପାରନ୍ତି ।

**କନ୍ୟା** ଅତୀତର ବିବାଦକୁ କେନ୍ଦ୍ରକରି ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି । କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବାରୁ ମାନସିକ ସ୍ଥିରତା ରହି ନ ପାରେ । ବନ୍ଧୁଙ୍କ ସହାୟତାରେ ହସ୍ତା ନକ୍ଷତ୍ରର କର୍ମକ୍ଷେତ୍ରରେ ଟେନସନ୍ ଦୂର ହୋଇଯିବ । ସ୍ଥଗିତ କାମକୁ ସମ୍ପନ୍ନ କରିବା କ୍ଷେତ୍ରରେ କ୍ଳାନ୍ତ ଅନୁଭବ କରିପାରନ୍ତି ।

**ତୁଳା** କର୍ମକ୍ଷେତ୍ରରେ ସଫଳତା ହାସଲ କରିବାରେ ନିକଟସ୍ଥ ବନ୍ଧୁମାନେ ସାହାଯ୍ୟ କରିବେ । ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି । ଆଲୋଚନା ପ୍ରସଙ୍ଗରେ ମତଦ୍ୱୈଧ କିମ୍ବା ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ ।

**ବିଛା** କର୍ମକ୍ଷେତ୍ରରେ ଜଞ୍ଜାଳ ବୃଦ୍ଧି ଘଟିଥିବାରୁ ଜମା ଫୁରୁସତ୍ ପାଇପାରିବେ ନାହିଁ । ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବାର ସୂଚନା ରହିଛି । ନିଜର ପରିଜନ କିମ୍ବା ବନ୍ଧୁଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ । ପିଲାମାନଙ୍କ ସକାଶେ କିଛିଟା ଅନ୍ତର୍ଦ୍ୱନ୍ଦ୍ୱ ଭିତର ଦେଇ ଗତି କରିପାରନ୍ତି ।

**ଧନୁ** କର୍ମକ୍ଷେତ୍ରରେ ଅଟକିଥିବା କାମ ହାସଲରେ ସଫଳ ହେବେ । କୌଣସି ବ୍ୟକ୍ତିଠାରୁ କିଛି ଅସମର୍ଥିତ କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି । ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଏଥିପାଇଁ ଜଣାଶୁଣା ବ୍ୟକ୍ତିଙ୍କ ପରାମର୍ଶ ଗ୍ରହଣଯୋଗ୍ୟ ହେବ । ଆଜିର ପ୍ରତ୍ୟୁଷ ଯାତ୍ରା, ଆନୁଷ୍ଠାନିକ କାର୍ଯ୍ୟ ଏବଂ ବନ୍ଧୁମିଳନରୁ ଖୁସି ଅନୁଭବ କରିବେ ।

**ମକର** ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି । ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା ବିଫଳ ହେବ ନାହିଁ । ପରିବାରରେ ପରସ୍ପର ମତପାର୍ଥକ୍ୟ କାରଣରୁ ଶାନ୍ତି ଭଗ୍ନ ହୋଇପାରେ । ସଭାସମିତିରେ ବନ୍ଧୁମିଳନ, ସ୍ଥଗିତ କାର୍ଯ୍ୟ, ବିକ୍ରୟ ବାଣିଜ୍ୟ କ୍ଷେତ୍ରରେ ଉପକୃତ ହୋଇପାରିବେ ।

**କୁମ୍ଭ** କର୍ମକ୍ଷେତ୍ରରେ ବିବାଦୀୟ କଥାରେ ମୁଣ୍ଡ ପୂରାଇଲେ ସମସ୍ୟା ଭିତରକୁ ଟାଣି ହୋଇଯିବେ । ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେଇ କାମ ହାସଲରେ ସାହାଯ୍ୟ କରିବେ । ପରିବାରରେ ପିଲାମାନଙ୍କ କୃତି ଏବଂ କୃତିତ୍ୱରୁ ନିଜକୁ ଗୌରବାନ୍ୱିତ ମନେକରିପାରନ୍ତି । ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ସୁଧୁରିଯିବାର ସୂଚନା ରହିଛି ।

**ମୀନ** କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ବିବ୍ରତ ହେବେ । ପରୋକ୍ଷ ଶତ୍ରୁତାରୁ ସାମାଜିକ ସ୍ତରରେ ନୀଚ ବର୍ଗଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ । କର୍ମକ୍ଷେତ୍ରରେ ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି । ପ୍ରତ୍ୟେକ କ୍ଷେତ୍ରରେ ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ ।

ଆଜି ଫେବୃୟାରୀ ୧୪ ତାରିଖ, ଫାଲ୍‌ଗୁନ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶନିବାର । ରାଶିନକ୍ଷତ୍ର–ପୂର୍ବାଷାଢ଼ା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୫ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୯।୧୦ ଗତେ ଘ.୧୦।୩୫ ମଧ୍ୟେ ରାହୁ କାଳ ।

## ଜିଲାପାଳଙ୍କ କାର୍ଯ୍ୟାଳୟ ...

କାର୍ଯ୍ୟାଳୟ ପରିସରରେ ରଖି ଧାରଣା ଦେବା ସହ ସ୍ଲୋଗାନ ଦେଇଛନ୍ତି । ମଣ୍ଡିରେ କଟ୍‌ନି ଛଟ୍‌ନି କରାଯିବା ସହ ଟୋକନ ଅନୁସାରେ ଧାନ କିଣାଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ । ଧାନ ବୋଝେଇ ପାଇଁ ଚାଷୀଙ୍କୁ ଆବଶ୍ୟକ ପରିମାଣର ଅଖା ଦିଆଯାଉ ନାହିଁ କି ଗାଡ଼ି ମଧ୍ୟ ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି । ମିଲରମାନେ ନିୟମିତ ଧାନ ଉଠାଉ ନ ଥିବାରୁ ସବୁ ମଣ୍ଡିରେ ଧାନ ଗଦା ହୋଇ ରହିଛି । ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ଚାଷୀମାନେ ଜିଦ୍‌ରେ ଅଟଳ ରହିଥିଲେ । କୃଷକ ସଙ୍ଗଠନର ତ୍ରିଲୋଚନ ପଣ୍ଡା, ସବୀର ଖାଁ, ପ୍ରଭାତ କୁମାର ମହାଳିକ, ଚାଷୀ କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କ ସମେତ ସଙ୍ଗଠନର କର୍ମକର୍ତ୍ତା ଓ ଚାଷୀମାନେ ଧାରଣାରେ ବସିଥିଲେ । ପରେ ନବନିର୍ମାଣ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ପହଞ୍ଚି ଜିଲାପାଳଙ୍କ ସହ ଆଲୋଚନା କରିଥିଲେ । ଧାନ ନିୟମିତ ଭାବେ କିଣାଯିବ ବୋଲି ଜିଲାପାଳ ଦିଲୀପ ରାଉତରାଏ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ସମ୍ପିତ ମାଝୀ ଓ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିଥିଲା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆପଣା ସମ୍ପଦ ପରକୁ ଦେଇ, ଶିବ ବୁଲୁଛନ୍ତି ଲଙ୍ଗଳା ହୋଇ।**

ନିଜର ଅଧିକାର ପରକୁ ଦେବା ଉଚିତ ନୁହେଁ, କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ନିଜର ନିଜତ୍ୱ ହରାଇ ବସିବାର ଆଶଙ୍କା ରହିଥାଏ । ସେହିପରି ନିଜର ବ୍ୟକ୍ତିଗତ ସମ୍ପଦ ଅନ୍ୟକୁ ଦାନ କରି ନିଜେ କଷ୍ଟ ଭୋଗିବା ବା ଅବହେଳିତ ହେବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଆଗତ ଚଢ଼େଇକୁ ବେସର ବଟା।**

ଆକାଶରେ ଉଡୁଥିବା ଚଢେଇକୁ ଧରିବା ତଥା ତାକୁ ମାରି ତା'ର ମାଂସ ତରକାରି ପାଇଁ ବେସର ବାଟିବାକୁ ବରାଦ କରିବା ନିଶ୍ଚିତ ଭାବେ ଏହା ବୋକା ଲୋକର କାର୍ଯ୍ୟ ବୋଲି କୁହାଯାଇଥାଏ । କାରଣ ଉଡ଼ନ୍ତା ଚଢ଼େଇକୁ ଧରିବା ଏକ ଅନିଶ୍ଚିତ କଥା ହୋଇଥିବା ବେଳେ ସେ ଦିଗକୁ ଦୃଷ୍ଟି ନ ଦେଇ ଉକ୍ତ ଚଢ଼େଇର ମାଂସ ପାଇଁ ବେସର ବାଟି ରଖିବା ଅତ୍ୟନ୍ତ ନିରର୍ଥକ କାର୍ଯ୍ୟ ବୋଲି ବୁଝିବାକୁ ହୋଇଥାଏ । ତେଣୁ ଅନିଶ୍ଚିତ କାର୍ଯ୍ୟ ପାଇଁ ଆଗରୁ ପ୍ରସ୍ତୁତ ହେବା ଆଦୌ ଉଚିତ ହୁଏନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ପ୍ରଥମ ପୃଷ୍ଠାରୁ...

## କାହ୍ନୁ ଲେଙ୍କାଙ୍କ ...

ଜନ୍ମଗ୍ରହଣ କରିଥିଲେ । ୧୯୭୧, ୧୯୭୪, ୧୯୮୦ ଓ ୧୯୯୫ରେ ଚୌଦ୍ୱାର ଆସନରୁ ଚାରିଥର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ରାଜ୍ୟ ସଭା ସଦସ୍ୟ ଥିବା ସହ ରେଳ ରାଷ୍ଟ୍ରମନ୍ତ୍ରୀ ଥିଲେ । କାହ୍ନୁଚରଣ ଲେଙ୍କାଙ୍କ ପରଲୋକରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ମନ୍ତ୍ରୀ ଓ ରାଜନୈତିକ ବ୍ୟକ୍ତିବିଶେଷ ଶୋକପ୍ରକାଶ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁ ଚରଣ ଲେଙ୍କାଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି । ସେହିପରି ବିରୋଧୀଦଳ ନେତା କହିଛନ୍ତି, କାହ୍ନୁ ଚରଣଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ । ଦୀର୍ଘଦିନର ରାଜନୈତିକ ଜୀବନରେ ଲୋକଙ୍କ ସେବା ତଥା ଉନ୍ନତି ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ଅବିସ୍ମରଣୀୟ ରହିବ । ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନବୀନ ସମବେଦନା ଜଣାଇଛନ୍ତି ।

ଏହି ପରିପ୍ରେକ୍ଷୀରେ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ମରଶରୀରକୁ ବିଧାନସଭା ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ବାଚସ୍ପତି ସୁରମା ପାଢ଼ୀଙ୍କ ସହିତ ଭାଜପା ବିଧାୟକ ବାବୁସିଂହ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କାହ୍ନୁଚରଣ ଲେଙ୍କାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ବାଚସ୍ପତି କହିଥିଲେ, କାହ୍ନୁଚରଣ ଲେଙ୍କା ଜଣେ ସାଧାରଣ କୃଷକ ପରିବାରରୁ ଆସି ରାଜ୍ୟ ଓ କେନ୍ଦ୍ରରେ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିପାରିଥିଲେ । ନିଜର ସାଙ୍ଗଠନିକ ଦକ୍ଷତା, ସମାଜ କଲ୍ୟାଣମୂଳକ କାର୍ଯ୍ୟ ଓ ପରୋପକାରୀ ମନୋଭାବ ଯୋଗୁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ । ପୂର୍ବତନ ରେଳବାଇର ବିକାଶ ଏବଂ କୃଷକମାନଙ୍କ କଲ୍ୟାଣ ଦିଗରେ ତାଙ୍କର କାର୍ଯ୍ୟ ଅବିସ୍ମରଣୀୟ ରହିବ । ଏହି ଅବସରରେ ବାଚସ୍ପତି ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ ।

ସେହିପରି ତାଙ୍କର ପାର୍ଥିବ ଶରୀର କଂଗ୍ରେସ ଭବନ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସ୍ୱର୍ଗତ ଲେଙ୍କାଙ୍କ ମରଶରୀରରେ ଦଳୀୟ ପତାକା ପକାଇ ଶେଷ ସମ୍ମାନ ଜଣାଇଥିଲେ । ଏହାସହିତ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ପିସିସି କାର୍ଯ୍ୟାଳୟରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ରାମଚନ୍ଦ୍ର ଖୁଣ୍ଟିଆ, ସମୀର କୁମାର ରାଉତରାୟ ପ୍ରମୁଖ ସ୍ୱର୍ଗତ ଲେଙ୍କାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସେ ଭୁବନେଶ୍ୱରର ବିଜେବି ନଗରରେ ରହୁଥିଲେ । ତାଙ୍କର ସ୍ତ୍ରୀ ବିଜୟଲକ୍ଷ୍ମୀ ଲେଙ୍କା, ପୁଅ ଗୁରୁପ୍ରସାଦ ଲେଙ୍କାଙ୍କ ସମେତ ୨ ପୁଅ, ୨ ଝିଅ, ବୋହୂ, ଜ୍ୱାଇଁଙ୍କ ସମେତ ନାତିନାତୁଣୀ ଅଛନ୍ତି । ଭୁବନେଶ୍ୱରରୁ ତାଙ୍କ ମରଶରୀରକୁ ଜନ୍ମସ୍ଥାନ ଅରଡ଼ ଗ୍ରାମକୁ ନିଆଯାଇଥିଲା । ଶୋଭାଯାତ୍ରା ଯାଉଥିବା ବେଳେ ଶଙ୍ଖଡ୍ରାସ, ମହୀଧରପଡ଼ା, ତ୍ରିନାଥ ବଜାର, ଫୁଲନଖରା ଛକଠାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ପୁଷ୍ପମାଲ୍ୟ ଅର୍ପଣ କରି ଶେଷସମ୍ମାନ ଜଣାଇଥିଲେ । ଶୋଭାଯାତ୍ରା ଜନ୍ମସ୍ଥାନ ଅରଡ଼ ଗ୍ରାମ ପରିକ୍ରମା କରିବା ପରେ ମରଶରୀରକୁ ଶେଷକୃତ୍ୟ ପାଇଁ ପୁରୀ ନିଆଯାଇଥିଲା ।

## ଶ୍ରୀଜଗନ୍ନାଥ ଦର୍ଶନ ...

ବିକାଶ ପାଇଁ ୧୫ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ କହଛନ୍ତି, ଡବଲ ଇଞ୍ଜିନ ସରକାର ଯାହା କଥା ଦେଇଥିଲେ ତାହା ପୂରଣ କରୁଛନ୍ତି । ବିକାଶ ହେବ ଓ ଲୋକଙ୍କ ସ୍ୱପ୍ନ ସାକାର ହେବ ବୋଲି ସେ କହିଛନ୍ତି । ଏହି ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୬ ହିତାଧିକାରୀଙ୍କୁ ୭ ଲକ୍ଷ ୨୮ ହଜାର ୪୦୦ ଟଙ୍କା ଆର୍ଥିକ ସହାୟତା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୪ ହିତାଧିକାରୀଙ୍କୁ ୨ ଲକ୍ଷ ୫୩ ହଜାର ୫ ଶହ ଟଙ୍କା ଓ ପ୍ରମାଣପତ୍ର, ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଛି । ସମସ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାଁ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ନରସିଂହ ଭତରା, କୋଟପାଡ଼ ବିଧାୟକ ରୂପୁ ଭତରା, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍., ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଳବନ୍ତ ସିଂ, ନବରଙ୍ଗପୁର ଜିଲାପାଳ ମହେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ମଞ୍ଚରେ ସମସ୍ତ ଅତିଥି ଓ ବିଧାୟକମାନଙ୍କୁ ଭାଷଣ ଦେବାକୁ ସୁଯୋଗ ମିଳିଥିବା ବେଳେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ସୁଯୋଗ ଦିଆଯାଇ ନ ଥିଲା । ଏହାକୁ ନେଇଜିଲାର ବହୁ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହୋଇଛି ।

## ୩,୮୨୬ କୋଟିରୁ ...

୩୦୮.୧୩୨୪ କୋଟି, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ ଲିଃ ୨୧୭.୬୨୧୬ କୋଟି, ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ ୧୭୫ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି । ସେକ୍ଟର ଅନୁଯାୟୀ ଦେଖିଲେ ଉତ୍ପାଦନ ସେକ୍ଟର ସର୍ବାଧିକ ୧,୦୬୩.୧୨୮ କୋଟି ଟଙ୍କା (୨୭.୭୮%) ଚାନ୍ଦା ପ୍ରଦାନ କରିଥିବାବେଳେ ରିଅଲ ଇଷ୍ଟେଟ୍ ୬୨୯.୧୭ କୋଟି ଟଙ୍କା (୧୬.୪୪%) ଏବଂ ଯୋଗାଯୋଗ/ଆଇଟି/ଟେଲିକମ୍ ୪୫୧.୮୫୮୨ କୋଟି (୧୧.୮୧%) ଦେଇଛି । ରାଜ୍ୟୱାରି ଦେଖିଲେ, ମହାରାଷ୍ଟ୍ରରୁ ସର୍ବାଧିକ ୧,୨୨୫.୪୨୯୩ କୋଟି, ତେଲଙ୍ଗାନା ୩୫୮.୨୫ କୋଟି, ହରିୟାଣା ୨୧୨.୯ କୋଟି, ପଶ୍ଚିମବଙ୍ଗ ୨୦୩.୮୫୩୮ କୋଟି ଏବଂ ଗୁଜରାଟ ୨୦୦.୫୦ କୋଟି ଟଙ୍କା ଚାନ୍ଦା ସଂଗୃହୀତ ହୋଇଛି । ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟକୁ ମୋଟ ୧,୦୭୫.୨୦୪୮ କୋଟି ଟଙ୍କା ଚାନ୍ଦା ପ୍ରଦାନ କରିଥିବା ବ୍ୟକ୍ତିବିଶେଷଙ୍କ ଠିକଣା ପ୍ରକାଶ କରାଯାଇ ନାହିଁ । ୧୫ଟି ଟ୍ରଷ୍ଟ ମଧ୍ୟରୁ ୫ଟିକୁ ଉପରୋକ୍ତ ବର୍ଷରେ ଆଦୌ ଚାନ୍ଦା ମିଳି ନ ଥିବାବେଳେ ଅନ୍ୟ ୫ ଟ୍ରଷ୍ଟର ଚାନ୍ଦା ସମ୍ପର୍କରେ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ତଥ୍ୟ ନାହିଁ । ଉକ୍ତ ଟ୍ରଷ୍ଟଗୁଡ଼ିକ ହେଲେ ସ୍ୱଦେଶୀ ଇଲେକ୍ଟୋରାଲ ଟ୍ରଷ୍ଟ, ଏବି ଜେନେରାଲ ଇଲେକ୍ଟୋରାଲ ଟ୍ରଷ୍ଟ, ପିଡି ଜେନେରାଲ ଇଲେକ୍ଟୋରାଲ ଟ୍ରଷ୍ଟ, ଜନତା ନିର୍ବାଚନ ଇଲେକ୍ଟୋରାଲ ଟ୍ରଷ୍ଟ ଏବଂ ଇଣ୍ଡିପେଣ୍ଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ । ହାର୍ମୋନି ଇଲେକ୍ଟୋରାଲ ଟ୍ରଷ୍ଟ ମୋଟ ୩୫.୫୫ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଥିବାବେଳେ ୩୫.୬୫ କୋଟି ଟଙ୍କା ପ୍ରଦାନ କରିଛି, ଅର୍ଥାତ୍ ସଂଗୃହୀତ ଅର୍ଥ ତୁଳନାରେ ୧୦ ଲକ୍ଷ ଟଙ୍କା ଅଧିକ ଦେଇଛି ।

## ଅଷ୍ଟ୍ରେଲିଆକୁ ..

ଗ୍ରୀନ୍ (୧/୬) ଓ ମାର୍କସ ଷ୍ଟୋଇନିସ (୧/୧୭) ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ଅଷ୍ଟ୍ରେଲିଆର ଟପ୍ ଅର୍ଡର ବିଫଳ ହେବା ପରେ ମ୍ୟାଟ୍ ରେନ୍‌ଶ (୪୪ ବଲ୍‌ରୁ ୬୫ରନ) ଓ ଗ୍ଲେନ ମାକ୍ସୱେଲ୍ (୩୨ ବଲ୍‌ରୁ ୩୧) ଚମତ୍କାର ବ୍ୟାଟିଂ କରିବା ଦ୍ୱାରା ଅଷ୍ଟ୍ରେଲିଆ ୧୯.୩ ଓଭରରେ ୧୪୬ ରନ କରିବାରେ ସମର୍ଥ ହୋଇଥିଲା । ଜିମ୍ବାୱେ ତରଫରୁ ଡାହାଣହାତୀ ଫାଷ୍ଟ ବୋଲର ବ୍ଲେସିଂ ମୁଜାରାବାନି (୪/୧୫) ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରିଥିବାବେଳେ ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ ବ୍ରାଡ୍ ଇଭାନ୍ସ (୩/୩୨) ।

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ: ୨୦ ଓଭରରେ ୧୬୯/୨ (ବ୍ରାଏନ୍ ବେନେଟ୍– ୬୪*, ତାଡିୱାନ୍‌ସି ମାରୁମାନି–୩୫, ରିୟାନ ବର୍ଲ ; କାମେରୁନ୍ ଗ୍ରୀନ୍–୧/୬) ।
ଅଷ୍ଟ୍ରେଲିଆ: ୧୯.୩ ଓଭରରେ ୧୪୬ ଅଲ୍‌ଆଉଟ (ମ୍ୟାଟ୍ ରେନ୍‌ଶ–୬୫, ଗ୍ଲେନ ମାକ୍ସୱେଲ–୩୧ ; ବ୍ଲେସିଂ ମୁଜାରାବାନି– ୪/୧୭ ଓ ବ୍ରାଡ୍ ଇଭାନ୍ସ– ୩/୨୩) ।

## ବୋର୍‌ୱେଲରେ ପଡ଼ି ...

କରିଥିଲେ । କୁମ୍ଭାରପଡ଼ା ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ମୃତ ଶିଶୁକନ୍ୟାର ମାମୁଙ୍କ ଅଭିଯୋଗ ଅନୁଯାୟୀ, ମେଡିକାଲ କୋଠା ନିର୍ମାଣ କରୁଥିବା ଶ୍ରମିକଙ୍କୁ ସେ ବାରମ୍ବାର ବୋର୍‌ୱେଲ୍ ପୋତିବା ପାଇଁ କହିଥିଲେ । କିନ୍ତୁ କୋଠା ନିର୍ମାଣ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ କୌଣସି ପଦକ୍ଷେପ ନେଇ ନ ଥିବାରୁ ଆଜି ତାଙ୍କ ଦେଢ଼ବର୍ଷର ଭାଣିଜୀଙ୍କର ପ୍ରାଣ ଚାଲିଯାଇଛି ବୋଲି ଅଭିଯୋଗ କରିଛନ୍ତି ।



ବାଲେଶ୍ୱର ଜିଲା ୧୬ନମ୍ବର ଜାତୀୟ ରାଜପଥ ବାହାନଗା ଓଭରବ୍ରିଜ୍ ଉପରେ ଶୁକ୍ରବାର ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ପୋଲ ଉପରୁ ଝୁଲି ରହିଛି।

# ପୋଲ ଉପରେ ଝୁଲି ରହିଲା ତୀର୍ଥଯାତ୍ରୀ ବସ୍

## ଡ୍ରାଇଭରଙ୍କ ମୃତ୍ୟୁ, ୧୦ଆହତ

**ବାହାନଗା, ୧୩।୨ (ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ୧୬ନମ୍ବର ଜାତୀୟ ରାଜପଥ ବାହାନଗା ଓଭରବ୍ରିଜ୍ ଉପରେ ଶୁକ୍ରବାର ଭୋର ସମୟରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍‌ଟି ଭାରସାମ୍ୟ ହରାଇ ଡିଭାଇଡରରେ ବାଡେଇ ହୋଇ ଚଢିଯିବାରୁ ଓଭରବ୍ରିଜ୍ ଉପରୁ ଝୁଲି ରହିଥିଲା। ଫଳରେ ଡ୍ରାଇଭର ତଳକୁ ଖସି ପଡି ପ୍ରାଣ ହରାଇଥିବାବେଳେ ୩ଜଣ ଯାତ୍ରୀ ଗୁରୁତର ଓ ୧୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ମୃତ ଡ୍ରାଇଭର ହେଲେ ଏନ. ଶ୍ରୀନିବାସ ରାଓ (୫୫) ଓ ତାଙ୍କ ଘର ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌ରେ।

କୋଲକାତା ନଦିଆରୁ ୪୦ ଯାତ୍ରୀ ନେଇ ଏହି ବସ୍ (ନଂ.ଏପି ୨୫ ଡବ୍ଲ୍ୟୁ ୯୯୨୯) ପୁରୀ ଯାଉଥିଲା। ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ବସ୍ ଡିଭାଇଡରରେ ଚଢିଯାଇ ଓଭରବ୍ରିଜ୍‌ରେ ଝୁଲି ରହିଥିଲା। ବାହାନଗା ବ୍ଲକ ଷଠୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରି ପ୍ରଥମେ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଖନ୍ତାପଡା ଥାନା ପୋଲିସ ଡ୍ରାଇଭରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ସମସ୍ତ ତୀର୍ଥଯାତ୍ରୀଙ୍କ ଘର ଆନ୍ଧ୍ରପ୍ରଦେଶର ଜେନାରୁଲାମ ଜିଲାରେ। ସମସ୍ତେ କୋଲକତାର ନଦିଆରେ ପୂର୍ବ ପୁରୁଷମାନଙ୍କୁ ଶ୍ରାଦ୍ଧ ଦେଇ କୋଲକାତା ବୁଲାବୁଲି ପରେ ପୁରୀ ଜଗନ୍ନାଥ ଦର୍ଶନ କରିବାକୁ ଯାଉଥିଲେ। ଶନିବାର ଆନ୍ଧ୍ରପ୍ରଦେଶକୁ ଫେରିଥାନ୍ତେ।

# ୩ ଆସନ ନେବୁ: ତୋମାର

**ଭୁବନେଶ୍ୱର, ୧୩।୨ (ସୁନିତ୍ ମିଶ୍ର)**

୨୦୨୬ ଏପ୍ରିଲରେ ଖାଲି ହେବାକୁ ଥିବା ୪ ରାଜ୍ୟ ସଭା ଆସନରୁ ୩ଟି ଭାଜପା ଦଖଲ କରିବ। ସେଥିପାଇଁ ରଣନୀତି ପ୍ରସ୍ତୁତ ସରିଛି। ଦଳ କେଉଁମାନଙ୍କୁ ପ୍ରାର୍ଥୀ କରିବ ତା'ର ନିଷ୍ପତ୍ତି ସଂସଦୀୟ ବୋର୍ଡ ହିଁ ନେବ ବୋଲି ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ତୋମାର କହିଛନ୍ତି, କାହାକୁ ରାଜ୍ୟ ସଭା ପଠାଯିବ ତା'ର ନିଷ୍ପତ୍ତି କେନ୍ଦ୍ର ନେବ। ସେ କାମ ରାଜ୍ୟ ନେତାମାନଙ୍କର ନୁହେଁ। ଦଳର ରଣନୀତି ପ୍ରସ୍ତୁତ ହେଇସାରିଛି ୩ଟି ଆସନରେ ନିଶ୍ଚୟ ଭାଜପା ଜିତିବ ବୋଲି ଆଶା ଅଛି। ସମସ୍ତେ ଭାଜପା ସହ ଯିବାକୁ ଚାହୁଁଛନ୍ତି। ତେଣୁ ସମୟ ଆସିଲେ ୩ଟି ଯାକ ଆସନ ଭାଜପା କେମିତି ନେଲା ସମସ୍ତେ ଜାଣିବେ ବୋଲି ତୋମାର କହିଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ରାଜ୍ୟ ସଭାରେ ଥିବା ମୁଜିବୁଲ୍ଲା ଖାନ(ମୁନା), ନିରଞ୍ଜନ ବିଶି, ସୁଜିତ୍ କୁମାର ଏବଂ ମମତା ମହନ୍ତଙ୍କ କାର୍ଯ୍ୟକାଳ ଶେଷ ହେବ। କିଛି ମାସ ତଳେ ମମତା ଏବଂ ସୁଜିତ୍ କୁମାର ବିଜେଡିରୁ ଛାଡ଼ିବା ସହିତ ରାଜ୍ୟ ସଭା ପଦରୁ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ଦୁଇ ଆସନ ଲାଗି ଉପନିର୍ବାଚନ ହେବା ସହ ଭାଜପା ବିଜେଡିରୁ ଆସିଥିବା ୨ ଜଣଙ୍କୁ ପ୍ରାର୍ଥୀ କଲା ଏବଂ ଉଭୟ ପୁଣିଥରେ ରାଜ୍ୟ ସଭାକୁ ନିର୍ବାଚିତ ହେଲେ। ସଂଖ୍ୟା ଦୃଷ୍ଟିରୁ ବିଜେଡି ଗୋଟିଏ ଏବଂ ଭାଜପା ୨ଟି ଆସନରେ ବାଜିମାତ କରିବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଇପାରେ। ହେଲେ ଯେଉଁ ୪ର୍ଥ ଆସନ ରହିଛି ସେଥିପାଇଁ ସଂଖ୍ୟା ଦୃଷ୍ଟିରୁ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ଭିତରେ ରାଜନୈତିକ ଲଢ଼େଇ ହେବ। ଏବେ ଏହି ଆସନକୁ ଭାଜପା ସୁନିଶ୍ଚିତ ଜିତିବ ବୋଲି ଆଗୁଆ ଦାବି କରିବା ଆରମ୍ଭ କରିଛି। କିଛିଦିନ ତଳେ ଭାଜପା ନେତା ତଥା ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ସମାନ ଦାବି କରିଥିଲେ।

# ମହୁମାଛି ଆକ୍ରମଣରେ ଜଣେ ମୃତ, ୫ ଆହତ

**ରାଜକନିକା, ୧୩।୨ (ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଜାଗୁଲାଇପଡ଼ା ଗାଁରେ ଶୁକ୍ରବାର ମଧ୍ୟାହ୍ନରେ ମହୁମାଛି ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫ ଜଣ ଆହତ ହୋଇଛନ୍ତି। ୬ଜଣଙ୍କୁ ପ୍ରାଥମିକ ଅବସ୍ଥାରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବୋଲି ଡା. ଜ୍ୟୋତିପ୍ରକାଶ ଦାଶ ସୂଚନା ଦେଇଛନ୍ତି। ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ବାଟରେ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ଜାଗୁଲାଇପଡ଼ା ଗାଁର ବୈଲୋଚନ ବିଶ୍ୱାଳ(୭୬)।

ବୈଲୋଚନ ମଧ୍ୟାହ୍ନରେ ଗାଁ ମୁଣ୍ଡ ନଳକୂଅ ପାଖରେ ସ୍ନାନ ସାରି ଫେରିବା ବେଳେ ସଂଖ୍ୟାଧିକ ମହୁମାଛି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ବିଶ୍ୱାଳ ପ୍ରାଣବିକଳରେ ଦୌଡ଼ିବାବେଳେ ମହୁମାଛିଙ୍କ କବଳରୁ ରକ୍ଷା ନ ପାଇ ସେଠାରେ ପଡ଼ିଯାଇଥିଲେ। ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲା। ତେବେ ଆମ୍ବୁଲାନ୍ସ ଯୋଗେ ଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ସୂଚନା ହସ୍ତଗତ ହୋଇଛି। ସେହିପରି ଜାଗୁଲାଇପଡ଼ା ଗାଁର ସୁଧୀର ସାହୁ ବାଇକ୍ ଯୋଗେ ଯାଉଥିବାବେଳେ, ସେହିବାଟ ଦେଇ ଯାଉଥିବା ୧୦ମ ଶ୍ରେଣୀ ଛାତ୍ରୀ ସୋନାଶ୍ରୀ ମହାନ୍ତି (୧୬), ୧୦ମ ଶ୍ରେଣୀ ଛାତ୍ର ପ୍ରିୟାଂଶୁ ପଲାଇ (୧୬) ମଧ୍ୟ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ସେହିପରି ମାଟିଆ ଗାଁର ମହିଳା ଅର୍ଚ୍ଚନା ନାୟକ(୩୬) ଓ ଅନ୍ୟଜଣେ ମହୁମାଛି ଆକ୍ରମଣରେ ଆହତ ହୋଇଛନ୍ତି। ତେବେ ଜାଗୁଲାଇପଡ଼ା ଉପ୍ରା ବିଦ୍ୟାଳୟ ନିକଟ ଖେଳ ପଡ଼ିଆ ପାଖରେ ଥିବା ବଉଳ ଗଛରେ ବଡ଼ ମହୁମାଛି ଫେଣାକୁ ଭାଙ୍ଗିବାକୁ ବନବିଭାଗକୁ ଅନୁରୋଧ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।







# ଗାଁ ରାସ୍ତାରେ କୋଇଲା ପରିବହନ ନିର୍ଦ୍ଦେଶକୁ ତୀବ୍ର ବିରୋଧ

## ପ୍ରଶାସନ-ଗ୍ରାମବାସୀ ସମନ୍ୱୟ ବୈଠକରେ ଉତ୍ତେଜନା

**ଛେଣ୍ଡିପଦା, ୧୩।୨ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ନୈନି କୋଇଲା ଖଣିରୁ କୋଇଲା ପରିବହନ ପାଇଁ ପ୍ରଶାସନ ପକ୍ଷରୁ ଶୁକ୍ରବାର କରାଯାଇଥିବା ସମନ୍ୱୟ ବୈଠକରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଗାଁ ରାସ୍ତା ଦେଇ କୋଇଲା ପରିବହନ ପାଇଁ ପ୍ରଶାସନର ନିର୍ଦ୍ଦେଶନାମାକୁ ବୈଠକରେ ଉପସ୍ଥିତ ଗ୍ରାମବାସୀ ଓ ଜନପ୍ରତିନିଧି ତୀବ୍ର ବିରୋଧ କରିଥିଲେ।

ସୂଚନା ଅନୁଯାୟୀ, ଛେଣ୍ଡିପଦାସ୍ଥିତ ନୈନି କୋଇଲା ଖଣିରୁ କଣିହାଁସ୍ଥିତ ଜେଆଇଟିପିଏଲ୍‌କୁ କୋଇଲା ପରିବହନ କରାଯିବ। ଛେଣ୍ଡିପଦା, ଡାଇଭର, କଙ୍କୁରପାଳ, ଟାଙ୍ଗୁଡ଼ିଆ ଦେଇ ଏହି ପରିବହନ କରାଯିବା ପାଇଁ ଅନୁଗୋଳ ଜିଲାପାଳଙ୍କ ପକ୍ଷରୁ ଚିଠି ନଂ. ୩୧୫/୨୭।୦୧।୨୬ରେ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏ ସମ୍ପର୍କରେ ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ଏ ନେଇ କେତୋଟି ଗ୍ରାମବାସୀ ଗାଁରେ ବୈଠକକରି ବିରୋଧ କରିବା ସହିତ ପାଳିକରି ଦିନରାତି ଗାଁ ରାସ୍ତା ଜଗିରହି ଭାରିଯାନ ଚଳାଚଳକୁ ବିରୋଧ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଦିନକୁ ଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତେଜୁଥିବାରୁ ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ୪ଟି ଗ୍ରାମର ଗ୍ରାମ୍ୟ କମିଟି ଓ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ବ୍ଲକ ସଭାଗୃହ ଠାରେ ଏକ ସମନ୍ୱୟ ବୈଠକ ପାଇଁ ଛେଣ୍ଡିପଦା ତହସିଲଦାରଙ୍କ ପକ୍ଷରୁ ଚିଠି କରାଯାଇଥିଲା। ତଦନୁଯାୟୀ ଛେଣ୍ଡିପଦା ତହସିଲଦାର ମାନସ ରୟଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହ ଠାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟଙ୍କ ସମେତ ଟ୍ରକ୍ ମାଲିକ ସଂଘ, ୪ଟି ଗ୍ରାମର ଗ୍ରାମ ସଭାପତି, ସରପଞ୍ଚ, ସମିତି ସଭ୍ୟ ଓ ବହୁ ଗ୍ରାମବାସୀ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରୁ ଜନ ପ୍ରତିନିଧିମାନେ ଗାଁ ରାସ୍ତା ଦେଇ କୋଇଲା ଗାଡ଼ି ଚଳାଚଳକୁ ତୀବ୍ର ବିରୋଧ କରିଥିଲେ। ଯଦି ପ୍ରଶାସନ କୋଇଲା ଗାଡ଼ି ଗାଁ ରାସ୍ତାରେ ଚଳାଚଳ କରେ, ତେବେ ଲୋକଙ୍କ ଉପରେ ଟ୍ରକ୍ ଚଢ଼ାଇ ନେବା ପାଇଁ ଗ୍ରାମ୍ୟ କମିଟି ଠାରୁ ଆରମ୍ଭ କରି ବିଭିନ୍ନ ଲୋକ ପ୍ରତିନିଧି ଉତ୍ତ୍ୟକ୍ତ ହୋଇ ମତ ଦେଇଥିଲେ। ଫଳରେ ସମନ୍ୱୟ ବୈଠକରେ ଉତ୍ତେଜନା ସ୍ଥିତି ଦେଖା ଦେଇଥିଲା। ଏହାପରେ ଲୋକଙ୍କ ଦାବି ଅନୁଯାୟୀ କୋଇଲା ପରିବହନ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିବା ସହିତ ବୈଠକ ଶେଷ ହୋଇଥିଲା।



ପ୍ରଶାସନ-ଗ୍ରାମବାସୀ ସମନ୍ୱୟ ବୈଠକରେ ଲୋକେ ବିରୋଧ ପ୍ରଦର୍ଶନ କରୁଛନ୍ତି।

> ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡିକୁ ମାନିବାକୁ ତତ୍ପର ହେଉଥାଅ– ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ । ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ ।–**ଶ୍ରୀମା**



# ବିକଳ୍ପ ଶେଷ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ବର୍ଷ ବର୍ଷ ଧରି ସିଭିଲ ସର୍ଭିସ ପରୀକ୍ଷାରେ ବ୍ୟବସ୍ଥାଗତ ତ୍ରୁଟି ରହିଥିଲା । ପରୀକ୍ଷାରେ ପାସ୍ କରି ଆଇଏଏସ୍ କିମ୍ବା ଆଇଏଫ୍ଏସ୍‌ରେ ପ୍ରବେଶ କଲେ ମଧ୍ୟ ସେମାନେ ଭଲ ର୍‍ୟାଙ୍କ, ପସନ୍ଦର କ୍ୟାଡର କିମ୍ବା ଅଧିକ ରଣନୀତିକ ନିଯୁକ୍ତି ଲକ୍ଷ୍ୟରେ ପୁଣି ଥରେ ପରୀକ୍ଷା ଦେବାକୁ ଚେଷ୍ଟା କରିଥାନ୍ତି । ସେହି ବିକଳ୍ପ ଏବେ ଇତିହାସ ହୋଇଯାଇଛି । ୟୁନିଅନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି) ନିୟମଗୁଡ଼ିକୁ କଡ଼ାକଡ଼ି କରିଛି । ସଙ୍କେତ ଦେଇଛି ଯେ, ଯଦି ଆପଣଙ୍କୁ ଆଇଏଏସ୍ କିମ୍ବା ଆଇଏଫ୍ଏସ୍ ପଦବୀ ପ୍ରଦାନ କରାଯାଏ, ତେବେ ଦ୍ୱିତୀୟ ଥର ପାଇଁ କୌଣସି ଆଶା ରଖ ନାହିଁ । ପୁନଃ ପ୍ରଦର୍ଶନ ପାଇଁ ସୁଯୋଗ ନାହିଁ । ଯେଉଁ ଆଶାୟୀମାନେ ସେମାନଙ୍କର ପ୍ରଥମ ଚୟନକୁ ଲକ୍ଷ୍ୟସ୍ଥଳ ବଦଳରେ ପରୀକ୍ଷାର ଏକ ସୋପାନ ବୋଲି ମନେ କରୁଥିଲେ, ସେମାନଙ୍କ ପାଇଁ ଏହା ସ୍ପଷ୍ଟତଃ ଏକ ଅପ୍ରୀତିକର ଖବର । କିନ୍ତୁ ବ୍ୟବସ୍ଥାଗତ ଦୃଷ୍ଟିକୋଣରୁ, ବହୁପୂର୍ବରୁ ଏଭଳି ପରିବର୍ତ୍ତନକୁ ଅପେକ୍ଷା କରାଯାଇଥିଲା । ପୂର୍ବରୁ ମନୋନୀତ ପ୍ରାର୍ଥୀଙ୍କୁ ପୁନର୍ବାର ପରୀକ୍ଷା ଦେବାକୁ ଅନୁମତି ଦେବା ଯୋଗୁ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଥିଲା ଏବଂ ନୂତନ ପ୍ରାର୍ଥୀଙ୍କୁ ଅପେକ୍ଷା କରିବାକୁ ପଡୁଥିଲା । ୟୁପିଏସ୍‌ସି ଏବେ ନୂତନ ଢାଞ୍ଚାରେ ଏକ କଠୋର ସୀମା ରଖିଛି । ଯଦି ଜଣେ ପ୍ରାର୍ଥୀ ପରବର୍ତ୍ତୀ ପରୀକ୍ଷାର ମେନ୍ ପରୀକ୍ଷା ପୂର୍ବରୁ ଆଇଏଏସ୍ କିମ୍ବା ଆଇଏଫ୍ଏସ୍‌ରେ ନିଯୁକ୍ତି ପାଆନ୍ତି, ତେବେ ସେମାନଙ୍କୁ ସେହି ପ୍ରୟାସରୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ । ଏପରିକି ନିଯୁକ୍ତି ମେନ୍ ପରୀକ୍ଷା ପରେ ଏବଂ ଚୂଡ଼ାନ୍ତ ଫଳାଫଳ ପୂର୍ବରୁ ଆସେ, ତେବେ ପରବର୍ତ୍ତୀ ସଫଳତାକୁ ସେବା ଆବଣ୍ଟନ ପାଇଁ ଗଣନା କରାଯିବ ନାହିଁ । ଆଇପିଏସ୍ ଏବଂ ଅନ୍ୟାନ୍ୟ ଗ୍ରୁପ–ଏ ସେବାଗୁଡ଼ିକ ବ୍ୟବସ୍ଥା ଟିକିଏ କୋହଳ । ଗୋଟିଏ ଥର ପରୀକ୍ଷା ଦେବା କଟକଣାରୁ ଛାଡ଼ ଦିଆଗଲେ ମଧ୍ୟ ଏହା ସର୍ତ୍ତମୂଳକ । ଏଥିରୁ ବୁଝାପଡୁଛି ଯେ, ସିଭିଲ୍ ସର୍ଭିସ ଆଉ ଟ୍ରାଏଲ ଆଣ୍ଡ ଏରର ଗେମ୍ ନୁହେଁ । ଚୟନ ଶେଷ ବିନ୍ଦୁ ହେବା ଦରକାର ।

### ଡିଜିପି ଦ୍ୱନ୍ଦ୍ୱ

ସେପ୍ଟେମ୍ବର ୨୦୨୫ ଠାରୁ ୟୁପିଏସ୍‌ସି ଅନୁମୋଦିତ ପ୍ୟାନେଲ ଥିବା ସତ୍ତ୍ୱେ ତାମିଲନାଡୁ ନିୟମିତ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେବାକୁ ମନା କରିଛି । ସୂତ୍ରରୁ ଜଣାପଡ଼ିଛି , ରାଜ୍ୟ ସରକାର ଜାଣିଶୁଣି ଜି. ଭେଙ୍କଟରାମନଙ୍କୁ 'କାର୍ଯ୍ୟକାରୀ' ଡିଜିପି ଭାବରେ ରଖୁଛନ୍ତି । ମେ ୨୦୨୬ରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି, ନିୟମିତ ନିଯୁକ୍ତି ପରିବର୍ତ୍ତେ ସରକାରଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରୁଥିବା ଜଣେ ଦୁର୍ବଳ ପୋଲିସ ମୁଖ୍ୟଙ୍କୁ ରଖୁଛନ୍ତି, ଯାହା ସମ୍ପୂର୍ଣ୍ଣ ରାଜନୈତିକ । ଏପରି ପ୍ରକ୍ରିୟା ଅଗ୍ରହଣୀୟ ବୋଲି ସମ୍ପ୍ରତି ସୁପ୍ରିମକୋର୍ଟ ଭର୍ତ୍ସନ କରିବା ସହ କହିଛନ୍ତି ଯେ ଏହା ସମସ୍ୟାଜନକ । କିନ୍ତୁ କେବଳ ତାମିଲନାଡୁ କ୍ଷେତ୍ରରେ ନୁହେଁ, ବରଂ ସାମଗ୍ରିକ ଭାବେ ଏକ ବ୍ୟାପକ ଅବ୍ୟବସ୍ଥାକୁ ସୂଚିତ କରାଯାଇଛି, ଯେଉଁଠାରେ ରାଜ୍ୟଗୁଡ଼ିକ ନିୟମିତ ଭାବରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଉପରେ ପ୍ରଶାସନିକ ନିୟନ୍ତ୍ରଣ ବଜାୟ ରଖିବା ପାଇଁ ପ୍ରକ୍ରିୟାକୁ ଅଣଦେଖା କରୁଛନ୍ତି । ଯେଉଁ ରାଜନୈତିକ ବର୍ଗ ନିୟମିତ ଭାବରେ ସାଂଗଠନିକ ଅଖଣ୍ଡତା ବିଷୟରେ ବକ୍ତୃତା ଦିଅନ୍ତି, ସେମାନେ ସେମାନଙ୍କର ନିର୍ବାଚନୀ ଗଣିତକୁ ଦେଖି ସେହି ସଂସ୍ଥାଗୁଡ଼ିକୁ ନଷ୍ଟ କରିଦିଅନ୍ତି । ୟୁପିଏସ୍‌ସି ପ୍ୟାନେଲରେ ଥିବା ତିନି ଅଧିକାରୀ ସୀମା ଅଗ୍ରୱାଲ, ରାଜୀବ କୁମାର ଏବଂ ସନ୍ଦୀପ ରାୟ ରାଠୋର ମୂଳତଃ ଅଟକି ରହିଛନ୍ତି । ଅଗଷ୍ଟ ୨୦୨୫ରେ ପୂର୍ବତନ ଡିଜିପି ଶଙ୍କର ଜିୱାଲଙ୍କ ଅବସରର ତିନି ମାସ ପୂର୍ବରୁ ରାଜ୍ୟ ୟୁପିଏସ୍‌ସି ପ୍ରକ୍ରିୟା ଆରମ୍ଭ କରିବା ଉଚିତ ଥିଲା । କିନ୍ତୁ ଏହା ନକରି ସରକାର ଜାଣିଶୁଣି ବିଳମ୍ବ କରିଛନ୍ତି । ସୁପ୍ରିମକୋର୍ଟଙ୍କ ନୂତନ ନିର୍ଦ୍ଦେଶନାମା ଅବମାନନା ମାମଲା ପାଇଁ ୟୁପିଏସ୍‌ସିକୁ ସିଧାସଳଖ କୋର୍ଟକୁ ଯିବାକୁ କ୍ଷମତା ଦେଇଛି, ଯାହା ସ୍ୱାଗତଯୋଗ୍ୟ । କିନ୍ତୁ ଏହା କ'ଣ କାମ କରିବ ?

### ନିର୍ବାଚନ କମିଶନଙ୍କ କଠୋର ମନୋଭାବ

ଭାରତର ନିର୍ବାଚନ କମିଶନ (ଇସିଆଇ) ପଶ୍ଚିମବଙ୍ଗ ସରକାର ତାଙ୍କର ପ୍ରମୁଖ ଅଧିକାରୀଙ୍କୁ ରାଜ୍ୟରେ ରଖିବା ପାଇଁ କରିଥିବା ଏକ ଆବେଦନକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ନିର୍ବାଚନ କମିଶନ ଜୋର୍ ଦେଇଛନ୍ତି ଯେ, ରାଜ୍ୟ ଗୃହ ସଚିବ ଜଗଦୀଶ ପ୍ରସାଦ ମୀନାଙ୍କ ସମେତ ପଶ୍ଚିମବଙ୍ଗ କ୍ୟାଡରର ସମସ୍ତ ୨୫ ଜଣ ବରିଷ୍ଠ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କୁ ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ବାଧ୍ୟତାମୂଳକ ଭାବେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ବ୍ରିଫିଂ ପାଇଁ ନୂଆଦିଲ୍ଲୀରେ ରିପୋର୍ଟ କରିବାକୁ ପଡ଼ିବ । ରାଜ୍ୟ ସରକାର ଯୁକ୍ତି ବାଢ଼ିଥିଲେ ଯେ ନିର୍ବାଚନ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ରାଜ୍ୟ ବାହାରକୁ ତାଙ୍କର ଶୀର୍ଷ ଅଧିକାରୀଙ୍କୁ ପଠାଇଲେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପାରେ ଏବଂ ପ୍ରଶାସନିକ ନିରନ୍ତରତାକୁ କ୍ଷତି ପହଞ୍ଚିପାରେ । ରାଜ୍ୟ ସରକାର ନିର୍ବାଚନ କମିଶନଙ୍କ ତାଲିକାରୁ ୯ ଜଣ ଅଧିକାରୀଙ୍କୁ ବାଦ୍ ଦେବା ପାଇଁ ଦାବି କରି ବିକଳ୍ପ ନାମ ପ୍ରସ୍ତାବ ଦେଇଥିଲେ । କିନ୍ତୁ ନିର୍ବାଚନ ପ୍ୟାନେଲ ଏଥିରେ କୌଣସି ନାମ ରଖି ନ ଥିଲେ । ବରଂ ଦୁଇ ଦିନିଆ ବ୍ରିଫିଂରେ ଉପସ୍ଥିତିକୁ ବାଧ୍ୟତାମୂଳକ କରାଯାଇଥିଲା । ଏହା କେବଳ ବିବାଦର କଥା ନୁହେଁ, ଏହା ନିର୍ବାଚନ ପରିଚାଳନାରେ କେନ୍ଦ୍ର–ରାଜ୍ୟ ପଦକ୍ଷେପର ଏକ ବିକଶିତ ରୂପକୁ ପ୍ରକାଶ କରେ । ପାରମ୍ପରିକ ଭାବରେ କିଏ କେଉଁଠିକୁ ଏବଂ କେତେବେଳେ ଯିବ ତାହା ରାଜ୍ୟଗୁଡ଼ିକ ସ୍ଥିର କରିପାରିବେ । ଜଣାପଡୁଛି ନିର୍ବାଚନ କମିଶନ ନିଜ ଘର ସଜାଡ଼ି ରଖିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ । ତେବେ ପଶ୍ଚିମବଙ୍ଗରେ ରାଜନୈତିକ ଝଡ଼ ଆରମ୍ଭ ହୋଇଯାଇଥିବାରୁ ଏହାର ଗୃହ ସଚିବଙ୍କୁ ଏକ ନିରପେକ୍ଷ ପ୍ରହରୀ ଭାବରେ ରାଜ୍ୟ ବାହାରକୁ ପଠାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି ।

Email: dilipcherian@gmail.com

## su|do|ku  ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 2 | 7 | 5 | 3 | 4 | 8 |
| 7 | | | | | | | 5 | 1 |
| | | 4 | | 6 | 8 | 7 | 9 | |
| 9 | | | 6 | | 7 | | 1 | 3 |
| | | 1 | 5 | | 3 | | | 4 |
| | | 5 | 9 | | | | 8 | |
| 5 | | 3 | 8 | | | | 7 | 6 |
| 4 | 2 | | | | | | 3 | 9 |
| 8 | | 7 | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 4 | 9 | 8 | 5 | 6 | 1 | 3 |
| 8 | 6 | 3 | 2 | 7 | 1 | 4 | 5 | 9 |
| 9 | 1 | 5 | 4 | 3 | 6 | 2 | 8 | 7 |
| 6 | 4 | 8 | 5 | 2 | 3 | 7 | 9 | 1 |
| 5 | 2 | 1 | 6 | 9 | 7 | 8 | 3 | 4 |
| 7 | 3 | 9 | 8 | 1 | 4 | 5 | 2 | 6 |
| 3 | 8 | 2 | 7 | 4 | 9 | 1 | 6 | 5 |
| 1 | 5 | 7 | 3 | 6 | 2 | 9 | 4 | 8 |
| 4 | 9 | 6 | 1 | 5 | 8 | 3 | 7 | 2 |

ଗତକାଲିର ଉତ୍ତର

# ଆମକୁ ଯାହା ଲଜ୍ଜା ନାହିଁ



**ରଞ୍ଜନ କୁମାର ଦାସ**

ଆମ ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି, ଚଳଣି, ଆମ ଖାଦ୍ୟ, ଆମ ବିଚାରଧାରା ସବୁଠି ବର୍ତ୍ତମାନ ଅନୁପ୍ରବେଶର ଉପଦ୍ରବ । ଏସବୁ ଭିତରେ ଉଣା ଅଧିକେ ହଜିବାକୁ ବସିଲାଣି ଆମ ଓଡ଼ିଆତ୍ୱ । ଆମ ସଂସ୍କୃତି କଥା ଚିନ୍ତା କଲାବେଳେ ଅନେକ ସମୟରେ ପଛରୁ ଗୋଟେ ପ୍ରକାରର ମାନସିକ ଧକ୍କାର ଖାଇଲା ଭଳି ଲାଗେ । ଲାଗେ ଯେମିତି ପଛପଟୁ କେହିଜଣେ ତଣ୍ଟିଆ ମାରି କହୁଚି ଧିକ୍ ଧିକ୍ ତୁମ ଓଡ଼ିଆତ୍ୱକୁ ଧିକ୍ ।

କିଛି ବର୍ଷ ତଳର କଥା । ମୁଁ ରାଜ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଭାବେ କାମ କରୁଥାଏ । ତଦନୁଯାୟୀ ପ୍ରଦପ୍ରଯୁକ୍ତ ଭାବେ ମୁଁ ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟର ପରିଚାଳନା କମିଟି ଓ ପାଠ୍ୟକ୍ରମ ବିଷୟ ସଂକ୍ରାନ୍ତୀୟ କମିଟିରେ ସଦସ୍ୟ ଥାଏ । ୨୦୨୦ ମସିହାରେ ଥରେ ଗୋଟିଏ ସମୀକ୍ଷା ବୈଠକ ସମୟରେ ଜଣାପଡ଼ିଲା ଯେ ସେଠି ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ନାହିଁ । ଅଥଚ ଜୈନ୍ ଓ ତାମିଲ ଷ୍ଟଡିଜ୍ ବିଭାଗ ଥାଏ । ଆମ ମୁଣ୍ଡରେ ବଜ୍ର ପଡ଼ିଲା ପରି ଲାଗିଲା । ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟରେ କେମିତି ଓଡ଼ିଆ ଭାଷା ସାହିତ୍ୟ ବିଭାଗ ରହିବ ନାହିଁ ? ସେଦିନ ନିଷ୍ପତ୍ତି ହେଲା ଏ ବିଭାଗ ପୂର୍ଣ୍ଣାଙ୍ଗ ଭାବେ ନ ଖୋଲିବା ପର୍ଯ୍ୟନ୍ତ ଆଉ କୌଣସି ବିଷୟ ଆଲୋଚନା କରାଯିବ ନାହିଁ । ପରେ ଅବଶ୍ୟ ୨୦୨୧ରେ ସରକାରଙ୍କ ତ୍ୱରିତ୍ ନିଷ୍ପତ୍ତି ଯୋଗୁ ସେ ବିଭାଗ ଖୋଲିଲା । ବିଭାଗ ଖୋଲିବା ସହ ଉଚ୍ଚତର ଗବେଷଣା ପାଇଁ ଶ୍ରୀଜଗନ୍ନାଥ ଚେୟାର, ଭୀମଭୋଇ ଚେୟାର ଓ ଶାରଳାଦାସ ଚେୟାର ଆଦି ପ୍ରତିଷ୍ଠା ହେଲା । ଆଉ ଗୋଟିଏ ବିଷୟ ସେତେବେଳେ ଆମକୁ ଆନ୍ଦୋଳିତ କରିଥିଲା । ବିଷୟଟି ହେଲା ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧୀନରେ ଅନେକଗୁଡ଼ିଏ ହୋଟେଲ୍ ମ୍ୟାନେଜ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌କୁ ସ୍ୱୀକୃତି ଓ ଅନୁବନ୍ଧନ ମିଳିଥିଲା । ଅନେକଗୁଡ଼ିଏ ଇନ୍‌ଷ୍ଟିଚ୍ୟୁଟ୍‌ର ପାଠ୍ୟକ୍ରମ ଆଦି ଅନୁଧ୍ୟାନ କଲାପରେ ଜଣାପଡ଼ିଲା ଯେ ସେମାନେ ଚାଇନିଜ୍ କଣ୍ଟିନେଣ୍ଟାଲ୍, ଥାଇ, ମୋଗଲାଇ ଆଦି ରନ୍ଧନ କୌଶଳ ଶିକ୍ଷା ଦେଉଛନ୍ତି । ମାତ୍ର ପାରମ୍ପରିକ ଓଡ଼ିଆ ଖାଦ୍ୟପ୍ରଣାଳୀ ଉପରେ କାହାର ଧ୍ୟାନ ନ ଥିଲା । ପାଠ୍ୟକ୍ରମ କମିଟିର ସଦସ୍ୟମାନେ ନିଷ୍ପତ୍ତି ନେଲେ ଯେ ଏସବୁ କଲେଜମାନେ ତୁରନ୍ତ ଓଡ଼ିଆ ଖାଦ୍ୟ ପ୍ରଣାଳୀ ଉପରେ ପାଠ୍ୟକ୍ରମ ଆରମ୍ଭ କରିବା ସହ ଏକ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରଦର୍ଶନୀ କରନ୍ତୁ । ଯଦି ଜଣେ ଓଡ଼ିଆ ହୋଟେଲ୍ ମ୍ୟାନେଜମେଣ୍ଟ ଛାତ୍ର ମହୁର, ବେସର, ଆମ୍ବୁଲ ରାଇ, ପଖାଳ, ଶାଗମୁଗ ଏବଂ ଓଡ଼ିଶା ପିଠାପଣା ଜାଣିବ ନାହିଁ ବା ଏଭଳି ଅନୁଷ୍ଠାନମାନେ ତାଙ୍କୁ ଏ ବିଷୟ ଶିଖାଇବେ ନାହିଁ ତେବେ ତାଙ୍କୁ ସ୍ୱୀକୃତି ଦେଇ ଲାଭ କ'ଣ ? ବରଂ ଏଭଳି ଅନୁଷ୍ଠାନ ବନ୍ଦ ହୋଇଗଲେ ଅନୁଶୋଚନା ଆସିବ ନାହିଁ । କିଛିଦିନ ପରେ ଏଭଳି ଏକ ପ୍ରଦର୍ଶନୀ ହେଲା ମଧ୍ୟ । ଏସବୁ କେବଳ ଥରେ କରିଦେଲେ ହୋଇଯିବ ନାହିଁ । ନିରନ୍ତର ଭାବେ ଏହାକୁ ଜାରି ରଖିବାର ଆବଶ୍ୟକତା ଥିଲା । ମାତ୍ର ତାହା ହେଲା ନାହିଁ ।



ଗତ କିଛିବର୍ଷ ହେଲା ଓଡ଼ିଆ ଅସ୍ମିତାକୁ ନେଇ ଚର୍ଚ୍ଚା ଚାଲିଛି । ମାତ୍ର କ'ଣ ସେ ଅସ୍ମିତା ? କେବଳ ଫମ୍ପାମାଠିଆର ଶବ୍ଦ ? ସତରେ କ'ଣ ଆମ ସଂସ୍କୃତିରେ ଗର୍ବ କରିବାର କିଛି ବିଷୟ ନାହିଁ ଯେ ଆମେ ବିକଳ ହୋଇ ଅନ୍ୟଠାରୁ ଧାର ଆଣୁଛୁ ? ନା ଯାହା ବି ଗର୍ବ କରିବାର ବିଷୟ ଅଛି ଆମେ ତାକୁ ଚିହ୍ନଟ କରିପାରୁ ନାହୁଁ ? ଘରେ ଘରେ ଆଜି ପାରମ୍ପରିକ ଓଡ଼ିଆ ଖାଦ୍ୟ ସବୁ ହଜିଗଲାଣି । ମଣ୍ଡା, ଆରିସା, ଏଣ୍ଡୁରିଠାରୁ ଆରମ୍ଭ କରି ପୋଡ଼ପିଠା, ଛୁଞ୍ଚିପତ୍ର ପିଠା ଭଳି ଅନେକ ପ୍ରକାର ପିଠା ଆମ ସଂସ୍କୃତିର ପ୍ରାଣକେନ୍ଦ୍ର ଜଗନ୍ନାଥ ମନ୍ଦିରରେ ପ୍ରଚଳିତ । ମାତ୍ର ଘରେ ଏବେ କେକ୍, ପିଜା, ମୋମୋ, ସ୍ପ୍ରିଙ୍ଗରୋଲ୍, ରୋଲ, ହଟଡଗ୍, ବର୍ଗର, ମାଗି ଏପରି କି ଇଡ଼ିଲି ଦୋଷା ବେଶ୍ ଲୋକପ୍ରିୟ । ହେଲେ ଆମେ ଚିନ୍ତା କରିଚେ କେବେ ଆମ ବରା, ପିଆଜି, ଚକୁଳି, ଡାଲମା, ସନ୍ତୁଳା, ଛେନାପୋଡ଼, ମାଛ ବେସର, ପାଲୁଅଲଡୁ ଅନ୍ୟ କୋଉ ରାଜ୍ୟରେ ବିକ୍ରି ହେବାର ? ଅନ୍ୟ ରାଜ୍ୟର ଲୋକେ ତାକୁ ଆଗ୍ରହରେ ଖାଇବାର ଦେଖିଛନ୍ତି ? ଆମର ଏଠି ଯେତିକି ଢାବା ଅଛି, ପଞ୍ଜାବରେ ସେତିକି ନନା ଭାଇନା ହୋଟେଲ ଅଛି, ଯେଉଁଠି ପଖାଳ, ବଡ଼ିଚୂରା, ଶାଗଭଜା ମିଳିବ ? ଓଡ଼ିଶାରେ ଯେତିକି ସାଉଥ୍ ଇଣ୍ଡିଆନ୍ ହୋଟେଲ ଦୋଷା, ଇଡ଼ିଲି ବିକୁଛନ୍ତି ଆନ୍ଧ୍ର, ତାମିଲନାଡୁରେ ସେତିକି ବରା, ଗୁଲୁଗୁଲା, ପିଆଜି, ଛେନାପୋଡ଼ ବିକୁଥିବା ହୋଟେଲ ଥିବ ? ନା ସେମାନେ ତାଙ୍କ ସଂସ୍କୃତିକୁ ଛାଡ଼ିବେନି । ତେବେ ଆମେ କାହିଁକି ଏତେ ବିକଳ ଅନ୍ୟର ଖାଦ୍ୟକୁ ଆପଣେଇବାକୁ, ଅନ୍ୟର ରୁଚିକୁ ଗ୍ରହଣ କରିବାକୁ ?

ଆଜିକାଲି ବାହାଘରରେ ଦେଖିଥିବେ ଓଡ଼ିଆ ସ୍ତ୍ରୀ ଲୋକମାନେ ମାରୱାଡ଼ି ଷ୍ଟାଇଲ୍‌ରେ ଶାଢ଼ି ପିନ୍ଧିଥିବାର । ନବବଧୂମାନେ ଲେହେଙ୍ଗା ପିନ୍ଧିଥିବାର ଦୃଶ୍ୟ ତ ଆଜିକାଲି ସାର୍ବଜନୀନ । କେତେଜଣ ଆଜି ଏଭଳି ଉତ୍ସବରେ ଓଡ଼ିଆଣୀ ଷ୍ଟାଇଲରେ ଶାଢ଼ି ପିନ୍ଧୁଛନ୍ତି ? ମାରୱାଡ଼ି ଯଦି ତାଙ୍କ ଷ୍ଟାଇଲ୍‌ରେ, ବଙ୍ଗାଳୀ ଯଦି ତାଙ୍କ ଷ୍ଟାଇଲ୍ ଓ ଦକ୍ଷିଣ ଭାରତୀୟମାନେ ଯଦି ତାଙ୍କ ଷ୍ଟାଇଲ୍‌ର ପୋଷାକ ପିନ୍ଧି ବାହା ହେଉଛନ୍ତି ପୁଅ ଝିଅଙ୍କ ବାହାଘରରେ ଆମ ମାଆ ଓ ଶାଶୁମାନେ କାହିଁକି ମାରୱାଡ଼ି ଷ୍ଟାଇଲକୁ ପସନ୍ଦ କରୁଛନ୍ତି ବୁଝି ହୁଏନା । ଓଡ଼ିଆ ବାହାଘରରେ କନ୍ୟାପିତା ବା ବରପିତାମାନେ ଆଉ ଧୋତି ପଞ୍ଜାବୀ ପିନ୍ଧିବା ଅବସ୍ଥାରେ ନାହାନ୍ତି । ସେମାନେ ଯଦିବା ପିନ୍ଧିବାକୁ ବାହାରନ୍ତି ତାଙ୍କୁ ସ୍ତ୍ରୀ ପିଲାଛୁଆ ଏମିତି ଟାହିଟାପରା କରୁଛନ୍ତି ଯେ ସେମାନେ ପ୍ରାଣ ବିକଳରେ ପାଶ୍ଚାତ୍ୟ ପୋଷାକ ପିନ୍ଧିବାକୁ ତର ପାଇବେ ନାହିଁ । ଓଡ଼ିଆ ବାହାଘରରେ ଆଜିକାଲି ନିର୍ବନ୍ଧର ସ୍ଥାନ ନେଲାଣି ରିଙ୍ଗ ସେରିମନି । ମଙ୍ଗନର ସ୍ଥାନ ନେଲାଣି ହଳଦୀ, ମେହେନ୍ଦୀ । ଲଜ୍ଜାହୋମ ପୂର୍ବରୁ ହିଁ ପ୍ରି–ୱେଡିଂ ଫଟୋସେଶନ ସମୟରେ ଆମ ଝିଅବୋହୂମାନେ ତାଙ୍କର ସବୁ ଲଜ୍ଜାର ବିସର୍ଜନ କରି ଦେଉଛନ୍ତି । ଏ ଅନୁପ୍ରବେଶ ସବୁ କୋଉଠୁ କେମିତି କାହା ମାଧ୍ୟମରେ ଆସିଲା ଜଣାପଡୁନାହିଁ । ଆମ ୱେଡିଂ ଅର୍ଗାନାଇଜରମାନେ ଆମକୁ ଯେତେବେଳେ ନୂଆନୂଆ କଥା ଦେଖଉଛନ୍ତି ଆମେ କିଛି ନୂଆ କରୁଚୁ ବୋଲି ଦେଖାଇବାକୁ ଯାଇ ଏସବୁ ଗ୍ରହଣ କରିନଉଚୁ । ନୂଆ କିଛି ଗ୍ରହଣ କରିବା ଖରାପ ନୁହେଁ । ମାତ୍ର ସବୁ ପୁରୁଣା ପରମ୍ପରାକୁ ଏଡ଼େଇ ଯିବା ଦୁଃଖର ବିଷୟ । ଏହା ଆମ ଓଡ଼ିଆତ୍ୱର ସ୍ୱାଦ ଓ ମହକକୁ ହିଁ ଚୋରେଇ ନଉଚି । ଭାଷାକୁ ଆସନ୍ତୁ । ଆଜିକାଲି ଯଦି କୋଉ ପିଲା ଓଡ଼ିଆ କି ସଂସ୍କୃତକୁ ବିଷୟ ରଖି ପଢ଼ିବାକୁ ଚାହୁଁଛି ତାକୁ ଲୋକେ ଆଶ୍ଚର୍ଯ୍ୟ ହୋଇ ଚାହୁଁଛନ୍ତି । ଟାହିଟାପରା କରୁଛନ୍ତି । ରେଡିଓ ଓ ଟିଭିରେ ତ ସମ୍ବାଦ ପାଠକ ପାଠିକାମାନେ ଇଂଲିଶ ହିନ୍ଦୀ ମିଶା ଅଦ୍ଭୁତ ଓଡ଼ିଆ କହୁଛନ୍ତି । ରାଜନୈତିକ ସଭାମାନଙ୍କରେ ଦେଖିବେ କେନ୍ଦ୍ରୀୟ ନେତାମାନଙ୍କୁ ସମ୍ବୋଧନ କଲାବେଳେ ଓଡ଼ିଆ ନେତାମାନେ ତାଙ୍କ ନାମ ପଛରେ ଜୀ ଲଗେଇ ସମ୍ବୋଧନ କରନ୍ତି । ସେଠି ମହାଶୟ ବା ମହୋଦୟ ବା ଆଜ୍ଞା ଲଗେଇଲେ ଚଳନ୍ତା । ସମୟ ଏମିତି ହେଲାଣି ଯେ ଓଡ଼ିଆ ଖାଦ୍ୟ ଖାଇଲେ, ଓଡ଼ିଆ ଗୀତ ଶୁଣିଲେ ଲୋକେ ପୁରୁଣାକାଳିଆ ବୋଲି ଭାବୁଛନ୍ତି । କିଛି ନବ୍ୟ ଶିକ୍ଷିତ ମଧ୍ୟ ଓଡ଼ିଆ ଖବରକାଗଜ ମଗାନ୍ତି ନାହିଁ କି ପଢ଼ନ୍ତି ନାହିଁ । ଓଡ଼ିଆ ଟିଭି ନିଉଜ ଦେଖନ୍ତି ନାହିଁ । ସେମାନଙ୍କ ଭାଷାରେ ଏଥିରେ କିଛି କଣ୍ଟେଣ୍ଟ ନାହିଁ ।

ଆଧୁନିକତା, ଅତ୍ୟାଧୁନିକତା ଓ ଉତ୍ତର–ଆଧୁନିକତାର ଏ ଦୌଡ଼ରେ ଆମେ ଅନେକ ସମୟରେ ଘରୁ ବାହାରି ଏକ ଅଜଣା ପୃଥିବୀର ସନ୍ଧାନରେ ଦୌଡୁଚେ । ଆମେ ଜାଣିନେ ସେ ଦୁନିଆରେ କ'ଣ ଅଛି ଓ କେତେ ଅଜଣା ତାହା । ସେଠି ପହଞ୍ଚିଲା ପରେ ସେ ଦୁନିଆ ଆମକୁ କେତେ ଆପଣେଇବ ତାହା ମଧ୍ୟ ଜଣାନାହିଁ । ତଥାପି ଆମେ ଦୌଡୁଚେ । ନିଜର ସବୁ ପରିଚୟ, ସବୁ ଐତିହ୍ୟ, ସବୁ ଅସ୍ମିତା, ନିଜର ଭାଷା, ଭାବନା, ଚେତନା, ନିଜ ପର୍ବପର୍ବାଣି ଚଳଣି ସବୁକୁ ଭୁଲି ଆମେ ଏକ ଅଜ୍ଞାତ ପ୍ରତିଷ୍ଠାର ସନ୍ଧାନରେ ପାଗଳପ୍ରାୟ ଦୌଡୁଚେ । ଲଜ୍ଜା ନାହିଁ ଆମକୁ ଯାହା ଏ ଅନ୍ଧାନୁସରଣ ପାଇଁ !

**ଲେଖକ ଭାରତୀୟ ପ୍ରଶାସନିକ ସେବାରୁ ଅବସରପ୍ରାପ୍ତ ଅଧିକାରୀ**
**ମୋ:୯୪୩୭୨୮୬୫୧୨**

# ମୁଁ ଗୋଟିଏ ଗାଈ



**ଡ. କୁଳାଙ୍ଗାର**

ହାଁ ହାଁ ବାଇମନ... ରୁହ ରୁହ... ! ଶୀର୍ଷକଟିକୁ ପଢ଼ି ଦେଇ ପିଲାବେଳର ରଚନା ଭାବି ଆଖି ବୁଲାଇ ନିଅନ୍ତୁନି ! ଯେମିତି ଆପଣଙ୍କର ପିଲାବେଳ ଆଉ ନାହିଁ ! ସେମିତି ମୁଁ ଆଉ ସେ ବେଳର ଗାଈ ହୋଇ ନାହିଁ ! ସମୟ ଓ ବଜାରର ପ୍ରଭାବରେ ଆପଣ ଯେମିତି ବଦଳି ଯାଇଛନ୍ତି ମୁଁ ବି ସେମିତି ବଦଳି ଯାଇଛି ! ଅତଏବ ଆପଣ କିଛି ସମୟ ଦିଅନ୍ତୁ ଏବଂ ଏଇ ବଦଳି ଯାଇଥିବା ଜମାନାର ଗାଈର ଆତ୍ମକାହାଣୀ ଶୁଣନ୍ତୁ ! ଗ୍ୟାରେଣ୍ଟି ଦେଉଛି, ଆପଣଙ୍କୁ ନିଶ୍ଚୟ ଭଲ ଲାଗିବ ।

ମୁଁ ଆଗରୁ ଗୃହପାଳିତ ପ୍ରାଣୀ ଥିଲି । ଏବେ କିନ୍ତୁ ଦାଣ୍ଡ ବା ରାସ୍ତାପାଳିତ ପ୍ରାଣୀ ପାଲଟି ଯାଇଛି । ଆଗରୁ ମଣିଷର ଘର ମୋର ଘର ସମାନ ଶ୍ରେଣୀର ଓ ସମାନ ଆକାରର ଥିଲା । ମାନେ ମଣିଷର ସେଇ କଚ୍ଚା ଘର ଆଉ ମୋର ଗୁହାଳ । ଚାଳ ଛପର ଘର ଖପର, ଟାଇଲି, ଆଜବେଷ୍ଟସ ଓ ଟିଣ ଛପର ଥିଲା ଯାଏ ସେଠି ମୋର ବାସ ଥିଲା । ହେଲେ ଯେବେଠୁଁ ମଣିଷର ପକ୍କା ଘର ହେଲା, ମୋତେ ବେଘର ହେବାକୁ ପଡ଼ିଲା । ମୁଁ ଦାଣ୍ଡରେ ବୁଲିଲି ଯାହା ପାଇଲି ଖାଇଲି । ଯୋଉଠି ପାଇଲି ଶୋଇଲି ।

ଆଉ କିଛି ଜଣ ମୋତେ ମୋର ହାଇବ୍ରିଡ଼ ସାଥୀମାନଙ୍କ ସହିତ ଫାର୍ମ ହାଉସ କରି ରଖିଛନ୍ତି । ଆପଣଙ୍କୁ ଜେଲରେ ରହିଲେ ଯେମିତି ଲାଗିଥାଏ ମୋତେ ସେଇଠି ସେମିତି ଲାଗୁଛି । ସେଠି ମୋର କାମ ହେଲା ; ଖୁଆଡ଼ରେ ବନ୍ଧା ହୋଇ ରହିବି, ଦାନା ଖାଇବି, ଇଞ୍ଜେକ୍ସନ ଖାଇବି ଓ ଦି ଓଳି କ୍ଷୀର ଦେବି । ଭଲ ବାଛୁରି ହେବ ବୋଲି ମୁଁ ସେଠି କୃତ୍ରିମ ଉପାୟରେ ଗର୍ଭ ଧାରଣ କରିଥାଏ । ତାକୁ କହୁଛନ୍ତି କୃତ୍ରିମ ଇନସୁମିନେସନ । ଅତଏବ ମୋର ଜୀବନ କୃତ୍ରିମତାରୁ ସୃଷ୍ଟି କରାଯାଉଛି । କେବଳ ନୀରୋଗ ରହିବା ପାଇଁ ନୁହେଁ, ମୋ ଦେହରୁ ଯଥା ସମ୍ଭବ ଅଧିକ କ୍ଷୀର କାଢ଼ିନେବା ଉଦ୍ଦେଶ୍ୟରେ ମୋତେ ଦୈନନ୍ଦିନ କ୍ୟାଲସିୟମ ଅନ୍ୟାନ୍ୟ ପ୍ରଭାବଶାଳୀ ଇଞ୍ଜେକ୍ସନ ଦିଆଯାଇଥାଏ ! ମୁଁ ଯେବେ କ୍ଷୀର ଦେବାକୁ ଅକ୍ଷମ ହୋଇଯାଏ, ମୁଁ କୁଆଡେ ଯାଏ ତାହା ଜାଣିବା ମୁସ୍କିଲ !

ଆଗରୁ ମୋର କେହି ରକ୍ଷକ ନ ଥିଲେ ! ମୁଁ ସୁରକ୍ଷିତ ଥିଲି ! ଏବେ ମୋର ଏତେ ରକ୍ଷକ ଯେ କିଏ ଅସଲି କିଏ ନକଲି ଜାଣି ନ ପାରି ମୁଁ ନିଜକୁ ଅସୁରକ୍ଷିତ ମଣୁଛି !! ଆପଣ କହୁନାହାନ୍ତି, ରକ୍ଷକ ମାନେ ତ ମୋର ସେବକ ! ମୋର ଯଦି ଏତେ ସେବକ ଅଛନ୍ତି, ତା' ହେଲେ ମୁଁ କାହିଁକି ରାସ୍ତା ଘାଟରେ ବିପଦପୂର୍ଣ୍ଣ ଜୀବନ କାଟୁଛି ? ?

ଯେତେବେଳେ ମୋର କ୍ଷୀର ଦେବା ସମୟ ଆସିଯାଏ ମଣିଷ ମୋତେ ଲୋଡ଼େ ! ତା' ଘର ପଛପଟେ ନ ହେଲେ ଘରଠୁ ଦୂରରେ ଗୋଟେ ଅସ୍ଥାୟୀ ପରିବେଶରେ ମୋତେ ଓ ମୋ ଛୁଆକୁ ରଖି କ୍ଷୀର ଆଦାୟ କରେ ! ମୁଁ ଜାଣେ, ମୋତେ ସିନା ଆପଣ ଭୁଲି ଯାଇଛନ୍ତି, ମୋ କ୍ଷୀରକୁ କିନ୍ତୁ ଆପଣ ଆଦୌ ଭୁଲି ନାହାନ୍ତି ! କାରଣ ଆଗରୁ ଖୁବ ଅଳ୍ପ ଲୋକ କ୍ଷୀର କିଣି ପାରୁଥିଲେ ! ହେଲେ ଏବେ ଘରେ ଘରେ ସବୁଦିନ କ୍ଷୀର ପହଞ୍ଚୁଛି !

ଆପଣ କେବେ ନିଜକୁ ପଚାରିଛନ୍ତି କି ଘରେ ଘରେ ତ ଗାଈ ନାହାନ୍ତି, ଏତେ କ୍ଷୀର ଆସୁଛି କୋଉଠୁ ? ସେ କଥା ନ ଭାବି ଆପଣ ଓଲଟି ମୋତେ ଦୋଷ ଦିଅନ୍ତି କ'ଣ ନା ଆଜିକାଲି ଗାଈକ୍ଷୀର ଗୁଡ଼ାକ ସୁଦ୍ଧୁ ପାଣିମିଶା !



"ଥରେ ଜଣେ ମାଲିକକୁ ମୁଁ ପଚାରିଲି, ତୋର କ'ଣ ବିବେକ ନାହିଁ ? ତୁ ମୋ କ୍ଷୀରରେ ପାଣି ମିଶେଇ ବିକୁଚୁ ଆଉ ମୋତେ ବଦ୍‌ନାମ କରୁଚୁ ? ?

ମାଲିକ କହିଲା – ଜମା ନାହିଁ ଆଦୌ ନାହିଁ ! ମୁଁ ତ ସେମିତି କରୁନି !! ମୁଁ ପାଣିରେ ତୋ କ୍ଷୀରରୁ କିଛି ମିଶେଇ ଦେଇ ବିକ୍ରି କରୁଛି ।"

ମୋତେ ଲାଗୁଚି ପାଣିରେ ମିଶେଇକି ବିକିବାକୁ ମଧ୍ୟ ମୋର କ୍ଷୀର ଅଣ୍ଟୁ ନ ଥିବ ! ସିଏ ବଜାରରୁ ଗୁଣ୍ଡ କିଣିଆଣି କିମ୍ବା କିଛି ରାସାୟନିକ ଦ୍ରବ୍ୟ କିଣି ଆଣି ତାକୁ ଫେଣ୍ଟିକରି ବିକୁଥିବ । ଆଉ ତାହାକୁ ଆପଣ କିଣି ଖାଇବାକୁ ବାଧ୍ୟ ! ଖାଇବେନି ବା କିପରି ? ଆପଣଙ୍କ ଘରେ ପର୍ବ, ଅନୁଷ୍ଠାନ କି ପୂଜା ହେବ । ସେଦିନ ଆପଣଙ୍କୁ ଅଧିକ କ୍ଷୀର ଦରକାର । ମୁଁ ତ ସେଥିପାଇଁ କ୍ଷମତାଠୁ ଅଧିକ କ୍ଷୀର ଦେଇ ପାରିବିନି । ତେଣୁ ଆପଣଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ଏସବୁ କରିବାକୁ ହେଉଛି !

ଖାଲି କ'ଣ କ୍ଷୀର ? ଦୁଗ୍ଧଜାତ ସାମଗ୍ରୀ, ଯଥା ଦହି, ଛେନା, ଘିଅ, ବଟର(ଲହୁଣି)ର କାହିଁରେ କ'ଣ ଚାହିଦା । ସତକଥା ହେଲା, ମୁଁ ଦୈନନ୍ଦିନ ଯେତିକି କ୍ଷୀର ଦେଇଥାଏ, ସେତକ କ୍ଷୀରର ଚାହିଦା ପୂରଣ କରିବାକୁ ନିଅଣ୍ଟ ତେଣୁ ସେଥିରୁ ଏସବୁ ଦୁଗ୍ଧଜାତ ସାମଗ୍ରୀ ପ୍ରସ୍ତୁତ କରିବାର ଅବସର ଜୁଟି ନ ଥାଏ । ତେବେ ଆପଣଙ୍କ ଆବଶ୍ୟକତା ପୂରଣ କରିବାକୁ ଏସବୁ କିଏ ଦିଏ, କୋଉଠୁ ଆସେ ଆଉ କେମିତି ପ୍ରସ୍ତୁତ ହୁଏ ମୁଁ ସେ ସବୁ ଜାଣେନା !!

ତେବେ ମୋ ଦୁଗ୍ଧଜାତ ସାମଗ୍ରୀର ଚାହିଦା ତ କାହିଁରୁ କ'ଣ ! ତେଣୁ ସେସବୁକୁ ଯେବେ ଆପଣ ମୋର ବୋଲି ଶ୍ରେୟ ଦେଉଛନ୍ତି ତାହାକୁ ମୁଁ ବା ଗ୍ରହଣ ନ କରନ୍ତି କାହିଁକି ? ତେବେ ଜାଣିଥାଅନ୍ତୁ, ସେସବୁକୁ ଖାଇ ଆପଣଙ୍କୁ ଯେଉଁ ସବୁ ରୋଗବାଗ ହୋଇଥାଏ, ସେ ପାପରେ ମୁଁ ଭାଗୀଦାର ନାହିଁ ! କାରଣ ମୁଁ ବି ମୋର ଖାଦ୍ୟ ; ଘାସ, କୁଣ୍ଡା, ଚୋକଡ, ତୋରାଣି ନ ପାଇ ଖବର କାଗଜ, ପୋଷ୍ଟର, ପଲିଥିନ ଜରି, ଫୋପଡ଼ା ହୋଇଥିବା ବାସି ଖାଦ୍ୟ ଖାଇ ବହୁଦା ରୋଗରେ ଆକ୍ରାନ୍ତ ! ସେ ସବୁ ପାଇଁ ଆପଣ ଦାୟୀ, ଆପଣ ମୋତେ ଦାଣ୍ଡରେ ଛାଡିଲେ, ଆପଣ ମୋର ଚାରଣ ଭୂମିକୁ କରାୟତ୍ତ କରି କୋଠା ତୋଳିଲେ ! ମୋର ଏ ହୀନସ୍ତା ପାଇଁ ଯଦି ଆପଣଙ୍କୁ ପାପ ଲାଗିବନି ତା'ହେଲେ ମୁଁ କେମିତି ମୋ ନାଁରେ ବିକ୍ରି ହେଉଥିବା ସାମଗ୍ରୀ ପାଇଁ ଦୋଷୀ ହୁଅନ୍ତି ?

ଜାଣି ଖୁସି ହେଲି କି ମୋର ହତ୍ୟାକୁ ଅପରାଧ ବିବେଚନା କରି ଆଇନକୁ କଡାକଡି କରାଯାଉଛି ! ହତ୍ୟାକାରୀକୁ ଦଣ୍ଡବିଧାନ କରାଯାଉଛି । ତେବେ ମୋତେ ପ୍ରତିଦିନ ଏମିତି ଯୋଉ କଷ୍ଟ ଦେଇ ମୋ ସହିତ ଆପଣଙ୍କୁ ମରଣ ମୁହଁକୁ ଠେଲି ଦିଆଯାଉଛି, ସେଥିପାଇଁ କ'ଣ ଦଣ୍ଡ ବିଧାନ ଅଛି ? ?

ଟିକେ ଭାବିଲେ ଦେଖି, କୌତୁକ ପୋଷାକ ପ୍ରତିଯୋଗିତାରେ ଆପଣଙ୍କ ଛୁଆ କେବେ ଗାଈ ବେଶ ହୋଇଯାଇଛି କି ? ଆପଣଙ୍କ ଘରେ କେତେ ବର୍ଷ ପୂର୍ବେ ମୋ ପରି ଗାଈଟିଏ ଥିଲା ? ଗାଈର ଗୋବର ଆପଣ ଶେଷଥର କେବେ ସ୍ପର୍ଶ କରିଥିଲେ ? ?

ମୁଁ ଗୋଟିଏ ଗାଈ, ମୋର ଏହି ପରିବର୍ତ୍ତିତ ଆତ୍ମ କାହାଣୀ କିପରି ଲାଗିଲା ନିଶ୍ଚୟ ଜଣେଇବେ !!

**ମାର୍ଫତ – ଗାନ୍ଧୀ ପଣ୍ଡା, କଳାଘର – ଲେମ୍ବୋ, ନରସିଂହପୁର, କଟକ**
**ମୋ: ୮୮୯୫୮୨୫୮୬୩**

## ଏଇ ଭାରତରେ

ଅନେକେ କ୍ୟାରିୟରକୁ ଦରମା, ସମ୍ମାନ, ପଦୋନ୍ନତିରେ ମୂଲ୍ୟାୟନ କରୁଥିବାବେଳେ ଡ. ରବୀନ୍ଦ୍ର ଏବଂ ଡ. ସ୍ମିତା କୋହ୍ଲେ ତ୍ୟାଗର ପ୍ରତୀକ ସାଜିଛନ୍ତି । ମହାରାଷ୍ଟ୍ର ମେଲଘାଟ ଅଞ୍ଚଳର ବୈରାଗଡ଼ ଗାଁରେ ୩୫ ବର୍ଷ ଧରି ଲୋକଙ୍କ ଚିକିତ୍ସା କରିଆସୁଛନ୍ତି ଏହି ଦମ୍ପତି । ସେମାନେ ରୋଗୀ ପରାମର୍ଶ ପାଇଁ ଦେୟ ମାତ୍ର ୨ଟଙ୍କା ନେଉଛନ୍ତି । ୧୯୮୦ ଦଶକରେ ରବୀନ୍ଦ୍ର ବୈରାଗଡ଼କୁ କର୍ମଭୂମି ଭାବେ ପସନ୍ଦ କରିଥିଲେ । ସେତେବେଳେ ସେଠାକୁ ରାସ୍ତା, ବିଦ୍ୟୁତ୍ ସଂଯୋଗ ନଥିଲା । କୌଣସି ଡାକ୍ତର ସେଠାରେ ରହିବାକୁ ଚାହୁଁ ନ ଥିଲେ । ଏଠାରେ ନିଯୁକ୍ତି ଥିଲା ଏକ ଆହ୍ୱାନ । ତେବେ ଏହାକୁ ସାମ୍ନା କରିବା ପାଇଁ ସେ ଜଣେ ଜୀବନସାଥୀ ଚୟନ କରିବାକୁ ଚାହିଁଲେ । ପାହାଡ଼ ଚଢ଼ି ସେହି ଗାଁକୁ ଯାଇ କଷ୍ଟକର ସ୍ଥିତିରେ ରହିବା କଥା ଯେତେବେଳେ ରବୀନ୍ଦ୍ର କନ୍ୟାମାନଙ୍କୁ କହିଲେ ସେମାନେ କେହି ତାଙ୍କ କଥାରେ ରାଜି ହେଲେ ନାହିଁ । ଏମିତି ୧୦୦ ଜଣ କନ୍ୟା ତାଙ୍କ ପ୍ରସ୍ତାବକୁ ନାକଚ କରିଦେଇଥିଲେ । ଶେଷରେ ଡ.ସ୍ମିତା ତାଙ୍କ କଥାରେ ରାଜି ହୋଇଥିଲେ ଏବଂ ବିବାହ ପରେ ସେମାନେ ସେଠାରେ ରହି ସେବା ଆରମ୍ଭ କରିଥିଲେ । ଏବେ ବୈରାଗଡ଼ ଓ ଆଖପାଖ ଅଞ୍ଚଳରେ ମାତୃ ମୃତ୍ୟୁ ହାର କମିଛି । ପୁଷ୍ଟିହୀନତା ଦୂର କରିବା ପାଇଁ ସେମାନେ ଗ୍ରାମବାସୀଙ୍କୁ ଚାଷ କରିବା ଲାଗି ପ୍ରେରିତ କରି ସଫଳ ହୋଇଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୧୪ ଫେବୃଆରୀ ୧୯୭୭**

- ଭାରତୀୟ ପ୍ରତିରକ୍ଷା ଦଣ୍ଡବିଧି ଆଇନ ଅନୁଯାୟୀ ବନ୍ଦୀ ଥିବା ଭାରତୀୟ ଲୋକଦଳ ନେତା କର୍ପୂରୀ ଠାକୁରଙ୍କ ସମେତ ମୋଟ ୪ ଜଣଙ୍କୁ ଜେଲରୁ ଖଲାସ କରାଯାଇଛି ।
- ଭାରତୀୟ ଜାତୀୟ ମୁସଲିମ ଲିଗର ଉତ୍ତର ପ୍ରଦେଶରେ ଥିବା ଆଞ୍ଚଳିକ କମିଟିକୁ ଭାଙ୍ଗି ଦିଆଯାଇ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି ।

## ଚିରନ୍ତନୀ

ସମର ନୁହଇ ସୁଷମା ତୋର
ରୂପର ଭୂଷା
ମିଛ ଆବରଣେ ଲୁଚଇ ସିନା
ଦେହର ତୃଷା ।
–(ପ୍ରାଚୀନ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା ସେବନଜନିତ ମୃତ୍ୟୁ ବଢୁଛି

ମହାଶୟ,

ଓଡ଼ିଶାରେ ୨୦୨୫ ଡିସେମ୍ବର ଶେଷ ସପ୍ତାହରେ ସର୍ବମୋଟ ୩୨.୫୫ କୋଟିର ମାଦକଦ୍ରବ୍ୟ ବିକ୍ରୟ କରାଯାଇଥିବା ପ୍ରକାଶିତ ଖବରରୁ ଜଣାପଡ଼ିଛି । ଏଥିରୁ ଜଣାପଡୁଛି, ଓଡ଼ିଶାରେ ଲୋକମାନେ ମଦକୁ ଜଳ ପରି ପାନ କରୁଛନ୍ତି । ସନ୍ଧ୍ୟା ହେଲା ମାତ୍ରେ ଓଡ଼ିଶାର ଗ୍ରାମାଞ୍ଚଳଠାରୁ ଆରମ୍ଭକରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକମାଙ୍କର ନିଶାର ଆସର ଜମିଯାଉଛି । ଗାଁ ଗାଁରେ ଏବେ ମଦ ସହଜରେ ମିଳିଯାଉଛି । ଲୋକମାନେ ନିଶାସକ୍ତ ହେଲା ପରେ ନିଜର ପରିବାର ଲୋକଙ୍କୁ ନିର୍ଯାତନ ଦେଉଛନ୍ତି । ଫଳରେ ଅପରାଧର ପରିସୀମା ଦିନକୁ ଦିନ ବଢ଼ିବାରେ ଲାଗିଛି । ନିଶା ସେବନଜନିତ ମୃତ୍ୟୁ ମଧ୍ୟ ବୃଦ୍ଧିପାଇ ଚାଲିଛି । । ପରିବାରରେ ଘୋର ଅଶାନ୍ତିର ବାତାବରଣ ଲାଗି ରହୁଛି । ତେଣୁ ଓଡ଼ିଶାରେ ସମ୍ପୂର୍ଣ୍ଣ ରୂପେ ମାଦକଦ୍ରବ୍ୟ ବିକ୍ରୟ ଉପରେ କଟକଣା ଲଗାଯାଉ । ଏହା କରାଗଲେ ପ୍ରତିଟି ପରିବାର ସୁଖରେ ରହିପାରିବ ।

**–ବିଚିତ୍ର ପୃଷ୍ଟି, ଅଚ୍ୟୁତବସନ୍ତ, ବାଲିଚନ୍ଦ୍ରପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାଣୀ
ପରିବାରବର୍ଗ


ବାବୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାକିସ୍ତାନ ବିପକ୍ଷରେ ଖେଳିପାରନ୍ତି ଅଭିଷେକ

**ନୂଆଦିଲ୍ଲୀ, ୧୩।୨ (ପି.ଟି.)**

ପେଟ ସଂକ୍ରମଣରେ ପୀଡ଼ିତ ବିସ୍ଫୋରକ ଓପନର ଅଭିଷେକ ଶର୍ମା ବର୍ତ୍ତମାନ ସୁସ୍ଥ ମନେହେଉଛନ୍ତି। ରବିବାର ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ସେ ଖେଳିପାରିବେ ବୋଲି ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି। ପେଟରେ ସଂକ୍ରମଣ ଯୋଗୁ ଅଭିଷେକ ଏଠାରେ ଗୁରୁବାର ନାମ୍ବିଆ ବିପକ୍ଷ ମ୍ୟାଚ ଖେଳିପାରି ନ ଥିଲେ। ଚିକିତ୍ସା ପାଇଁ ତାଙ୍କୁ ଦୁଇଦିନ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଥିଲା। ଅଭିଷେକ ଶୁକ୍ରବାର ଅଭ୍ୟାସ କରୁଥିବା ବେଳେ ବରୁଣ ତାଙ୍କ ସହିତ କଥା ହୋଇଥିଲେ। ବିସ୍ଫୋରକ ବ୍ୟାଟର ଏବେ ନିଜକୁ ଫିଟ୍ ଅନୁଭବ କରୁଥିବା ତାଙ୍କୁ କହିଥିଲେ। ନାମ୍ବିଆ ବିପକ୍ଷ ୯୩ ରନରେ ବିଜୟ ମ୍ୟାଚରେ ଚକ୍ରବର୍ତ୍ତୀ ଚମତ୍କାର ବୋଲିଂ କରିଥିଲେ। ଟସ୍ ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଥିଲେ, ସମ୍ପୂର୍ଣ୍ଣ ଫିଟ୍‌ନେସ ଫେରିପାଇବା ପାଇଁ ଅଭିଷେକ ଗୋଟିଏ କିମ୍ବା ଦୁଇଟି ମ୍ୟାଚ ଖେଳିବେ ନାହିଁ। ଅଭିଷେକଙ୍କ ଅନୁପସ୍ଥିତିରେ ଇଶାନ କିଶନଙ୍କ ସହ ସଞ୍ଜୁ ସାମ୍‌ସନ ଓପନ କରିଥିଲେ। ଗତଥରର ଚାମ୍ପିୟନ ଭାରତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜିତ ରହିଛି। ଦଳ ଗତ ଶନିବାର ୟୁଏସ୍ଏ ବିପକ୍ଷରେ ଏହାର ଓପନିଂ ମ୍ୟାଚରେ ବିଜୟୀ ହୋଇଥିଲା। କଲମ୍ବୋ ଟ୍ରେନିଂ ସେସନରୁ ବୁଝାପଡୁଛି, ପାକିସ୍ତାନ ବିପକ୍ଷରେ ଉଚ୍ଚାପଯୁକ୍ତ ଖେଳ ପାଇଁ ଅଭିଷେକ ନିଜକୁ ପ୍ରସ୍ତୁତ କରୁଛନ୍ତି। ଯଦି ସେ ଦୀର୍ଘ ସମୟ ଧରି ନେଟ୍ସ କରନ୍ତି ତେବେ ମ୍ୟାଚ୍ ପାଇଁ ଉପଲବ୍ଧ ହୋଇପାରନ୍ତି।

# ଆମେରିକାର ସମ୍ମାନଜନକ ସ୍କୋର

**ଚେନ୍ନାଇ, ୧୩।୨:** ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଆମେରିକା ପ୍ରତିପକ୍ଷ ନେଦରଲାଣ୍ଡ୍ସ ବିପକ୍ଷରେ ବୃହତ୍ ସ୍କୋର ଛିଡ଼ା କରିଛି। ସାଇତେଜା ମୁକ୍କାମଲ୍ଲଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସହାୟତାରେ ଆମେରିକା ୨୦ ଓଭରରେ ୬ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରିଛି। ଗ୍ରୁପ୍ 'ଏ'ରେ ନେଦରଲାଣ୍ଡ୍ସ ୨ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ-ପରାଜୟ ଫଳାଫଳ ପାଇଥିବାବେଳେ ଆମେରିକା ଏହାର ପ୍ରଥମ ୨ଟି ଯାକ ମ୍ୟାଚ ହାରି ସାରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆମେରିକା ଆରମ୍ଭରୁ ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲା। ଓପନର ତଥା ଅଧିନାୟକ ମୋନାଙ୍କ ପଟେଲ ୨୨ ବଲ୍‌ରୁ ୩୬ ରନକରି ଆକ୍ରମଣାତ୍ମକ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଅନ୍ୟତମ ଓପନର ଶାୟନ ଜାହାଙ୍ଗୀର ଯଦିଓ ୨୦ ରନକରି ପ୍ୟାଭିଲିୟନ ଫେରିଥିଲେ ତେବେ ସାଇତେଜା ମୁକ୍କାମଲ୍ଲ ଅର୍ଦ୍ଧଶତକ ହାସଲ କରିବା ସହ ଦଳର ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ। ସେ ୫୧ ବଲ୍‌ରୁ ସର୍ବାଧିକ ୭୯ (୫ ଚୌକା, ୪ ଛକା) ରନ କରିଥିବାବେଳେ ଶୁଭମ୍ ରଞ୍ଜନେ ୨୪ ବଲ୍‌ରୁ ୪୮ (୩ ଚୌକା, ୨ ଛକା) ରନରେ ଅପରାଜିତ ରହିବାରୁ ଦଳର ସ୍କୋର ଦୁଇଶହ ନିକଟବର୍ତ୍ତୀ ହୋଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ବାସ ଡି ଲିଡ୍ସ ୩ଟି ଏବଂ ଲୋଗାନ ଭାନ ବିକ୍, କାଏଲ କ୍ଲେଇନ ଓ ଫ୍ରେଡ୍ କ୍ଲାସେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଖେଳାଳିମାନେ। (ଫଟୋ: ରାଜକିଶୋର ମହାନ୍ତି)

# ପୋଲିସ ଏକାଦଶ, ସିନେ ଆର୍ଟିଷ୍ଟ ବିଜେତା

**ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)**

### ପ୍ରଶାନ୍ତ ରାଉତରାୟ ସ୍ମାରକୀ ଆଇନଜୀବୀ କ୍ରିକେଟ

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୧୧ଶ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ୨ଟି ପ୍ରଦର୍ଶନ ମ୍ୟାଚରେ କମିଶନରେଟ ପୋଲିସ ଏକାଦଶ ଏବଂ ସିନେ ଷ୍ଟାର୍ସ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ପୋଲିସ ଦଳ ୪୪ ରନରେ ପ୍ରଶାସନ ଏକାଦଶକୁ ପରାସ୍ତ କରିଛି।



ଅତିଥିଙ୍କ ଗହଣରେ ରନରଅପ୍ ଓସ୍‌ଜା ସଦସ୍ୟବୃନ୍ଦ।

୨୩ ରନ କରିବା ସହ ୨ଟି ଉଇକେଟ ନେଇଥିବା ବିଶ୍ୱଜିତ ସ୍ୱାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ସିନେ ଆର୍ଟିଷ୍ଟ ଆସୋସିଏଶନ ୯୦ ରନରେ ଓସ୍‌ଜା ଏକାଦଶକୁ ହରାଇ ଦେଇଛି। ଓସ୍‌ଜା ପକ୍ଷରୁ ତୁଷାର ସେନାପତି (୫୪ ରନ) ପ୍ରଶଂସନୀୟ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ୩୦ ବଲ୍‌ରୁ ୮୩ ରନ କରିଥିବା ବିଜୟୀ ଦଳର ସନ୍ଦୀପ ମିଶ୍ର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ଓ ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି ଅଶୋକ କୁମାର ପାତ୍ର, ସମ୍ପାଦକ ସତ୍ୟରଞ୍ଜନ ସେନାପତି ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସିଙ୍ଗଲ୍ସ, ଡବଲ୍ସ ଫାଇନାଲରେ ପ୍ରମୋଦ

**ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)**

### ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ

ବାହାରିନ୍‌ର ମାନାମାଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ଏସ୍ଏଲ୍-୩ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ସେ ଥାଇଲାଣ୍ଡର ମଙ୍ଗ୍‌ଖୋନ୍ ବୁନ୍‌ସୁନଙ୍କୁ ୨୧-୧୯, ୨୧-୧୭ରେ ପରାସ୍ତ କରିଛନ୍ତି। ସେହିପରି ସୁକାନ୍ତ କଦମ୍‌ଙ୍କୁ ସାଥିକରି ପ୍ରମୋଦ ଏସ୍ଏଲ୍୩-ଏସ୍ଏଲ୍୪ ପୁରୁଷ ଡବଲ୍ସ ସେମିଫାଇନାଲରେ କୋରିଆ ଯୋଡ଼ି ଚୋ ଏନ୍ ଏବଂ ଲଇ ଏସ୍‌ଙ୍କୁ ୨୧-୧୩, ୨୧-୧୫ରେ ପରାସ୍ତ କରିଛନ୍ତି। ଏଥିସହ ପ୍ରମୋଦ ୨ଟି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାର ନିକଟତର ହୋଇଛନ୍ତି। ଅଭିଜ୍ଞତା ଏବଂ ଲଢୁଆ ମନୋବୃତ୍ତି ପ୍ରମୋଦଙ୍କ ମୁଖ୍ୟ ଅସ୍ତ୍ର। ସେ ଏବେ ଯେପରି ଫର୍ମରେ ଅଛନ୍ତି ନିଶ୍ଚିତ ୨ଟି ସ୍ୱର୍ଣ୍ଣ ପଦକ ଜିତିବା ସମ୍ଭାବନା ରହିଛି ବୋଲି କୋଚ୍ ଶିବ ପ୍ରସାଦ ଦାସ ପ୍ରକାଶ କରିଛନ୍ତି।


ରିଟର୍ନ ଶଟ୍ ଖେଳିବା ଅବସରରେ ପ୍ରମୋଦ ଭଗତ।


## ଚତୁର୍ଥ ଜନ୍ମଦିନର ଶୁଭେଚ୍ଛା


**ହନଷିତ ରାଜ (ବାବୁ)**
ଫାଲ୍‌କନ୍ କ୍ରେଷ୍ଟ, ଶାମପୁର, ଭୁବନେଶ୍ୱର
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା ।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା ।
ଶୁଭେଚ୍ଛା ସହ- ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଈ ଏବଂ ପରିବାରବର୍ଗ ।
ଧ-୭୬୦୯୫

## ଦଶମ ଜନ୍ମଦିନର ଶୁଭେଚ୍ଛା


**ଲାସ୍ୟା ତାପସୀ (ରାଣୀ)**
ଫାଲ୍‌କନ୍ କ୍ରେଷ୍ଟ, ଶାମପୁର, ଭୁବନେଶ୍ୱର
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା ।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା ।
ଶୁଭେଚ୍ଛା ସହ- ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଈ ଏବଂ ପରିବାରବର୍ଗ ।
ଧ-୭୬୦୯୪


# କାନାଡା ବିପକ୍ଷରେ ୟୁଏଇର ରୋମାଞ୍ଚକ ବିଜୟ

**ନୂଆଦିଲ୍ଲୀ, ୧୩।୨ (ପି.ଟି.)**

ଓପନର ଆର୍ଯ୍ୟାଂଶ ଶର୍ମା ଏବଂ ଲୋୟର ଅର୍ଡର ବ୍ୟାଟର ଶୋଏବ ଖାନ୍‌ଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ସହାୟତାରେ ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ) ଏଠାରେ ଚାଲିଥିବା ଟି୨୦ ବିଶ୍ୱକପ୍ ଗ୍ରୁପ୍ 'ଡି'ର ଏକ ମ୍ୟାଚରେ ୫ଉଇକେଟରେ କାନାଡାକୁ ପରାସ୍ତ କରିଛି। ଶର୍ମା ୫୩ ବଲ୍‌ରେ ୬ ଚୌକା ଓ ୩ ଛକା ସହ ୭୪ରନ କରି ଅପରାଜିତ ଥିବାବେଳେ ୬ନମ୍ବର ପୋଜିଶନରେ ବ୍ୟାଟିଂ କରିବାକୁ ଆସିଥିବା ଖାନ୍ ୨୯ ବଲ୍‌ରେ ୫୧ ରନ (୪ଚୌକା ଓ ୪ ଛକା) କରି ଦୁଇ ବଲ୍ ବାକିଥାଇ ସେମାନଙ୍କ ଦଳକୁ ସ୍ମରଣୀୟ ବିଜୟ ଆଣିଦେଇଥିଲେ।

ପୂର୍ବରୁ କାନାଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଚତୁର୍ଥ ଉଇକେଟରେ ହର୍ଷ ଠାକର (୪୧ ବଲ୍‌ରୁ ୫୦ରନ) ଓ ନବନୀତ ଧାଲିୱାଲ (୨୮ ବଲ୍‌ରୁ ୩୪ରନ, ୪ ଚୌକା) ୫୮ରନର ପାର୍ଟନରଶିପ୍ ଯୋଗ କାନାଡ଼ା ନିର୍ଦ୍ଧାରିତ ଓଭରରେ ୭ଉଇକେଟ ବିନିମୟରେ ୧୫୦ରନ କରିପାରିଥିଲା। ୟୁଏଇର ଜୁନେଦ ସିଦ୍ଦିକ ଶ୍ରେଷ୍ଠ ବୋଲିଂ କରି ତାଙ୍କ କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା (୫/୩୫) ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**କାନାଡ଼ା:** ୨୦ ଓଭରରେ ୧୫୦/୭ (ହର୍ଷ ଠାକର-୫୦, ନବନୀତ ଧାଲିୱାଲ-୩୪; ଜୁନେଦ ସିଦ୍ଦିକ୍-୫/୩୫)। **ୟୁଏଇ:** ୧୯.୪ ଓଭରରେ ୧୫୧/୫ (ଆର୍ଯ୍ୟାଂଶ ଶର୍ମା (୭୪*, ଶୋହେବ ଖାନ୍ ୫୧*; ସାଦ୍ ବିନ୍ ଜାଫର-୩/୧୪)।

### ଟି୨୦ ବିଶ୍ୱକପ୍

(ଆଜିର ମ୍ୟାଚ୍)

**ଆୟର୍ଲାଣ୍ଡ ବନାମ ଓମାନ**
ସ୍ଥାନ: କଲମ୍ବୋ, ସମୟ: ପୂର୍ବାହ୍ନ ୧୧ଟା

**ଇଂଲଣ୍ଡ ବନାମ ସ୍କଟଲାଣ୍ଡ**
ସ୍ଥାନ: କୋଲକାତା, ସମୟ: ଅପରାହ୍ନ ୩ଟା

**ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଅହମଦାବାଦ, ସମୟ : ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର


## Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157.
D-3348

GENERAL
SALE

**Welding Works Contact for any type of Roof Sheds, Gril Gates, Shutters. 7809525452, 9937507638.**
D-3346

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.**
D-3190




Kerala Ayurveda Massage therapy gents/ Ladies pain relief Bhubaneswar. 9337672475.
D-3332

All types of physiotherapy and massage contact 9556924059/ 7656969134.
D-3339

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

AFFIDAVIT

By virtue of an affidavit sworn before the Executive Magistrate, Boudh, No.1562, Dtd.- 15.11.25, I, Girish Meher, R/o. Village- Purumunda, P.O.- Raxa, P.S.- Manamunda, Dist.- Boudh, Odisha, PIN- 762015 declare that I have changed the name of my son from KANHA MEHER to KANHA CHARAN MEHER. Henceforth, he shall be known as KANHA CHARAN MEHER for all purposes.
Girish Meher
D-3377

Affidavit before Executive Magistrate, Sambalpur, on Dtd.- 12.01.2026, We, Jagannath Singh and Mohan Singh, sons of Sugandha Singh of Village- Badasudangpal, Tahasil- Jujumura, District- Sambalpur, Odisha declare that our names and our father's name were wrongly recorded as Jagannath Routia, Mohan Routia and Sugandha Routia in land records. Our correct names are as above. All names refer to the same persons.
D-3378

By this affidavit before the Executive Magistrate, Khariar, Dtd.- 12.02.26, I, Khul Charan Harijan, S/o.- Late Bansidhar Harijan, R/o. Village/P.O.- Sunari Sikuan, P.S.- Khariar, District- Nuapada, Odisha declare that my surname HARIJAN is written in all documents. That now I intent to change my surname from HARIJAN to SAGAR in my all documents. Henceforth, I shall be known as KHUL CHARAN SAGAR for all purposes.
D-3379

By virtue of an Affidavit sworn before the Executive Magistrate, Bhubaneswar on dtd.-13.02.2026, vide CF No.98, I, RUPALI DASH, about 23 years, D/o.- Durga Madhab Dash, Resident of At- Badagada, Bangar Sahi, P.O.- Badagada, Asika, Dist.- Ganjam, Odisha, PIN- 761109 declare that I have changed my gender from Male to Female. Henceforth, my gender shall be Female for all purposes.
D-3376

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ... classifieddharitri@gmail.com


# କୁକ୍ ପ୍ରଣାଳୀ ଅତିକ୍ରମ କଲେ ପାରା ସନ୍ତରଣକାରୀ ସତ୍ୟେନ୍ଦ୍ର

**ନୂଆଦିଲ୍ଲୀ, ୧୩।୨ (ପି.ଟି.)**

ନ୍ୟୁଜିଲାଣ୍ଡରେ ଥିବା କୁକ୍ ପ୍ରଣାଳୀକୁ ଅତିକ୍ରମ କରିବାରେ ଭାରତର ସତ୍ୟେନ୍ଦ୍ର ସିଂ ଲୋହିୟା ଏସିଆର ପ୍ରଥମ ପାରା ସନ୍ତରଣକାରୀ ହେବାର ଗୌରବ ଅର୍ଜନ କରିଛନ୍ତି। ୩୮ବର୍ଷୀୟ ଲୋହିୟାଙ୍କ ଘର ହେଉଛି ମଧ୍ୟପ୍ରଦେଶର ଭିଣ୍ଡ୍ ଜିଲାରେ। ୨୦୨୪ରେ ସେ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ ହୋଇଥିଲେ। କୁକ୍ ପ୍ରଣାଳୀ ହେଉଛି ବିଶ୍ୱର ଅନ୍ୟତମ ଚ୍ୟାଲେଞ୍ଜିଂ ସାମୁଦ୍ରିକ ମାର୍ଗ ମଧ୍ୟରୁ ଅନ୍ୟତମ। ଲୋହିୟା ଜାନୁଆରୀ ୩ୟ ସପ୍ତାହରେ ନ୍ୟୁଜିଲାଣ୍ଡରେ ପହଞ୍ଚିଥିଲେ। ପ୍ରଣାଳୀର ଥଣ୍ଡା ଜଳରାଶିରେ ସେ ଜୋର୍‌ଦାର ଅଭ୍ୟାସ କରିଥିଲେ। ଲୋହିୟା ୨୩.୬ କି.ମି. ଦୂରତାକୁ ୯ଘଣ୍ଟା ଓ ୨୨ ମିନିଟରେ ଅତିକ୍ରମ କରିଥିଲେ। ଡାଇରିଆର ଉପଯୁକ୍ତ ଚିକିତ୍ସା ଅଭାବରୁ ଲୋହିଆଙ୍କର ଦୁଇଟି ଗୋଡ଼ ଶୈଶବରେ ଅକ୍ଷମ ହୋଇଯାଇଥିଲା। ୨୦୧୭ରେ ସେ ପ୍ରଥମେ ସମୁଦ୍ର ଜଳ ରାଶିରେ ପହଁରିବା ଆରମ୍ଭ କରିଥିଲେ। ୨୦୧୮ରେ ସେ ଭାରତୀୟ ପାରା ସନ୍ତରଣକାରୀ ଦଳ ସହ ୩୪ କି.ମି. ଦୂରତା ବିଶିଷ୍ଟ ଇଂଲିଶ ଚ୍ୟାନେଲକୁ ୧୨ ଘଣ୍ଟା ଓ ୨୬ ମିନିଟ୍‌ରେ ଅତିକ୍ରମ କରିଥିଲେ। ଗୁଆହାଟୀରେ ୨୦୨୨ରେ ଅନୁଷ୍ଠିତ ନ୍ୟାଶନାଲ ପାରାଲିମ୍ପିକ୍ ସୁଇମିଂ ଚାମ୍ପିୟନଶିପ୍‌ରେ ସେ ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଭାଗ ନେଇ ଏକ ସ୍ୱର୍ଣ୍ଣ ଜିତିଥିଲେ। ସେ ୧୧ ନ୍ୟାଶନାଲ ପାରାଲିମ୍ପିକ୍ସ ସୁଇମିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ୪ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୭ ବ୍ରୋଞ୍ଜ ସହ ୨୩ ପଦକ ଜିତିଛନ୍ତି। ସେ ଆହୁରି ମଧ୍ୟ ୩ ଅନ୍ତର୍ଜାତୀୟ ପାରାଲିମ୍ପିକ୍ ସୁଇମିଂ ଚାମ୍ପିୟନଶିପ୍‌ରେ ଭାଗନେଇ ଗୋଟିଏ ସ୍ୱର୍ଣ୍ଣ, ଦୁଇ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ଲାଭ କରିଛନ୍ତି। ଏହି ଅବସରରେ ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି ସତେନ୍ଦ୍ରଙ୍କ ଏହି ଉଲ୍ଲେଖନୀୟ ସଫଳତା ଦେଶ ପାଇଁ ଏକ ଗୌରବର ମୁହୂର୍ତ୍ତ।


ସତ୍ୟେନ୍ଦ୍ର ସିଂ ଲୋହିୟା


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ


**୰କାନନ ପ୍ରଧାନ**
ଆବିର୍ଭାବ : ୧୩।୦୫।୧୯୫୪
ତିରୋଧାନ : ୦୪।୦୨।୨୦୨୬
ମା' ତୁମେ ଯିବାର ଦଶଦିନ ହୋଇଗଲାଣି, ଖାଲି ମା' ହିସାବରେ ନୁହେଁ, ଜଣେ ଶୁଭାକାଂକ୍ଷୀ ଓ ଶୁଭଚିନ୍ତକ ଭାବରେ ଆମ ଜୀବନରେ ଆପଣଙ୍କ ସାହାଯ୍ୟ ଆମ ପାଇଁ ଅବିସ୍ମରଣୀୟ, ତାହା ଆମେ କେବେ ଭୁଲି ପାରିବୁ ନାହିଁ ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ମନେ ପଡିବା ତୁମେ ଯେଉଁଠି ବି ଥାଅ ଭଲରେ ଥାଅ ଓ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାଅ। ଜଗନ୍ନାଥ ତୁମକୁ ଆଶ୍ରିତ କରିଥାନ୍ତୁ।
-:ଶ୍ରଦ୍ଧାଞ୍ଜଳି ସହ:-
ହତଭାଗ୍ୟ ସ୍ୱାମୀ- ବଳାଇ ଚରଣ ନାୟକ, ପୁତ୍ର, ବୋହୂ, କନ୍ୟା, ଜ୍ୱାଇଁ, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୩୩୮୧

### ଏକାଦଶାହ ଉପଲକ୍ଷେ


**୰ ଜ୍ଞାନରଞ୍ଜନ ନାୟକ**
କୁରୁଡ଼ା, ଅନନ୍ତପୁର, ବାଲେଶ୍ୱର
ଆବିର୍ଭାବ : ୧୯/୦୪/୧୯୬୨
ତିରୋଧାନ : ୦୪/୦୨/୨୦୨୬
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ସହନଶୀଳତା ଆମ୍ଭମାନଙ୍କୁ ଚିରଦିନ ଅନୁପ୍ରାଣିତ କରୁଥାଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପୁତ୍ର-ନିହାର ରଞ୍ଜନ, ପୁତ୍ରବଧୂ-ନିରୁ, ଝିଅ-ଲିପି , ଜ୍ୱାଇଁ-ଲିଙ୍କନ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୩୩୮୦



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ଆର୍ଜେଣ୍ଟିନା ଓ ବେଲଜିୟମ ମଧ୍ୟରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚ।

# ଆର୍ଜେଣ୍ଟିନାକୁ ୫-୨ରେ ହରାଇଲା ବେଲଜିୟମ୍

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ରାଉରକେଲା, ୧୩।୨ (ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଶୁକ୍ରବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋଲିଗ୍‌ର ଚତୁର୍ଥ ମ୍ୟାଚରେ ବେଲଜିୟମ୍ ଦଳ ୫-୨ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଛି। ଏଥିସହ ଏହି ଦଳ ପଏଣ୍ଟ ତାଲିକାର ଶୀର୍ଷକୁ ଉନ୍ନୀତ ହୋଇଛି। ରାଜ୍ୟ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆର୍ଜେଣ୍ଟିନା ଦଳ ଆକ୍ରମଣାତ୍ମକ ଖେଳ ଜାରି ରଖି ମ୍ୟାଚ୍‌ର ୧୮ ମିନିଟ୍ ୧୮ ସେକେଣ୍ଡରେ ଫରଆର୍ଡ ଟୋମାସ୍ ଡୋମିନିଙ୍କ ସହାୟତାରେ ଏକ ଗୋଲ ଦେଇ ୧-୦ ଗୋଲରେ ଆଗୁଆ ହୋଇଥିଲା। ମ୍ୟାଚର ୩ୟ କ୍ୱାର୍ଟର ୩୫ ମିନିଟ୍ ୨୨ ସେକେଣ୍ଡରେ ବେଲଜିୟମ୍‌ର ଅର୍ଥର ଡି ସ୍ଲୋଭର ଏକ ଗୋଲଦେଇ ମ୍ୟାଚକୁ ବରାବର କରିଥିଲେ। ପରେ ମ୍ୟାଚର ୩୮ ମିନିଟ୍ ୨୧ ସେକେଣ୍ଡରେ ଟୋବିୟାସ୍ ବିକେନ୍ସ ଦ୍ୱିତୀୟ ଗୋଲମାରି ବେଲଜିୟମକୁ ୨-୧ ଗୋଲରେ ଆଗୁଆ ରଖିଥିଲେ। ୪୫ତମ ମିନିଟରେ ମାଟିଆସ ରେ'ଙ୍କ ଫିଲ୍ଡ ଗୋଲବଳରେ ଆର୍ଜେଣ୍ଟିନା ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲା। ଦ୍ୱିତୀୟାର୍ଦ୍ଧରେ ବେଲଜିୟମ ଆଧିପତ୍ୟ ବିସ୍ତାରକରି ଖେଳିଥିଲା। ଆଲେକ୍‌ଜାଣ୍ଡାର ହେଣ୍ଡରିକ୍ସ ମ୍ୟାଚର ୪୮ ମିନିଟ୍ ୩ ସେକେଣ୍ଡରେ ଏକ ପେନାଲଟିକର୍ଣ୍ଣର ସୁଯୋଗ ପାଇଁ ଆର୍ଜେଣ୍ଟିନା ବିପକ୍ଷରେ ୩ୟ ଗୋଲ ମାରିଥିବାବେଳେ ପୁଣି ମ୍ୟାଚର ଠିକ୍ ୫୩ ମିନିଟ୍ ୧୫ ସେକେଣ୍ଡରେ ୪ର୍ଥ ଗୋଲମାରି ଦଳର ଅଗ୍ରଣୀ ବ୍ୟବଧାନକୁ ୪-୨ କରିଥିଲେ। ମ୍ୟାଚର ଶେଷ ପର୍ଯ୍ୟାୟ ୫୮ ମିନିଟ୍ ୯ ସେକେଣ୍ଡରେ ରୋମାନ ଡୁଭେକୋଟ ୫ମ ଗୋଲ ଦେଇ ବେଲଜିୟମ ଦଳକୁ ୫-୨ ଗୋଲରେ ବିଜୟୀ କରିଥିଲେ। ଏହି ମ୍ୟାଚ୍‌ରେ ଅର୍ଥର ଡି ସ୍ଲୋଭରଙ୍କୁ ପ୍ଲେୟର ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ରଞ୍ଜିତାଙ୍କ ପ୍ରଭାବୀ ପ୍ରଦର୍ଶନ


**ଜାତୀୟ ସ୍କି ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)

ଓଡ଼ିଶାର 'ସ୍ନୋ ଗର୍ଲ'ଭାବେ ପରିଚିତ ରଞ୍ଜିତା ବେହେରା ଉତ୍ତରାଖଣ୍ଡର ଆଉଲିଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଜାତୀୟ ସ୍କି ଚାମ୍ପିୟନଶିପ୍ ଓ ୱିଣ୍ଟର କାର୍ନିଭାଲରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଆଲ୍‌ପାଇନ୍ ସ୍କି ବିଭାଗରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ରଞ୍ଜିତା ମହିଳା ଜଏଣ୍ଟ ସ୍ଲାଲମ ବର୍ଗରେ ଉନ୍ନତମାନର କୌଶଳ ପ୍ରଦର୍ଶନ କରି ଫାଇନାଲ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେବା ସହ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସବୁଠାରୁ ବଡ଼ କଥାହେଲା ଆଉଲିର ଏହି ଅନ୍ତର୍ଜାତୀୟ ସ୍ତରର ବିପଜ୍ଜନକ ଗଡ଼ାଣିରେ ଅନେକ ନାମୀ ଖେଳାଳି ଅଯୋଗ୍ୟ ବିବେଚିତ ହୋଇଯାଇଥିଲେ ମଧ୍ୟ ରଞ୍ଜିତା ସାହସିକ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଏକ ବରଫବିହୀନ ରାଜ୍ୟରୁ ପ୍ରତିନିଧିତ୍ୱ କରିଥିଲେ ହେଁ ସେ ସମସ୍ତଙ୍କୁ ପ୍ରଭାବିତ କରି ପ୍ରଶଂସା ସାଉଁଟିଛନ୍ତି। ଇଣ୍ଡୋତିବ୍ବେତାନ ବର୍ଡର ପୋଲିସ (ଆଇଟିବିପି)ର କୋଚ୍ ତଥା ଅଲିମ୍ପିଆନ ନାନକ ଚାନ୍ଦ ଠାକୁର ଏବଂ ଆୟୋଜକ କମିଟି ସଦସ୍ୟ ଅଜୟ ଭଞ୍ଜ ରଞ୍ଜିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉତ୍ତରାଖଣ୍ଡ ହିମାଚଳ ପ୍ରଦେଶ, ଜମ୍ମୁକଶ୍ମୀର ଏବଂ ଆଇଟିବିପିର ଦକ୍ଷ ଖେଳାଳିଙ୍କ ସମକକ୍ଷ ପ୍ରଦର୍ଶନ କରିବା ସହଜ କାର୍ଯ୍ୟ ନୁହେଁ। ମାତ୍ର ରଞ୍ଜିତା ତାହା କରି ନିଜ ସାହସର ପରିଚୟ ଦେଇଛନ୍ତି। ଆଗାମୀ ଦିନରେ ଉନ୍ନତ ମାନର ଟ୍ରେନିଂ ନେଲେ ସେ ଆହୁରି ଭଲ ପ୍ରଦର୍ଶନ କରିପାରିବେ ବୋଲି ଅଜୟ ଭଞ୍ଜ ପ୍ରକାଶ କରିଛନ୍ତି। ଏଠାରେ ନିଜ ପ୍ରଦର୍ଶନରେ ସନ୍ତୁଷ୍ଟ ଥିଲେ ମଧ୍ୟ ରଞ୍ଜିତା ଉନ୍ନତ ମାନର ଟ୍ରେନିଂ ନେଲେ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିପାରିବେ ବୋଲି କହିଛନ୍ତି। ଓଡ଼ିଶା ସ୍କି ଓ ସ୍ନୋବୋର୍ଡ ସଙ୍ଗଠନ ସଭାପତି ଓ ଅନ୍ୟ ସଦସ୍ୟମାନେ ରଞ୍ଜିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାକୁ ଉତ୍ତରାଖଣ୍ଡ ମନ୍ତ୍ରୀ ସତ୍‌ପାଲ ମହାରାଜ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ, ସେନା, ସିଆରପିଏଫ୍ ଏବଂ ଆଇଟିବିପିର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି।



ଜାତୀୟ ସ୍କି ଚାମ୍ପିୟନଶିପ୍‌ରେ ଭାଗନେବା ଅବସରରେ ଓଡ଼ିଶାର ରଞ୍ଜିତା ବେହେରା।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
52 Years
ପୃଷ୍ଠା–୮+୮
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୪/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 14/2026 Page 16 ₹ 7.00 | RAYAGADA
୫୨ଶ ଭାଗ ୮୨ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 52 ISSUE 82 ମୂଲ୍ୟ₹୭/-



ଢେଙ୍କାନାଳ ଜିଲା ସଦର ରେଞ୍ଜ ମୋଟଙ୍ଗା ଥାନା ୫୫ ନଂ. ଜାତୀୟ ରାଜପଥର ଚିନ୍ତାପୋଖରୀ ନିକଟରେ ଶୁକ୍ରବାର ସକାଳେ ୩୦ହାତୀ ରାଜପଥ ପାର ହେଉଛନ୍ତି।

# ହାସିନାଙ୍କ ପ୍ରତ୍ୟର୍ପଣ ଦାବିକଲା ବିଏନ୍‌ପି

**ରାଜନୈତିକ ସଙ୍କଟ ଦେଇ ଗତି କରୁଥିବା ବାଂଲାଦେଶରେ ଦୀର୍ଘ ୨ ଦଶନ୍ଧିର ବ୍ୟବଧାନ ପରେ କ୍ଷମତାକୁ ଫେରିଛି ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)। ଗୁରୁବାର ଅନୁଷ୍ଠିତ ତ୍ରୟୋଦଶ ସାଧାରଣ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଖାଲେଦା ଜିଆଙ୍କ ବିଏନ୍‌ପି ଦୁଇ–ତୃତୀୟାଂଶରୁ ଅଧିକ ଆସନ ଦଖଲକରି ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ଏହି ଅଭୂତପୂର୍ବ ସଫଳତା ପରେ ଖାଲେଦାଙ୍କ ପୁଅ ତାରିକ୍ ରହମାନ ଶନିବାର ନୂଆ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବାକୁ ଯାଉଥିବାବେଳେ ତାଙ୍କ ନେତୃତ୍ୱାଧୀନ ବିଏନ୍‌ପି ଭାରତ ଆଶ୍ରିତ ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ଦାବି କରିଛି। ତେଣୁ ଆଗକୁ ଭାରତ–ବାଂଲାଦେଶ ସମ୍ପର୍କ କେଉଁ ଆଡ଼କୁ ଗତି କରୁଛି ତା' ଉପରେ ସମସ୍ତଙ୍କ ନଜର।**

## ବାଂଲାଦେଶ ନିର୍ବାଚନ

- ୨୦ ବର୍ଷ ପରେ କ୍ଷମତାକୁ ଫେରିଲା ଖାଲେଦା ଜିଆଙ୍କ ଦଳ
- ଆଜି ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବେ ତାରିକ୍ ରହମାନ

ଢାକା,୧୩।୨(ପି.ଟି./ଏଜେନ୍ସି)

୨୦୨୪ ଅଗଷ୍ଟରେ ବାଂଲାଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବିରୋଧରେ ମୁଣ୍ଡ ଟେକିଥିବା ଛାତ୍ର ଆନ୍ଦୋଳନ ଶେଷରେ ତାଙ୍କୁ କ୍ଷମତାଚ୍ୟୁତ କରିଥିଲା। ଅଗଷ୍ଟ ୫ରେ ହାସିନା ଦେଶ ଛାଡ଼ି ଭାରତକୁ ପଳାୟନ କରି ନୂଆଦିଲ୍ଲୀର ଶରଣ ନେଇଥିଲେ। ୨୦୨୫ ନଭେମ୍ବରରେ ଢାକାସ୍ଥିତ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ମାନବତା ବିରୋଧରେ ଅପରାଧ ଅଭିଯୋଗରେ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଇତିମଧ୍ୟରେ ନୂଆଦିଲ୍ଲୀରେ ହାସିନାଙ୍କ ଅବସ୍ଥାନକୁ ୧୮ ମାସ ବିତିଯାଇଥିବାବେଳେ ଗୁରୁବାର ବାଂଲାଦେଶରେ ତ୍ରୟୋଦଶ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି। ଜାତୀୟ ସଂସଦର ୩୦୦ ଆସନ ମଧ୍ୟରୁ ୨୯୭ ଆସନ ପାଇଁ ଭୋଟ ଗ୍ରହଣ କରାଯାଇଥିବାବେଳେ ୨ଟି ଆସନରେ ନିର୍ବାଚନ ସ୍ଥଗିତ ରଖାଯାଇଥିଲା। ବାଂଲାଦେଶ ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶିତ ଫଳାଫଳ ଅନୁସାରେ ତାରିକ୍ ରହମାନ ନିର୍ବାଚନ



ତାରିକ୍ ରହମାନ

ଲଢ଼ିଥିବା ଉଭୟ ଚିଟ୍ଟାଗଙ୍ଗ–୨ ଓ ଚିଟ୍ଟାଗଙ୍ଗ–୪ ସଂସଦୀୟ ଆସନରେ ବିଜୟ ଲାଭ କରିଥିବାବେଳେ ତାଙ୍କ ନେତୃତ୍ୱାଧୀନ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)କୁ ୨୧୨ ଆସନରେ ସଫଳତା ମିଳିଛି। ଇସ୍‌ଲାମାବାଦ୍‌ର ଘନିଷ୍ଠ କଠୋରପନ୍ଥୀ ଦଳ ଜାମିଆତ୍–ଇ–ଇସ୍‌ଲାମି ୭୫ ଆସନରେ ବିଜୟୀ ହୋଇଛି। ହାସିନାଙ୍କ ଦଳକୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବାସନ୍ଦ କରାଯାଇଥିଲା। ତାରିକ୍ ଶନିବାର ଦେଶର ନୂଆ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବେ। ସେ ନୋବେଲ ବିଜେତା ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ। ୟୁନୁସ୍‌ଙ୍କ ଅମଳରେ ଢାକା ଓ ନୂଆଦିଲ୍ଲୀ ମଧ୍ୟରେ କୂଟନୈତିକ ସମ୍ପର୍କ ଅଧିକ ତିକ୍ତତାପୂର୍ଣ୍ଣ ହୋଇଯାଇଥିବାବେଳେ ବାଂଲାଦେଶ ନିର୍ବାଚନ ଉପରେ ଭାରତର ନଜର ରହିଥିଲା। ଫଳାଫଳ ଆସିବାରେ ଲାଗିଥିବାବେଳେ ବିଏନ୍‌ପିର ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାରିକ୍‌ଙ୍କୁ ଫୋନ୍ କରି ଅଭିନନ୍ଦନ ଜଣାଇଛନ୍ତି। ଐତିହାସିକ ଓ ସାଂସ୍କୃତିକ ଭାବେ ପରସ୍ପର ସହ ଜଡ଼ିତ ଦୁଇ ପଡ଼ୋଶୀ ଦେଶ ଶାନ୍ତି, ପ୍ରଗତି ଓ ସୌହାର୍ଦ୍ଦ୍ୟ ଦିଗରେ ଅଗ୍ରସର ହେବେ ବୋଲି ପ୍ରଧାନମନ୍ତ୍ରୀ ଏକ ସୋସିଆଲ ମିଡିଆ ପୋଷ୍ଟରେ ଆଶାବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷେ ବିଏନ୍‌ପି ଭାରତରେ ଆଶ୍ରୟ ନେଇଥିବା ହାସିନାଙ୍କ ପ୍ରତ୍ୟର୍ପଣ ଦାବିକୁ ଦୋହରାଇଛି। ବରିଷ୍ଠ ବିଏନ୍‌ପି ନେତା ସଲାହୁଦ୍ଦିନ ଅହମଦ କହିଛନ୍ତି, ହାସିନାଙ୍କ ପ୍ରତ୍ୟର୍ପଣ ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଭାରତକୁ ଅନୁରୋଧ କରିସାରିଛନ୍ତି। ☞ପୃଷ୍ଠା–୭

# ସ୍ୱାମୀଙ୍କୁ ଫାଶୀ ଦଣ୍ଡାଦେଶ

ବାଲେଶ୍ୱର,୧୩।୨(ବାଞ୍ଛାନିଧି ଦେ)

**ଏସିଡ୍ ପକାଇ ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା ମାମଲାର ଶୁଣାଣି କରି ଶୁକ୍ରବାର ବାଲେଶ୍ୱର ସ୍ୱତନ୍ତ୍ର ଏସ୍‌ସି/ଏସ୍‌ଟି କୋର୍ଟ ଜଜ୍ ଅବଦୁଲ ସମିମ ଅକତର ଅଭିଯୁକ୍ତ ସ୍ୱାମୀ ଚନ୍ଦନ କୁମାର ରଣାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଫାଶୀ ଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।**

## ଏସିଡ୍ ପକାଇ ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା ମାମଲା

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ନୟାପାଟଣା ଗ୍ରାମର ଚନ୍ଦନ କୁମାର ରଣା ଭୀମପୁରା ଅଞ୍ଚଳର ଏକ ଗହଣା ଦୋକାନରେ ସୁନାରି ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ତାଙ୍କର ବନିତାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାପରେ ଉଭୟ ବିବାହ କରିଥିଲେ। ମାତ୍ର ପୂର୍ବରୁ ଚନ୍ଦନ ବିବାହିତ ଏବଂ ତାଙ୍କର ଦୁଇ ସନ୍ତାନ ରହିଥିବା ବିବାହ ପରେ ବନିତା ଜାଣିବାକୁ ପାଇଥିଲେ। ପରେ ସେମାନଙ୍କ ମଧ୍ୟରେ କଳହ ଦେଖାଦେଇଥିଲା। ବନିତା ବାପଘରକୁ ଆସିବା ସହ ଭୀମପୁରାରେ ଭଡ଼ା ନେଇ ରହୁଥିବା ବଡ଼ଭଉଣୀ ବର୍ଷାଙ୍କ ଘରେ ଆଶ୍ରୟ ନେଇଥିଲେ ଏବଂ ଥାନାରେ ଚନ୍ଦନଙ୍କ ବିରୋଧରେ ସେ ଏତଲା ଦେଇଥିଲେ। ଉଭୟ ଅଲଗା ରହିବା ନେଇ ଦୁଇ ପରିବାର ମଧ୍ୟରେ ବୁଝାମଣା ହୋଇଥିଲା। ଗତ ୨୦୨୩ ଫେବୃଆରୀ ୨୦ରେ ଚନ୍ଦନ ନିଜର ୬ଜଣ ସହଯୋଗୀଙ୍କ ସହ ଭୀମପୁରାସ୍ଥିତ ଭଡ଼ା ଘରେ ପହଞ୍ଚି ବନିତାଙ୍କୁ ନେବା ପାଇଁ ଜିଦ୍ ଧରିଥିଲେ। ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଚନ୍ଦନ ଉତ୍ତ୍ୟକ୍ତ ହୋଇ ସାଙ୍ଗରେ ଆଣିଥିବା ଏସିଡ୍ ବନିତାଙ୍କ ଉପରେ ପକାଇଥିଲେ। ଏଥିରେ ବନିତା, ବର୍ଷା ଏବଂ ବର୍ଷାଙ୍କ ପୁଅ ଓ ଝିଅଙ୍କ ଉପରେ ଏସିଡ୍ ପଡ଼ିବାରୁ ସମସ୍ତେ ☞ପୃଷ୍ଠା–୭




# ସାଇବର ଠକଙ୍କ କବ୍‌ଜାରେ ବଲାଙ୍ଗୀରର ୯୯୨ ଆକାଉଣ୍ଟ

**ରାକେଟ୍‌ର ପର୍ଦ୍ଦାଫାଶ, ୨ ଗିରଫ**

■ପଶ୍ଚିମବଙ୍ଗର ସାଇବର ଠକଙ୍କ ନେଟୱର୍କ ଜରିଆରେ ଚାଲିଥିଲା ଆର୍ଥିକ ଶୋଷଣ

■୨ ଆକାଉଣ୍ଟରେ ୫ କୋଟିର କାରବାର ହୋଇଛି: ଏସ୍‌ପି ଅଭିଲାଷ



ଗିରଫ ଦୁଇ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।




ଜବତ ହୋଇଥିବା ଦୁଇ ବାଇକ୍ ଓ କାର୍ ।

ବଲାଙ୍ଗୀର,୧୩।୨(ବୀରେନ୍ଦ୍ର କୁମାର ଖାଙ୍ଗର)

ବଲାଙ୍ଗୀର ସାଇବର ଥାନା ପୋଲିସ ଏକ ଆନ୍ତଃରାଜ୍ୟ ସାଇବର ଠକେଇ ରାକେଟର ପର୍ଦ୍ଦାଫାଶ କରିଛି। ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ଶୁକ୍ରବାର ସ୍ଥାନୀୟ ସାଇବର ଥାନା ପରିସରରେ ଖବରଦାତା ସମ୍ମିଳନୀ କରି ଏହି ରାକେଟ୍ ସମ୍ପର୍କରେ ସୂଚନା ଦେଇଛନ୍ତି। ପଶ୍ଚିମବଙ୍ଗରୁ ପରିଚାଳିତ ଏହି ଘଟଣାରେ ବଲାଙ୍ଗୀର ଜିଲାର ଦୁଇ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବଲାଙ୍ଗୀର ସଦର ଥାନା ଚୁଡାପାଲି ଗାଁର ଦେବାଶିଷ କାନ୍ତି (୩୧) ଓ ସୌମ୍ୟ ରଞ୍ଜନ କବାଟ (୨୧)। ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ସାଇବର ଥାନା ପୋଲିସ ୨୯ଟି ବ୍ୟାଙ୍କ ପାସ୍‌ବୁକ୍, ୧୫ଟି ଚେକ୍‌ବୁକ୍, ୧୦ଟି ଡେବିଟ୍ କାର୍ଡ, ଗୋଟିଏ ସ୍ୱାଇପ୍ ବା ପିଓଏସ୍ ମେଶିନ, ୮ଟି ମୋବାଇଲ ଫୋନ, ୫ଟି ସିମ୍‌କାର୍ଡ, ଦୁଇଟି ଦାମୀ ବାଇକ୍ ଏବଂ ଗୋଟିଏ କାର୍ ଜବତ କରାଯାଇଛି। ଯାବତ୍ କେବଳ ବଲାଙ୍ଗୀର ଜିଲାରେ ୯୯୨ଟି ମ୍ୟୁଲ୍ ଆକାଉଣ୍ଟ ଚିହ୍ନଟ ହୋଇଥିବା ଏସ୍‌ପି ଅଭିଲାଷ ସୂଚନା ଦେଇଛନ୍ତି।

ଏସ୍‌ପି ସୂଚନା ଦେଇଛନ୍ତି ଯେ, ସାଇବର ଅପରାଧୀମାନେ ସ୍ଥାନୀୟ ଏଜେଣ୍ଟ ଜରିଆରେ ନିରୀହ ଏବଂ ସାଧାରଣ ଲୋକଙ୍କୁ ଅଳ୍ପ ଟଙ୍କା (୨ରୁ ୫ ହଜାର)ଦେଇ ବିଭିନ୍ନ ବ୍ୟାଙ୍କରେ ସେମାନଙ୍କର ଆକାଉଣ୍ଟ ଖୋଲୁଥିଲେ। ଯେଉଁମାନଙ୍କ ନାଁରେ ଆକାଉଣ୍ଟ ଖୋଲୁଥିଲେ ତାଙ୍କ ପାସ୍‌ବୁକ୍, ଏଟିଏମ୍ କାର୍ଡ ଏବଂ ବ୍ୟାଙ୍କ ଲିଙ୍କ୍ ମୋବାଇଲ ସିମ୍‌କୁ ନେଇଯାଇ ସେଥିରେ ସାଇବର ଠକେଇରୁ ଲବ୍ଧ ବହୁ କୋଟି ଟଙ୍କା ନେଣଦେଣ କରୁଥିଲେ। ଗିରଫ ୨ ଅଭିଯୁକ୍ତ ପଶ୍ଚିମବଙ୍ଗର ସାଇବର ଠକେଇ ରାକେଟ୍‌ର ସ୍ଥାନୀୟ ଏଜେଣ୍ଟ ଥିଲେ। ଉଭୟ ବଲାଙ୍ଗୀର ସଦର ଥାନା, ଟାଉନ ଥାନା ଏବଂ ଲୋଇସିଂହା ଥାନା ଅଞ୍ଚଳର ୩ ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ଯୋଗାଯୋଗ କରି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଡିଟେଲ୍ସ ନେଇ ସାଇବର ଠକଙ୍କୁ ଦେଇଥିଲେ। ପଶ୍ଚିମବଙ୍ଗରୁ ବଲାଙ୍ଗୀର ଆସି ସାଇବର ଠକମାନେ ଏଠାରେ ସ୍ଥାନୀୟ ଏଜେଣ୍ଟ ନିଯୁକ୍ତି କରି ସେମାନଙ୍କ ଜରିଆରେ ଜିଲାର ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଡିଟେଲ୍ସ, ପାସ୍‌ବୁକ୍ ଏବଂ ମୋବାଇଲ ସିମ୍ ନେଇଥିବା ଜଣାପଡ଼ିଛି। ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ ସେଣ୍ଟର (ଆଇ୪ସି)ର ସୂଚନା ଆଧାରରେ ବିଭିନ୍ନ ବ୍ୟାଙ୍କର ମ୍ୟୁଲ୍ ଆକାଉଣ୍ଟଗୁଡିକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଚୁଡାପାଲି ଅଞ୍ଚଳର ଦୁଇଟି ଆକାଉଣ୍ଟରେ ଗତ ୬ ମାସ ମଧ୍ୟରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନେଣଦେଣ ହୋଇଥିବା ଜଣାପଡ଼ିଥିଲା। ଉକ୍ତ ସନ୍ଦିଗ୍ଧ ଆକାଉଣ୍ଟର କେୱାଇସି ଯାଞ୍ଚ କରାଯିବାରୁ ଯାହାଙ୍କ ନାଁରେ ଆକାଉଣ୍ଟ ଥିଲା ତାଙ୍କ ସୂଚନା ମିଳିଥିଲା। ତେବେ ସମ୍ପୃକ୍ତ ଆକାଉଣ୍ଟ ଥିବା ବ୍ୟକ୍ତି ତାଙ୍କ ଆକାଉଣ୍ଟରେ ଏତେ ପରିମାଣର ଟଙ୍କା ନେଣଦେଣ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ। ସାଇବର ପୋଲିସ ଅଧିକ ତଦନ୍ତ କରିବାରୁ ଦୁଇ ଅଭିଯୁକ୍ତଙ୍କ ସମ୍ପୃକ୍ତି ଜଣାପଡିଥିଲା। ମାତ୍ର ୨ ହଜାର ଟଙ୍କା ଦେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅଭିଯୁକ୍ତ ସାଇବର ଠକମାନେ ୫ କୋଟିରୁ ଅଧିକ ଟଙ୍କା ନେଣଦେଣ କରିଥିବା ଜଣାପଡ଼ିଥିଲା। ଅଭିଯୁକ୍ତ ଦେବାଶିଷ ଏବଂ ସୌମ୍ୟ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଆକାଉଣ୍ଟ ଡିଟେଲ୍ସ ସାଇବର ଠକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଅନ୍ୟ ଆକାଉଣ୍ଟଗୁଡ଼ିକର ତଦନ୍ତ ଆରମ୍ଭ ହୋଇଛି ଏବଂ ଖୁବ୍‌ଶୀଘ୍ର ବାସ୍ତବରେ ସାଇବର ଠକମାନେ କେତେ କୋଟି ଟଙ୍କାର କାରସାଦି କରିଛନ୍ତି ଜଣାପଡ଼ିବ ବୋଲି ଏସ୍‌ପି କହିଛନ୍ତି। ମ୍ୟୁଲ୍ ଆକାଉଣ୍ଟରୁ ବହୁ କୋଟି ଟଙ୍କାର ସାଇବର ଠକେଇରେ ଅନେକ ଲୋକ ଶିକାର ହୋଇଥିବା ଅନୁମାନ କରାଯାଉଛି। ପଶ୍ଚିମବଙ୍ଗର ସାଇବର ଠକ ଏବଂ ଜିଲାରେ ସକ୍ରିୟ ଥିବା ଅନ୍ୟ ଏଜେଣ୍ଟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସକାଶେ ପଦକ୍ଷେପ ନିଆଯାଉଛି ବୋଲି ଏସ୍‌ପି ଅଭିଲାଷ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଓ ସାଇବର ଥାନା ଆଇଆଇସି ଭାରତୀ ନାଏକ ଉପସ୍ଥିତ ଥିଲେ।

## ୫୦ କି.ଗ୍ରା. ନକଲି ଜର୍ଦ୍ଦା ଜବତ, ଜଣେ ଗିରଫ

ଭଦ୍ରକ,୧୩।୨(ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଥାନା ଅଧୀନ କାଜିମହଲାରେ ଶୁକ୍ରବାର ଟାଉନ ପୋଲିସ ଚଢ଼ାଉ କରି ୫୦ କି.ଗ୍ରା. ନକଲି ଜର୍ଦ୍ଦା ଜବତ କରିଛି। ଏନେଇ ଏକ ମାମଲା (ନଂ.୧୨୫/୨୬) ରୁଜୁ କରାଯାଇ ଉକ୍ତ ଗ୍ରାମର ରାଜା ଓଲ୍ ହକ୍ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବସ୍ ଯୋଗେ ମୟୂରଭଞ୍ଜ ଜିଲାର ବାରିପଦାକୁ ପଠାଇବା ପାଇଁ ରାଜା ମଧ୍ୟାହ୍ନରେ ଏକ ସ୍କୁଟିରେ ଜର୍ଦ୍ଦା ବୋଝେଇ ଏକ ବସ୍ତା ନେଇ ଭଦ୍ରକ ସହର ବସ୍‌ଷ୍ଟାଣ୍ଡକୁ ଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ ଟାଉନ ଥାନାର ପାଟ୍ରୋଲିଂ ପୋଲିସ ଉକ୍ତ ଜର୍ଦ୍ଦା ବସ୍ତା ଜବତ କରିଥିଲା। ଯାଞ୍ଚ କରିବା ପରେ ଏହା ନକଲି ଜର୍ଦ୍ଦା ବୋଲି ଜଣାପଡ଼ିଥିଲା। ପରେ କାଜିମହଲାସ୍ଥିତ ତାଙ୍କ ଘରେ ଟାଉନ ପୋଲିସ ଚଢ଼ାଉ କରିଥିଲା। ବିଭିନ୍ନ ବ୍ରାଣ୍ଡର ଲୋଗୋ, ରାସାୟନିକ ସାମଗ୍ରୀ, ପ୍ୟାକିଂ ମେଶିନ, ସିଲ୍ ମେଶିନ ସହ ନକଲି ଜର୍ଦ୍ଦା ବାହାରିଥିଲା। ଜବତ ଜର୍ଦ୍ଦାର ମୂଲ୍ୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ପୋଲିସ ଏସବୁ ଜବତ କରି ଥାନାକୁ ନେଇଛି।



ଜବତ ନକଲି ଜର୍ଦ୍ଦା ସହ ଗିରଫ ରାଜା ଓଲ୍ ହକ୍।

**ଶିଶୁ ସହ ଅପ୍ରାକୃତ ଯୌନସମ୍ପର୍କ ରଖି ହତ୍ୟା ମାମଲା**

## ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୧୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅଞ୍ଚଳରେ ଏକ ଶିଶୁପୁତ୍ର ସହ ଅପ୍ରାକୃତ ଯୌନ ସମ୍ପର୍କ ରଖି ହତ୍ୟା କରାଯାଇଥିଲା। ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତୀ ପଟ୍ଟନାୟକ ଉକ୍ତ ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଉକ୍ତ ଥାନା ଅଞ୍ଚଳର ସୁକାନ୍ତ ସେଠୀ ଓରଫ ଶ୍ରୀକାନ୍ତ(୨୬)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ମୃତ ଶିଶୁଙ୍କ ମା'ବାପାଙ୍କୁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଶିଶୁପୁତ୍ରଙ୍କ ବାପା ସୁରଟରେ ରହୁଥିଲେ। ମା' ମଜୁରି ଲାଗନ୍ତି। ୨୦୨୩ ଜାନୁଆରୀ ୨୪ରେ ଶିଶୁଟି ଘର ଦାଣ୍ଡରେ ଖେଳୁଥିବା ବେଳେ ସେହି ସାହିରେ ରହୁଥିବା ଶ୍ରୀକାନ୍ତ ଚକୋଲେଟ ଦେଇ ଲୋଭ ଦେଖାଇ ତାଙ୍କ ଛାତ ଉପରକୁ ନେଇ ଯାଇଥିଲେ। କାମରୁ ଫେରିବା ପରେ ମା' ଓ ପରିବାରର ଅନ୍ୟମାନେ ପୁଅକୁ ଖୋଜାଖୋଜି କରିଥିଲେ। ସାହିର କେତେଜଣଙ୍କଠାରୁ ଶୁଣି ସେମାନେ ଶ୍ରୀକାନ୍ତଙ୍କ ଛାତକୁ ଯାଇଥିଲେ। ସେଠାରେ ଶିଶୁଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ବେଳେ ଶ୍ରୀକାନ୍ତ ସେଠାରେ ଥିଲେ। ଶ୍ରୀକାନ୍ତ ନିଜ ଦୋଷ ସ୍ୱୀକାର କରିବା ସହ ସେଠାରୁ ଚାଲିଯାଇଥିଲେ ବୋଲି ପୀଡିତଙ୍କ ପରିବାର ଲୋକେ କହିଥିଲେ। ଶିଶୁପୁତ୍ର ବଞ୍ଚିଥିବା ଭାବି ପରିବାର ଲୋକେ ତାଙ୍କୁ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୪/୨୩ରେ ମାମଲା ରୁଜୁକରି ଘଟଣାର ପରଦିନ ଶ୍ରୀକାନ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ତତ୍କାଳୀନ ଥାନାଧିକାରୀ ମମତା କୁମାରୀ ସାମନ୍ତରା କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୭ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିବା ଶ୍ରୀକାନ୍ତଙ୍କୁ ଶୁକ୍ରବାର କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଓ ପୋଲିସର ଚାର୍ଜସିଟ ଆଧାରରେ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

## ଛାତ୍ରୀଙ୍କୁ ଅପହରଣ ବେଳେ ଧରାପଡ଼ିଲେ ୨ ଯୁବକ

ତିହିଡ଼ି,୧୩।୨(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବାରସର ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଶୁକ୍ରବାର ପୂର୍ବାହ୍ନରେ ଏକ କାର୍‌ରେ ଅପହରଣ କରିବା ବେଳେ ୨ ଯୁବକ ଧରାପଡ଼ିଛନ୍ତି। କାର୍‌ଟି ଜଣେ ବ୍ୟକ୍ତିଙ୍କ ପାଦ ଉପରେ ଚଢ଼ିଯିବା ସହ ୪ ବାଇକ୍‌କୁ ଧକ୍କାଦେବାରୁ ଲୋକେ ଉତ୍ତ୍ୟକ୍ତ ହୋଇ କାର୍‌କୁ ଭଙ୍ଗାରୁଜା କରିଛନ୍ତି। ଅପହରଣ ନେଇ ଛାତ୍ରୀଙ୍କ ମା' ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ. ୪୪/୨୬) ରୁଜୁକରି ଅପହରଣକାରୀ ୨ ଯୁବକଙ୍କୁ ଥାନାରେ ଅଟକ ରଖିଛି।

ସୂଚନା ଅନୁଯାୟୀ, ତିହିଡ଼ି ଡିଗ୍ରୀ କଲେଜରେ ପଢୁଥିବା ଜଣେ ଛାତ୍ରୀ ନିକଟସ୍ଥ କଲେଜ ଛକକୁ ଜେରକ୍ସ କରିବାକୁ ଯାଇଥିଲେ। ଏହି ସମୟରେ ଏକ କାର୍ ଆସି ସେଠାରେ ରହିଥିଲା ଏବଂ କେତେଜଣ ଯୁବକ କାର୍‌ରୁ ଓହ୍ଲାଇ ଛାତ୍ରୀଙ୍କୁ ଅପହରଣ କରି କାର୍ ଭିତରକୁ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ କେତେଜଣ ଯୁବକ ଏହା ଦେଖି କାର୍‌ର ପିଛା କରିଥିଲେ। କାର୍‌ଟି ତିହିଡ଼ି-ମାଟିଆସାହି ରାସ୍ତାରେ ସୟା ପଞ୍ଚାୟତର ବାଉଁଶବାଗ ଗ୍ରାମକୁ ଯାଇଥିଲା। କାର୍ ଦ୍ରୁତଗତିରେ ଯାଉଥିବାରୁ ସୟା ନିକଟରେ କେତୋଟି ବାଇକ୍‌କୁ ଧକ୍କାଦେବାରୁ ୪ଟି ବାଇକ୍ ଭାଙ୍ଗିଯାଇଛି। ଏଥିସହ କାର୍‌ଟି ସୟା ଗ୍ରାମର ରାଧାକାନ୍ତ ସାହୁଙ୍କ ପାଦ ଉପରେ ଚଢ଼ିଯିବାରୁ ସେ ଆହତ ହୋଇଥିଲେ। ପରେ ବାଉଁଶବାଗ ଗ୍ରାମରେ ରାସ୍ତା ନ ପାଇବାରୁ କାର୍‌ଟି ଅଟକି ରହିଥିଲା। ଲୋକେ ଛାତ୍ରୀଙ୍କୁ କାର୍ ଭିତରୁ ଉଦ୍ଧାର କରିଥିବା ବେଳେ ୪ ଯୁବକଙ୍କ ମଧ୍ୟରୁ ୨ଜଣ ଖସି ପଳାଇଥିଲେ। ଉତ୍ତ୍ୟକ୍ତ ଲୋକେ କାର୍‌କୁ ଭଙ୍ଗାରୁଜା କରିବା ସହ ପୋଲିସକୁ ଖବର ଦେଇଥିଲେ। ପରେ ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଙ୍କ ସହ ୨ ଅପହରଣକାରୀଙ୍କୁ ଥାନାକୁ ନେଇଥିଲେ। ପୋଲିସ ୨ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

**କାର୍ ଭଙ୍ଗାରୁଜା କଲେ ଉତ୍ତ୍ୟକ୍ତ ଲୋକେ**

## ଆକ୍ରମଣ ଘଟଣାରେ ପୂର୍ବତନ ସରପଞ୍ଚ ଗିରଫ

ଚିକିଟି,୧୩।୨(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ବ୍ଲକ ରମ୍ଭା ପଞ୍ଚାୟତ ବରଡ଼ା ଗ୍ରାମରେ ଗୁରୁବାର କମେଣ୍ଟମରାକୁ କେନ୍ଦ୍ରକରି ୨ ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଘଟଣାରେ ରମ୍ଭା ପଞ୍ଚାୟତର ପୂର୍ବତନ ସରପଞ୍ଚ ୟୁ. ନାରସିଙ୍ଗିଲୁଙ୍କୁ ଶୁକ୍ରବାର କେ. ନୂଆଗାଁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ଗ୍ରାମର ଶିବ ମନ୍ଦିର ନିକଟରେ ଥିବା ଦୋକାନ ସମ୍ମୁଖରେ ପୂର୍ବତନ ସରପଞ୍ଚ ନାରସିଙ୍ଗିଲୁ ଓ ଶିବା ରେଡ୍ଡୀଙ୍କ ମଧ୍ୟରେ କୌଣସି କାରଣରୁ କମେଣ୍ଟ ମରାମରି ହୋଇ ଗଣ୍ଡଗୋଳ ହୋଇଥିଲା। ନାରସିଙ୍ଗିଲୁ ଠେଙ୍ଗାରେ ଆକ୍ରମଣ କରିବାରୁ ଶିବାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏନେଇ ଶିବାଙ୍କ ପରିବାର କେ. ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଏନେଇ ନଂ. ୪୬/୨୬ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ନାରସିଙ୍ଗିଲୁଙ୍କ ସ୍ତ୍ରୀ ୟୁ.ଦିବ୍ୟପ୍ରଭା ଓ ସରପଞ୍ଚ କୁମାରୀ ସେଠୀ ଶିବାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

**Business**

## ତନିସ୍କ ପକ୍ଷରୁ ପ୍ରାକୃତିକ ହୀରା ପ୍ରଦର୍ଶନୀ

ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)

ତନିସ୍କ ପକ୍ଷରୁ ଭୁବନେଶ୍ୱରର ହୋଟେଲ ଲାଇଫ୍‌ରେ ପ୍ରାକୃତିକ ହୀରା ଗହଣା ପ୍ରଦର୍ଶନୀ ଶୁକ୍ରବାର ଆରମ୍ଭ ହୋଇଛି। ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ଏକ ହୀରା ସମ୍ବନ୍ଧୀୟ ଅଧିବେଶନ ଅନୁଷ୍ଠିତ ହେଉଛି। ଏହି ଅଧିବେଶନରେ ଡି ବିୟର୍ସ ସହଯୋଗରେ ବିକଶିତ ହାଇ-ଟେକ ଡାଇମଣ୍ଡ କ୍ୱାଲିଟି ଡିଟେକ୍ଟର ଯନ୍ତ୍ର ଯଥା ଲାଇଟ ସ୍କୋପ ଓ ସିଣ୍ଟ ଡିଟେକ୍ଟର ପ୍ରଦର୍ଶନ କରାଯାଉଛି। ଲାଇଟ ସ୍କୋପ୍ ହୀରାର ଆଲୋକ ପ୍ରଦର୍ଶନକୁ ମାପି ଦେଖାଇବା ସହ ସିଣ୍ଟ ଡିଟେକ୍ଟର ପ୍ରାକୃତିକ ହୀରାକୁ ସିନ୍ଥେଟିକ ବିକଳ୍ପରୁ ପୃଥକ୍ କରିବ। ଏହା ଦ୍ୱାରା ଗ୍ରାହକମାନେ ନିଜେ ହୀରାର ପ୍ରାମାଣିକତା ଓ ଗୁଣବତ୍ତା ଯାଞ୍ଚ କରିପାରିବେ। ପ୍ରଦର୍ଶନୀରେ ପ୍ରାକୃତିକ ହୀରା ଆଭୂଷଣର ଶ୍ରେଷ୍ଠ ନମୁନା ପ୍ରଦର୍ଶନ କରାଯାଉଛି। ଏଥିରେ ତନିସ୍କର ଚାରୋଟି ସ୍ୱତନ୍ତ୍ର କଲେକ୍ସନ ରେଡିଆନ୍ସ ଇନ୍ ରିଦମ, ଏଲାନ, ଅନ୍‌ବାଉଣ୍ଡ ପ୍ରଦର୍ଶିତ ହେଉଥିବା ତନିସ୍କର ଏବିଏମ୍ କୌଶିକ୍ ବାନାର୍ଜୀ ସୂଚନା ଦେଇଛନ୍ତି। ଏହି ଅବସରରେ ତନିସ୍କ ଓଡ଼ିଶା ଓ ଉତ୍ତର-ପୂର୍ବ ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ କହିଛନ୍ତି, ଆମେ ଭୁବନେଶ୍ୱରରେ ଆମର ନୂତନ ପ୍ରାକୃତିକ ହୀରା ସଂଗ୍ରହକୁ ଏହି ବିଶେଷ ପ୍ରଦର୍ଶନୀ ମାଧ୍ୟମରେ ଲୋକଲୋଚନକୁ ଆଣି ଆନନ୍ଦିତ। ଭୁବନେଶ୍ୱର ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଗ୍ରାହକମାନଙ୍କ ଆଗ୍ରହ ମଧ୍ୟ ଦେଖିବାକୁ ମିଳୁଛି।




ପ୍ରାକୃତିକ ହୀରା ଗହଣା ପ୍ରଦର୍ଶନୀରେ ତନିସ୍କର ଏବିଏମ୍ କୌଶିକ୍ ବାନାର୍ଜୀ, ବିଜିନେଶ୍ ଆସୋସିଏଟ୍ ମାଣିକ ହଂସ, ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ ଓ ଏବିଏଏମ୍ ବୃନ୍ଦାଦିତ୍ୟ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଅଛନ୍ତି। (ଫଟୋ- ବିକାଶ ନାୟକ)

## ଆଇଓସିଏଲ୍‌ର 'କ୍ଲିନ୍ ଆଣ୍ଡ କେୟାର ଚ୍ୟାଲେଞ୍ଜ' ଅଭିଯାନ




ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)

ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ଓଡ଼ିଶାର ସମସ୍ତ ରିଟେଲ ଆଉଟ୍‌ଲେଟ୍‌ରେ ଫ୍ରି ଏୟାର, ବିଶୁଦ୍ଧ ପାନୀୟ ଜଳ ସହ ସ୍ୱଚ୍ଛ ଶୌଚାଳୟ ସେବା ପାଇପାରିବେ। ଏଥିପାଇଁ 'କ୍ଲିନ୍ ଆଣ୍ଡ କେୟାର ଚ୍ୟାଲେଞ୍ଜ' ଅଭିଯାନର ଶୁଭାରମ୍ଭ ହୋଇଛି। ଗ୍ରାହକମାନେ ପେଟ୍ରୋଲ ପମ୍ପରେ ଉପଲବ୍ଧ କ୍ୟୁଆର୍ କୋଡ୍ ସ୍କାନ୍ କରି ନିଜର ମତାମତ ଦେଇପାରିବେ। ଆଇଓସିଏଲ୍ କମିଟି ପକ୍ଷରୁ ସେହି ମତାମତଗୁଡ଼ିକର ଯାଞ୍ଚ କରାଯିବା ସହ ଯେଉଁଠି ସୁଧାରର ଆବଶ୍ୟକତା ଚିହ୍ନଟ ହେବ, ସେଠାରେ ମତାମତ ପ୍ରଦାନ କରିଥିବା ଗ୍ରାହକମାନଙ୍କୁ ପୁରସ୍କାର ସ୍ୱରୂପ ୧୦୦ ଟଙ୍କା ମୂଲ୍ୟର 'ଏକ୍ସଟ୍ରାରିୱାର୍ଡ ପଏଣ୍ଟ' ପ୍ରଦାନ କରାଯିବ। ଏହି ପଏଣ୍ଟ ମାଧ୍ୟମରେ ସେମାନେ ପେଟ୍ରୋଲ ଓ ଡିଜେଲ କ୍ରୟ କରିପାରିବେ। ଭୁବନେଶ୍ୱର ଆଇଓସିଏଲ୍‌ର ମାର୍କେଟିଂ ନିର୍ଦ୍ଦେଶକ ସୌମିତ୍ର ପ୍ରିୟ ଶ୍ରୀବାସ୍ତବ ଅଭିଯାନର ଶୁଭାରମ୍ଭ କରିଥିବାବେଳେ ଆଇଓସିଏଲ୍‌ର ସିଜିଏମ୍ ଏବଂ ରାଜ୍ୟ ମୁଖ୍ୟ କମଳ ଶୀଲ, ସିଜିଏମ୍ (ଆର୍‌ଏସ୍) ରୋହିତ କୁମାର, ଡିଆର୍‌ଏସ୍‌ଏଚ୍ ବିଶାଲ ଗର୍ଗ, ଭୁବନେଶ୍ୱର ଡିଓ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଏହି ଅଭିଯାନ ଓଡ଼ିଶାର ୫ଟି ସହରରେ ପରୀକ୍ଷଣ କରାଯାଇଥିଲା। ବର୍ତ୍ତମାନ ଏହାକୁ ରାଜ୍ୟର ପ୍ରାୟ ୧୩୦୦ଟି ଆଇଓସିଏଲ୍ ପେଟ୍ରୋଲ ପମ୍ପରେ ବିସ୍ତାର କରାଯାଇଛି। ଏହି ବାର୍ତ୍ତାର ପ୍ରଚାର ପାଇଁ ଏକ ବାଇକ୍ ରାଲି କରାଯାଥିଲା। ଫୋରକୋର୍ଟରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଗ୍ରାହକ ଆଟେଣ୍ଡାଣ୍ଟ (ସିଏ)ମାନଙ୍କୁ ସମ୍ମାନିତ କରାଯାଇଥିଲା।

## ଓଡ଼ିଶା ମେଡିକାଲ ଏକ୍ସପୋ ଉଦ୍‌ଘାଟିତ



**ଶିରା ଚିହ୍ନଟ କରୁଛି ଅତ୍ୟାଧୁନିକ ଯନ୍ତ୍ରାଂଶ**

ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)

ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ 'ଓଡ଼ିଶା ମେଡିକାଲ ଡିଭାଇସ୍ ଏକ୍ସପୋ-୨୦୨୬'ର ପଞ୍ଚମ ସଂସ୍କରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଡାକ୍ତର, ମେଡିକାଲ ଇଞ୍ଜିନିୟର ଏବଂ ନୀତି ନିର୍ଦ୍ଧାରକମାନେ ଏକାଠି ହୋଇ ନୂତନ ଜ୍ଞାନକୌଶଳ ଉପରେ ଚର୍ଚ୍ଚା କରୁଛନ୍ତି। ପ୍ରଦର୍ଶନୀର ୬ ନଂ. ଷ୍ଟଲ୍‌ରେ ଅପ୍ଟୋ-ସେମିକଣ୍ଡକ୍ଟର, ଉନ୍ନତ ଇଲେକ୍ଟ୍ରୋନିକ୍ସ ଏବଂ ସମନ୍ୱିତ ପ୍ରଯୁକ୍ତି ଉତ୍ପାଦର ନିର୍ମାତା ପଲିମାଟେକ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ପକ୍ଷରୁ ଦେଶର ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ଶିରା ଚିହ୍ନଟ ମେଶିନ ପ୍ରଦର୍ଶନ କରାଯାଇଛି। ପଲିମାଟେକ୍ ଶିରା ଫାଇଣ୍ଡର ହେଉଛି ଏହି ବର୍ଗରେ ପ୍ରଥମ ଭାରତ ନିର୍ମିତ ଯନ୍ତ୍ରାଂଶ ଯାହା ପ୍ରମୁଖ ଘରୋଇ ଏବଂ ଅନ୍ତର୍ଜାତୀୟ ନିୟାମକ ମାନଦଣ୍ଡ ପୂରଣ କରିଛି। ଏହି ସିଷ୍ଟମକୁ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଙ୍ଗଠନ (ସିଡିଏସ୍‌ସିଓ) ଦ୍ୱାରା ଏକ ଶ୍ରେଣୀ ଏହି ଚିକିତ୍ସା ଉପକରଣ ଭାବରେ ପଞ୍ଜୀକୃତ କରାଯାଇଛି, ଯାହା ଭାରତର ସ୍ୱଦେଶୀ ଚିକିତ୍ସା ଉପକରଣ ଇକୋସିଷ୍ଟମରେ ଏକ ପ୍ରମୁଖ ମାଇଲଖୁଣ୍ଟ। ଏହା ସହ ଉକ୍ତ ଉପକରଣଟି ଯୁକ୍ତରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ ସହ ପଞ୍ଜୀକୃତ ହୋଇଛି ଏବଂ ଇୟୁ ଲୋ ଭୋଲ୍‌ଟେଜ ନିର୍ଦ୍ଦେଶନାମା ଅଧୀନରେ ସିଇକୁ ଏହା ଅନୁପାଳନକରେ। ପଲିମାଟେକ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଈଶ୍ୱରା ରାଓ ନନ୍ଦମ କହିଛନ୍ତି, ଏହି ଉପକରଣ ଜରୁରିକାଳୀନ ବିଭାଗ, ଶିଶୁ ଚିକିତ୍ସା, ଡାଏଲିସିସ୍ କେନ୍ଦ୍ର, ଅଙ୍କୋଲୋଜି ୟୁନିଟ୍ ରୋଗୀ ଗୋଷ୍ଠୀ ସମେତ ବିଭିନ୍ନ କ୍ଲିନିକାଲ ପରିବେଶ ପାଇଁ ଉପଯୁକ୍ତ।

## ମାଲାବାରର ଜେମ୍ ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲ




ଭୁବନେଶ୍ୱର ଶହୀଦନଗରସ୍ଥିତ ଷ୍ଟୋରରେ ଜେମ୍ ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲର ଶୁଭାରମ୍ଭ ଅବସରରେ ଷ୍ଟୋରର ଅଧିକାରୀ କର୍ମଚାରୀ ଓ ମଡେଲମାନେ ଉପସ୍ଥିତ ଅଛନ୍ତି। (ଫଟୋ- ବିକାଶ ନାୟକ)



କଟକ କ୍ୟାଣ୍ଟେନମେଣ୍ଟରୋଡସ୍ଥିତ ଷ୍ଟୋରରେ ଡା. ତନ୍ମିନୀ ଦାସ ଓ ଅନ୍ୟମାନେ ଜେମ୍ ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଜେମ୍ ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲର ଶୁଭାରମ୍ଭ ହୋଇଛି। ଏନେଇ ଶୁକ୍ରବାର ଭୁବନେଶ୍ୱର ଶହୀଦନଗରସ୍ଥିତ ଷ୍ଟୋର ଏବଂ କଟକ କ୍ୟାଣ୍ଟେନମେଣ୍ଟରୋଡସ୍ଥିତ ଷ୍ଟୋରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜେମ୍‌ଷ୍ଟୋନ୍ ଓ ଅନ୍‌କଟ୍ ଜୁଏଲେରି ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ଏବଂ ପୋଲକି ଜୁଏଲେରିର ଷ୍ଟୋନ୍ ଭାଲ୍ୟୁ ଉପରେ ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଏହି ଅଫର ସହ ଏରା, ପ୍ରସିଆ ଏବଂ ବିରାଜ ଭଳି କଲେକ୍ସନ ମଧ୍ୟ ଉପଲବ୍ଧ କରାଯାଇଛି। ଏହି ଅଫର ମାର୍ଚ୍ଚ ୮ ପର୍ଯ୍ୟନ୍ତ ବୈଧ ରହିବ। ଷ୍ଟୋର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗ୍ରାହକମାନେ ଷ୍ଟୋରରେ ଉପଲବ୍ଧ କୌଣସି ଗହଣାର ମୂଲ୍ୟର ୩୦% ଦେଇ ଏହାର ବୁକିଂ କରିବେ। ବୁକିଂ କରିବା ଦିନ କ୍ରୟ କରିବା ଦିନ ମଧ୍ୟରେ ଯେଉଁଦିନ ସେହି ଗହଣାର ମୂଲ୍ୟ କମ୍ ରହିଥିବ ସେହି ମୂଲ୍ୟରେ ଗ୍ରାହକ ତାହାକୁ କିଣିପାରିବେ। ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍ ପି ଅହମଦ କହିଛନ୍ତି, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ସର୍ବଦା ସ୍ୱଚ୍ଛତା ଏବଂ ଶୁଦ୍ଧତା ଏବଂ ଗୁଣବତ୍ତା ଉପରେ ଗୁରୁତ୍ୱ ଦେଇଥାଏ। ଅନ୍ୟପଟେ ଷ୍ଟୋର ପକ୍ଷରୁ ଜେମ୍‌ଷ୍ଟୋନ୍ ଜୁଏଲେରି କଲେକ୍ସନ ଭ୍ୟାନାର ମଧ୍ୟ ଉନ୍ମୋଚନ କରାଯାଇଥିଲା।

**ଦାଦନ ଯିବାବେଳେ ଯୁବକ ନିଖୋଜ**

ରାୟଗଡ଼ା, (ଆଶିଷ ରଞ୍ଜନ ପଣ୍ଡା)-ରାୟଗଡା ସଦର ବ୍ଲକ କୁତୁଳି ପଞ୍ଚାୟତ ଅଧୀନ ରେଗେଡ଼ା ଗ୍ରାମର ଅନନ୍ତ କାଡ୍ରାକା ଦାଦନ ଖଟିବାକୁ ଚେନ୍ନାଇ ଯାଉଥିବାବେଳେ ବାଟରେ ନିଖୋଜ ହୋଇ ଯାଇଛନ୍ତି। ଏନେଇ ପରିବାର ଲୋକେ ପ୍ରଥମେ ରାୟଗଡ଼ା ଥାନା ଓ ପରେ ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅନନ୍ତଙ୍କୁ ଖୋଜି ଆଣିବାକୁ ସେମାନେ ନିବେଦନ କରିଛନ୍ତି। ଏ ଦିଗରେ ଶ୍ରମ ବିଭାଗ ପଦକ୍ଷେପ ଗ୍ରହଣ କରୁଛି ବୋଲି ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ତ୍ରିପାଠୀ କହିଛନ୍ତି।

# ସ୍ଲଟ୍ ବୁକିଂ ପରେ ମଧ୍ୟ ହୋଇପାରିଲାନି ଜମି ରେଜିଷ୍ଟ୍ରେଶନ

**ରାୟଗଡ଼ା,୧୩।୨(ଆଶିଷ ରଞ୍ଜନ ପଣ୍ଡା)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଓଡ଼ିଶାର ୧୭ଜିଲାର ୫୬ ତହସିଲରେ ୫୭ଟି ଉପନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା। ସମ୍ପୃକ୍ତ ତହସିଲର ଜନସାଧାରଣଙ୍କୁ ଜମିଜମା ରେଜିଷ୍ଟ୍ରେସନ ପାଇଁ ଦୂରକୁ ନଯାଇ ନିକଟରେ ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଏହି ପଦକ୍ଷେପ ଗ୍ରହଣ କରିଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଥିଲେ। ସେହି କ୍ରମରେ ରାୟଗଡ଼ା ଜିଲାର ୪ଟି ତହସିଲ କୋଲନରା, କଲ୍ୟାଣସିଂହପୁର, ମୁନିଗୁଡ଼ା ଏବଂ ପଦ୍ମପୁରରେ ଉପନିବନ୍ଧନ କାର୍ଯ୍ୟାଳୟ ଆରମ୍ଭ ହୋଇଯାଇଛି। ତେବେ କୋଲନରା ତହସିଲରେ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଜମିଜମା ରେଜିଷ୍ଟ୍ରେସନ ପାଇଁ ଜିଲା ଉପନିବନ୍ଧନ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ ୧୦୪/୨.୨.୨୦୨୬ରେ ଦିନ ଧାର୍ଯ୍ୟ କରାଯାଇଛି। ହେଲେ ଶୁକ୍ରବାର ପ୍ରାୟ ୧୫ଜଣ ଅନଲାଇନ୍ ମାଧ୍ୟମରେ ୩୦୦ ଟଙ୍କା ଦେଇ ସ୍ଲଟ ବୁକିଂ କରିଥିଲେ ମଧ୍ୟ ଦାୟିତ୍ୱରେ ଥିବା ତହସିଲଦାର ସେଦିନ ଉପସ୍ଥିତ ନ ରହି କୌଣସି ବୈଠକ ପାଇଁ ରାୟଗଡ଼ା ଆସିଥିଲେ। ଫଳରେ ସ୍ଲଟ ବୁକିଂ କରିଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବୋଲି ରାୟଗଡ଼ା ବାର ଆସୋସିଏସନ ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ମଙ୍ଗଳମୂର୍ତ୍ତି ବେଉରିଆ ଅଭିଯୋଗ କରିଛନ୍ତି।

ଆଇନଜୀବୀ ବେଉରିଆଙ୍କ କହିବାନୁସାରେ ସ୍ଲଟ ବୁକିଂ କରିଥିବା ଲୋକଙ୍କ ଯଦି ରେଜିଷ୍ଟ୍ରେସନ କାର୍ଯ୍ୟ ନହୁଏ ତେବେ ସେମାନେ ପୈଠ କରିଥିବା ୩୦୦ଟଙ୍କା ଫେରସ୍ତ ହୋଇପାରିବ ନାହିଁ। ଏଥିସହ ଧାର୍ଯ୍ୟ ଦିନରେ ଲୋକେ ଆସି ଆର୍ଥିକ ସମସ୍ୟାର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ କୋଲନରା ଉପନିବନ୍ଧନ କାର୍ଯ୍ୟାଳୟରେ ସାପ୍ତାହିକ ୨ ଦିନ ରେଜିଷ୍ଟ୍ରେସନ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଆଇଜିଆର ପୋର୍ଟଲରେ ସ୍ଲଟ ବୁକିଂ ପାଇଁ ସବୁଦିନ ଖୋଲା ଦେଖାଯାଉଛି। ଫଳରେ ସୂଚନା ପାଇ ନ ଥିବା ଲୋକେ ସମସ୍ତ ଦିନରେ ସ୍ଲଟ ବୁକିଂ କରି ଅଯଥା ଖର୍ଚ୍ଚାନ୍ତ ହେବାର ଆଶଙ୍କା ରହିଛି ବୋଲି ଆଇନଜୀବୀ ବେଉରିଆ କହିଛନ୍ତି। ଏନେଇ ଉପ ନିବନ୍ଧନ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା କୋଲନରା ତହସିଲଦାର କଳ୍ପନା ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଜରୁରୀ ବୈଠକ ରହିଥିବା କାରଣରୁ ଚାଲିଯାଇଥିଲି। ଆଗାମୀ ଦିନରେ ଏହିଭଳି ସମସ୍ୟା ଯେ ଭଳି ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବ। ତେବେ ଏନେଇ ଅତିରିକ୍ତ ଜିଲାପାଳ (ରାଜସ୍ୱ) ନୀହାର ରଞ୍ଜନ କହଁରଙ୍କୁ ପଚାରିବାରୁ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି କହିଛନ୍ତି।

# ୨ ଦିନ ତଳେ ଇସ୍ତଫା ଦେଇଥିଲେ, ପୁଣି ଦଳକୁ ବାହୁଡ଼ିଲେ



ରାୟଗଡ଼ା ଜିଲା ସଭାପତି ଜଗନ୍ନାଥ ସାରକାଙ୍କ ବାସ ଭବନରେ ଆଲୋଚନାବେଳେ ଉପସଭାପତି ଗଣେଶ ସାଉଁତାଙ୍କ ସହ ଅନ୍ୟ ବିଜେଡି ନେତାମାନେ।

**ରାୟଗଡ଼ା,୧୩।୨(ଆଶିଷ ରଞ୍ଜନ ପଣ୍ଡା)**

ନୂତନ ଗଠିତ ଜିଲା ବିଜେଡି କମିଟିରେ ଉପସଭାପତି ପଦ ପାଇଥିବା କାଶୀପୁର ବ୍ଲକ ବରିଷ୍ଠ ବିଜେଡି ନେତା ଗଣେଶ ସାଉଁତା ବୁଧବାର ନିଜ ପଦବୀରୁ ଇସ୍ତଫା ଦେଇଥିବା ନେଇ ଜିଲା ସଭାପତି ଜଗନ୍ନାଥ ସାରକାଙ୍କୁ ଚିଠି ଲେଖିବା ସହ ଏକ ଭିଡିଓ ଛାଡ଼ିଥିଲେ। ତେବେ ଶୁକ୍ରବାର ଏହି ମାମଲାରେ ପୁଣି ଆଉ ଏକ ମୋଡ଼ ଦେଖାଦେଇଛି। ଶୁକ୍ରବାର ଗଣେଶ ସାଉଁତା ବିଜେଡିକୁ ବାହୁଡ଼ିବା ସହିତ ନିଜର ଇସ୍ତଫା ପତ୍ର ପ୍ରତ୍ୟାହାର କରିନେଇଛନ୍ତି। ସେ ନିଜ ଚିଠିରେ ଲେଖିଛନ୍ତି ଯେ, ଯେଉଁ ସମସ୍ୟା ପାଇଁ ଦଳ ଛାଡ଼ିବା ନେଇ ନିଷ୍ପତ୍ତି ନେଇଥିଲେ, ଜିଲା ସଭାପତି ସାରକାଙ୍କ ସହ ଆଲୋଚନା କରି ସେସବୁର ସମାଧାନ ହୋଇସାରିଛି। ତେଣୁ ସେ ବିଜେଡିରେ ରହିବା ସହିତ ନିଜର ଉପସଭାପତି ଦାୟିତ୍ୱ ତୁଲାଇବେ ବୋଲି କହିଛନ୍ତି। ଶୁକ୍ରବାର ଜିଲା ସଭାପତି ଜଗନ୍ନାଥ ସାରକାଙ୍କ ବାସଭବନରେ ଆଲୋଚନାବେଳେ ଗଣେଶ ସାଉଁତାଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ, କାର୍ଯ୍ୟକାରୀ ସଭାପତି ପି.ଗୌରୀଶଙ୍କର, ବିଜେଡି ନେତ୍ରୀ ଅନୁସୟା ମାଝି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ପୂର୍ବରୁ ବିଷମକଟକ ବ୍ଲକ୍‌ରେ ମଧ୍ୟ ଅନୁରୂପ ଦେଖିବାକୁ ମିଳିଥିଲା**

ପ୍ରକାଶ ଯେ, କିଛିଦିନ ତଳେ ଅନୁରୂପ ଘଟଣା ବିଷମକଟକ ନିର୍ବାଚନ ମଣ୍ଡଳୀରେ ଦେଖାଦେଇଥିଲା। ବିଷମକଟକ ବ୍ଲକର ସମିତିସଭ୍ୟ ଓ ସରପଞ୍ଚମାନେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଯୋଗଦେଇ ଫେରିବା ପରେ ବିଜେଡି ନେତା ସୁଧୀର ଦାସଙ୍କ ସହିତ ପୁଣି ବିଜେଡି ଦଳକୁ ବାହୁଡ଼ି ଥିଲେ। ତେବେ ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟରେ ବିଜେଡି ଶାସନ ଗାଦିରୁ ଓହ୍ଲାଇବା ପରେ ଜିଲା ବିଜେଡି ନେତା ଓ କର୍ମୀ ଏହିଭଳି ଇସ୍ତଫା ଦେବା ଏବଂ ପରେ ଦଳକୁ ବାହୁଡ଼ିବା ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ଉପରେ କିଭଳି ପ୍ରଭାବ ପକାଇବ ତାହା ଦେଖିବାକୁ ବାକି ରହିଲା ବୋଲି ଚର୍ଚ୍ଚା ହେଉଛି। ୨୪ବର୍ଷ ଶାସନରେ ଥିବା ବିଜେଡି ଦଳର ନେତା ଓ କର୍ମୀଙ୍କୁ ନିଜ ଦଳକୁ ନେବା ପାଇଁ ଅନ୍ୟ ରାଜନୈତିକ ଦଳମାନେ ଏହିଭଳି କରୁଥାଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

# ସମୟର ସଦୁପଯୋଗ, ଶୃଙ୍ଖଳିତ ହେବାକୁ ପରାମର୍ଶ


**ଜେକେପୁର,୧୩।୨ (ରାଜେଶ ବିଶ୍ୱାଳ)**

ରାୟଗଡ଼ା ବ୍ଲକ ପେଣ୍ଟା ପଞ୍ଚାୟତ ଅମଲାଭଟ୍ଟାର ମଡେଲ ଡିଗ୍ରୀ କଲେଜ ବାର୍ଷିକୋତ୍ସବ ଶୁକ୍ରବାର ପାଳନ କରାଯାଇଛି। କଲେଜ ଅଧ୍ୟକ୍ଷା ଡକ୍ଟର ଶ୍ୟାମା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ରାୟଗଡ଼ା ବିଧାୟକ କାଡ୍ରାକା ଆପଲସ୍ୱାମୀ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତାଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଡକ୍ଟର ଈଶ୍ୱର ଚନ୍ଦ୍ର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଖବରଦାତା ଓକିଲ ତଥା ସାମାଜିକ କର୍ମୀ ଶିଶୁ ଅଧିକାର କୋରାପୁଟ ସିଏଚ୍ ସନ୍ତକର ଯୋଗଦେଇଥିଲେ। କଲେଜ ଅଧ୍ୟାପିକା ସୁସ୍ମିତା ଶର୍ମା ବାର୍ଷିକ ବିବରଣୀ ପାଠ କରିଥିଲେ। ସମୟର ସଦୁପଯୋଗ ସହିତ ଶୃଙ୍ଖଳିତ ହେବାକୁ ମୁଖ୍ୟ ଅତିଥି ବୁଝାଇଥିଲେ। ମହାବିଦ୍ୟାଳୟ ଓ ଛାତ୍ରୀଛାତ୍ରମାନଙ୍କ ସମସ୍ୟା ସମାଧାନ ଶୀଘ୍ର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ସିଏଚ୍ ସନ୍ତକର ଶିକ୍ଷାରେ ପଞ୍ଚ ତତ୍ତ୍ୱର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ବିଶ୍ୱବିଦ୍ୟାଳୟ ଟପ୍ପର ଏବଂ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏମ୍ କଲ୍ୟାଣ କୁମାର ମଞ୍ଚ ପରିଚାଳନା, ଅଧ୍ୟାପିକା ସୁଶ୍ରୀ କିରଣ ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।



ଅମଲାଭଟ୍ଟା ମଡେଲ ଡିଗ୍ରୀ କଲେଜ ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ଅତିଥି ଜଣ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ମୀନାଝୋଲାରେ ଗୁଣପୁର ଉପଜିଲାପାଳଙ୍କ ଜାଗର ପ୍ରସ୍ତୁତି ବୈଠକ



ମୀନାଝୋଲାରେ ଉପଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ଗୁଣପୁର,୧୩।୨(ସଂକେତ ପାତ୍ର)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକରେ ଥିବା ପ୍ରସିଦ୍ଧ ଶୈବପୀଠ ମୀନାଝୋଲାରେ ଶୁକ୍ରବାର ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲିପ୍ ଜାଗର ପାଇଁ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁଣୁପୁର ଉପଜିଲାପାଳ ଶୁକ୍ରବାର ଏକ ବୈଠକ କରିଥିଲେ। ଆସନ୍ତା ଜାଗର ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସୁସଙ୍ଗଠିତ ଭାବେ ପାଳନ କରିବା ପାଇଁ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଆଲୋଚନା କରିଥିଲେ। ଗୁଡାରୀ ଉନ୍ନୟନ ଖଣ୍ଡ ପକ୍ଷରୁ ଅନ୍ନଦାନ କାର୍ଯ୍ୟକ୍ରମ ସୁଚାରୁ ଭାବେ ଆୟୋଜନ କରିବାକୁ ଆଲୋଚନା ହୋଇଥିଲା। ଭକ୍ତମାନଙ୍କ ସୁବିଧା ଓ ଶୃଙ୍ଖଳାବଦ୍ଧ ବ୍ୟବସ୍ଥା ପାଇଁ ପ୍ରୟୋଜନୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଚନ୍ଦ୍ରପୁର ପଞ୍ଚାୟତ ପକ୍ଷରୁ ଯାନଚଳାଚଳ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ନେଇ ବିଶେଷ ଆଲୋଚନା ହୋଇଛି। ଭିଡ଼ ନିୟନ୍ତ୍ରଣ ଓ ଯାତାୟାତ ସମସ୍ୟା ନ ହେବାକୁ ଲକ୍ଷ୍ୟ ରଖାଯାଇଛି। ଶାନ୍ତି ଓ ସୁରକ୍ଷା ରକ୍ଷା ପାଇଁ ପୋଲିସ୍ ବାହିନୀ ସହ ଓଡ୍ରାଫ୍ ଟିମ୍ ନିୟୋଜିତ ରହିବେ। ସ୍ଥାନୀୟ ତହସିଲ୍ ବିଭାଗର ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଦାୟିତ୍ୱ ନେବେ। ଅପରାହ୍ଣ ଓ ଆପତ୍କାଳୀନ ପରିସ୍ଥିତି ପାଇଁ ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ପ୍ରସ୍ତୁତ ରହିବ। ଶାନ୍ତି ଓ ଶୃଙ୍ଖଳା ରକ୍ଷା କରି ଜାଗର ପାଳିବାକୁ ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କୁ କୁହାଯାଇଛି। ୧୫ ତାରିଖରେ ମହା ଶିବରାତ୍ରୀରେ ଭକ୍ତମାନଙ୍କ ଗହଳିକୁ ଦୃଷ୍ଟି ରେ ରଖି ପୋଲିସ୍, ଓଡ୍ରାଫ୍ ଟିମ୍, ତହସିଲ୍ ବିଭାଗର ପ୍ରଶାସନିକ ଅଧିକାରୀମାନେ ନିୟୋଜିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବ ଗୁଣପୁର ଉପଜିଲାପାଳ କହିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ନଥିପତ୍ର ଯାଞ୍ଚ

**ଗୁଣପୁର,୧୩।୨(ସଂକେତ ପାତ୍ର)**

ରାୟଗଡ଼ା ଜିଲା ଗୁଣପୁର ଶିବାନନ୍ଦ ମନ୍ଦିର ନିକଟରେ ଥିବା ଶ୍ୟାମା-ଶ୍ୟାମ ହସ୍ପିଟାଲରେ ଶୁକ୍ରବାର ରାୟଗଡା ଜିଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଯାଞ୍ଚ କରିଛନ୍ତି। ଏହି ଯାଞ୍ଚ ସମୟରେ ଗୁଣପୁର ରାୟଗଡା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭି ସରୋଜିନୀ ଦେବୀ, ଗୁଣପୁର ଉପ ବିଭାଗୀୟ ପୋଲିସ ଅଧିକାରୀ ବାବୁଲି ନାୟକଙ୍କ ସହ ଡେପୁଟି କଲେକ୍ଟର ଶୁଭ୍ରସ୍ନାତ ରାଉତ ଉପସ୍ଥିତ ଥିଲେ।

ହସ୍ପିଟାଲ୍ ପକ୍ଷରୁ ଜଣାଯାଇଛି ଯେ ସଂସ୍ଥାଟି ୦୪/୨୦୧୯ ନମ୍ବରରେ ନିବନ୍ଧିତ ଏବଂ ୫ ବର୍ଷର କାର୍ଯ୍ୟକାଳ ସମାପ୍ତ ପରେ ରିନ୍ୟୁଆଲ୍ ପାଇଁ ଆବେଦନ କରିଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସର୍ଭେ କରି କାଗଜପତ୍ର ଯାଞ୍ଚ କରିଥିବାବେଳେ ପ୍ରାରମ୍ଭିକଭାବେ ସମସ୍ତ ଡକ୍ୟୁମେଣ୍ଟ ଠିକ୍ ଥିବା କୁହାଯାଇଛି।

**ନିୟମରେ ନଥିବା ରେଜିଷ୍ଟର ମାଗି ଚାପ ଦିଆଯାଉଥିବା ଅଭିଯୋଗ**

ହସ୍ପିଟାଲରେ ଡା. ପି.ଭି. ରାଓ (ଏମ୍.ଏସ୍) ଉପସ୍ଥିତ ରହିଥିବା କୁହାଯାଇଛି। ଏହାସହ ଦୁଇଜଣ ଅନ୍-କଲ୍ ଡ୍ୟୁଟି ଡାକ୍ତର ମଧ୍ୟ ରହିଛନ୍ତି। ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ଫାର୍ମାଶିଷ୍ଟ ପ୍ରଦୀପ କୁମାର ପାତ୍ର , ଷ୍ଟାଫ୍ ନର୍ସ ମନିନୀ ସବର ଓ ସବିତା ମଣ୍ଡାଙ୍ଗୀ, ଲ୍ୟାବ୍ ଟେକ୍ନିସିଆନ୍ ଏନ୍.ଏନ୍. ଦାଶ ହସ୍ପିଟାଲରେ କାର୍ଯ୍ୟ କରୁଥିବା କୁହାଯାଇଛି। ସିଡିଏମ୍ଓଙ୍କ ପକ୍ଷରୁ ୫ ବେଡ୍ ବିଶିଷ୍ଟ ହସ୍ପିଟାଲରେ ରୋଗୀ ସେବା ଆହୁରି ସୁଦୃଢ଼ କରିବା ପାଇଁ ଆଉ ୨ ଜଣ ଷ୍ଟାଫ୍ ନର୍ସ ନିଯୁକ୍ତି କରିବାକୁ ପରାମର୍ଶ ଦିଆଯାଇଛି। ହସ୍ପିଟାଲ୍ ପ୍ରଶାସନ ଅତିଶୀଘ୍ର ଷ୍ଟାଫ ନର୍ସ ନିଯୁକ୍ତି ଦିଆଯିବ କହିଛନ୍ତି। ଫାର୍ମାସିଷ୍ଟ ପ୍ରଦୀପ କୁମାର ପାତ୍ରଙ୍କ କହିବା ଅନୁସାରେ, ନିୟମ ଓ ଗାଇଡଲାଇନ୍ ଅନୁଯାୟୀ ଯାହା ଯାହା କାଗଜପତ୍ର, ଉପକରଣ ଓ ରେଜିଷ୍ଟର ଦରକାର, ସେଗୁଡିକ ସଠିକ୍ ଭାବେ ରଖାଯାଇଛି। ବିଭାଗ ପକ୍ଷରୁ ୧୨ଟି ରେଜିଷ୍ଟର ରଖିବାକୁ କୁହାଯାଇଥିଲା ଏବଂ ସେଗୁଡିକୁ ମେଣ୍ଟେନ୍ କରାଯାଇଛି। ତେବେ ପୂର୍ବରୁ ଗାଇଡ୍‌ଲାଇନ୍ ଉଲ୍ଲେଖ ନଥିବା କିଛି ରେଜିଷ୍ଟର ମାଗି ଅନାବଶ୍ୟକ ଚାପ ସୃଷ୍ଟି କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିସହ ସେ କହିଛନ୍ତି ଯେ, ସିଡିଏମ୍ଓ ସନ୍ତୁଷ୍ଟ ଥିବା ସତ୍ତ୍ୱେ ବିଭାଗର କିଛି ଅନ୍ୟ ଷ୍ଟାଫ୍ ହସ୍ପିଟାଲକୁ ହାରାସମେଣ୍ଟ କରୁଛନ୍ତି। ଏହି ବିଷୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପଚାରିବାରୁ କହିଛନ୍ତି ଯେ, ଏବେଠାରୁ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ଯେଉଁ ସମସ୍ତ ରେଜିଷ୍ଟର ବିଷୟରେ ଜଣାଇ ଦିଆଯାଇଛି, ସେଗୁଡ଼ିକୁ ନିୟମିତ ଭାବେ ମେଣ୍ଟେନ୍ କରିବାକୁ ପଡ଼ିବ। ସରକାରୀ ନିୟମାବଳୀ ଅନୁସାରେ ହସ୍ପିଟାଲ୍ ପରିଚାଳନା ଓ ରେକର୍ଡ ସଂରକ୍ଷଣ ଠିକ୍ ଭାବରେ ହେବା ଆବଶ୍ୟକ। ଆଗାମୀ ଦିନରେ ଯାହା ନିର୍ଦ୍ଦେଶ ଦିଆଯିବ, ତାହାକୁ ଅନୁସରଣ କରିବା ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି।

# ଗୁଣପୁର-ଥେରୁବାଲି ଜମି ଅଧିଗ୍ରହଣ ପ୍ରକ୍ରିୟା ସାରିବାକୁ ଦାବି

**ଗୁଣପୁର,୧୩।୨( ସୁଜାତା ପାଢ଼ୀ)**

ଅମୃତ ଭାରତ ଯୋଜନାରେ ହେବ ଗୁଣପୁର ଷ୍ଟେସନ ନିର୍ମାଣ। ନିର୍ମାଣ ହେବାକୁ ଥିବା ଆଧୁନିକ ରେଳ ଷ୍ଟେସନ ପାଇଁ ଡିଜାଇନ୍ ପ୍ରକାଶ ପାଇଛି। ଏହି ଡିଜାଇନ୍ ରେଳ ବିଭାଗ ପକ୍ଷରୁ ଅନୁଷ୍ଠାନିକ ଭାବେ ପ୍ରକାଶ ପାଇଛି ନା ନାହିଁ ଠିକ୍ ଜଣା ପଡି ନ ଥିବାବେଳ ବିଭିନ୍ନ ସୋସିଆଲ ମିଡିଆରେ ଏହା ଦେଖିବାକୁ ମିଳିଛି। ରେଳ ବିଭାଗ ଗୋଟାଏ ପରେ ଗୋଟିଏ କାର୍ଯ୍ୟ ହାତକୁ ନେଇ ଚାଲିଥିବାବେଳେ ଜମି ଅଧିଗ୍ରହଣ ପ୍ରକ୍ରିୟା କିନ୍ତୁ ସେହି ଅନୁସାରେ ହେଇ ନ ଥିବା ଅଭିଯୋଗ ହେଉଛି। ଗୁଣପୁର ଥେରୁବାଲି ନୂତନ ରେଳ ପ୍ରକଳ୍ପ ସକାଶେ ଆବଶ୍ୟକ ହେଉଥିବା ସରକାରୀ ଜମି ହସ୍ତାନ୍ତର ହୋଇନଥିବା ବେଳେ ବେସରକାରୀ ଜମି ମାଲିକଙ୍କୁ କ୍ଷତି ପୂରଣ ମିଳିବାରେ ବିଳମ୍ବ ହେଉଛି। ଫଳରେ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଆଶଙ୍କା ସୃଷ୍ଟି ହୋଇଛି। ନୂଆ ଷ୍ଟେସନ ଡିଜାଇନ୍ ପ୍ରସ୍ତୁତ ହୋଇଥିବା ବେଳେ ତାହା ଏବେ ଲୋକଙ୍କ ମଧ୍ୟରେ ବେସ୍ ଚର୍ଚ୍ଚା ର ବିଷୟ ହୋଇଛି।

ନଭେମ୍ବର ମାସରେ ଗୁଣପୁର ଥେରୁବାଲି ୭୬ କିମି ମଧ୍ୟରେ ବଂଶଧାରା ସମେତ ୪ ସ୍ଥାନରେ ବୃହତ୍ ବ୍ରିଜ୍‌ର ଟେଣ୍ଡର ପ୍ରଣାଳୀ ସରିଥିଲା। ୧୨ ତାରିଖରେ ଗୁଣପୁରରୁ ରାମନାଗୁଡା ଯାଏ ରେଲୱେ ଲାଇନ୍ ବିଛାଇବା ସହ ଗୁଣପୁରର ବଡ ସମେତ ଅନ୍ୟ ଷ୍ଟେସନ, ଫୁଟଓଭର ବ୍ରିଜ୍ ଆଦି ପାଇଁ ଟେଣ୍ଡର ପ୍ରକାଶ ପାଇଛି।

**ସୋସିଆଲ ମିଡିଆରେ ଘୁରିବୁଲୁଛି ଅମୃତ ଭାରତ ଯୋଜନାରେ ନୂଆ ଷ୍ଟେସନ ଡିଜାଇନ୍**

ଏଥିପାଇଁ ୪୬୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏପ୍ରିଲ ୨୦ରେ ଏସବୁର ଟେଣ୍ଡର ଅବଧି ସରୁଚି। ନୌପଡ଼ା ଗୁଣପୁର ରେଳପଥର ୬ ଷ୍ଟେଶନରେ ଟ୍ରେନ କ୍ରସିଂ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଗୁଣପୁର ଥେରୁବାଲି ରେଳପଥ ପ୍ରକଳ୍ପ ପାଇଁ ସରକାରୀ ଜମି ରେଳ ବିଭାଗକୁ ଏଯାଏ ହସ୍ତାନ୍ତର କରାଯାଇନି। ଗୁଣପୁର, ରାମନାଗୁଡ଼ା, କୋଲନରା ଓ ବିଷମକଟକ ତହସିଲଦାରଙ୍କୁ ସରକାରୀ ଜମି ହସ୍ତାନ୍ତର କରିବା ପାଇଁ ପୂର୍ବତଟ ରେଳ ବିଭାଗର କର୍ତ୍ତୃପକ୍ଷ ବାରମ୍ବାର ପତ୍ର କରୁଥିଲେ ସୁଦ୍ଧା ହସ୍ତାନ୍ତର ହୋଇପାରି ନ ଥିବା ଜଣାପଡ଼ିଛି। ଏଣୁ ନିର୍ମାଣ ପ୍ରକ୍ରିୟା ବିଳମ୍ବ ପରିଲକ୍ଷିତ ହେଉଛି। ବେସରକାରୀ ଜମି ହସ୍ତାନ୍ତର ପ୍ରକ୍ରିୟାରେ ମାଲିକଙ୍କୁ କ୍ଷତିପୂରଣ ଏଯାଏ ମିଳିନି। ନୂଆ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜମି ଯୋଗାଇବା କଥା। ହେଲେ ଜମି ଅଧିଗ୍ରହଣର ସମ୍ପୂର୍ଣ୍ଣ ପ୍ରକ୍ରିୟା ଧିମେଇ ଥିବାରୁ ବିଭିନ୍ନ କାର୍ଯ୍ୟ ମଧ୍ୟ ବିଳମ୍ବ ପରିଲକ୍ଷିତ ହେଉଛି। ଏପରିକି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଗୁଣପୁର ଆସି ଏ ଦିଗରେ ସମୀକ୍ଷା କରି ତାଗିଦ୍ କରି ଯାଇଥିଲେ ମଧ୍ୟ କାର୍ଯ୍ୟରେ ଶୀଘ୍ରତା ପରିଲକ୍ଷିତ କରାଯାଉ ନାହିଁ। ଏଣୁ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାର ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ପ୍ରକାଶ ପାଇଛି।




ଗୁଣପୁରର ନୂତନ ରେଳ ଷ୍ଟେଶନ ପାଇଁ ପ୍ରକାଶ ପାଇଥିବା ଡିଜାଇନ।



# ଶିଶୁ ଅଧିକାର, ସ୍ୱାସ୍ଥ୍ୟକୁ ଗୁରୁତ୍ୱ

## ଜିଲାସ୍ତରୀୟ ସାମାଜିକ କାର୍ଯ୍ୟକ୍ରମ

କୋରାପୁଟ, ୧୩।୨(ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କେନ୍ଦ୍ରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା ଆନୁକୂଲ୍ୟରେ ଶିଶୁ ଅଧିକାର, ସ୍ୱାସ୍ଥ୍ୟ ସମ୍ପର୍କିତ ଜିଲାସ୍ତରୀୟ ବିଭାଗ କର୍ମୀମାନଙ୍କ ସାମାଜିକ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶମନ୍ତପୁର ବ୍ଲକ ପରଜା ବେଡ଼ାପଦର, ଲୁଲା, କାଠରଗଡ଼ା ଓ ହରିଡ଼ାଗୁଡ଼ା ପଞ୍ଚାୟତରୁ ଶିଶୁମାନେ, ପଞ୍ଚାୟତ ପ୍ରତିନିଧି ଓ ବିଭିନ୍ନ ମାତୃମଣ୍ଡଳ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଡା. ବି. ଗାୟତ୍ରୀ ଦେବୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଓ ଅନ୍ୟ ଅଧିକାରୀମାନେ।

ଅନୁଷ୍ଠାନର ସମ୍ପାଦକ ଡା. ଜଗନ୍ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସଙ୍ଗୀତାରାଣୀ ପାଣି, ଦଶମନ୍ତପୁର ସିଡିପିଓ କବିତା ନାଗ, ବୋରିଗୁମ୍ମା ଆଇସିଡିଏସ୍ ସୁପରଭାଇଜର ରୋଜାଲିନ କୋଟିଆ, ଦଶମନ୍ତପୁର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁନାଧର ସାଗର, ବୋରିଗୁମ୍ମା ବ୍ଲକରୁ ଜଗଦୀଶ ମେହେର, ଏନ୍ଆର୍ସି ରଶ୍ମୀ ସାହୁ, ଜିଲା ଶ୍ରମ ବିଭାଗର ଅତିରିକ୍ତ ଶ୍ରମ ଅଧିକାରୀ ବୁଲୁ ଶ୍ରୀହରିଆ, ସୁଶାନ୍ତ କୁମାର ନାୟକ, ଅନ୍ୟ ବିଭାଗୀୟ କର୍ମଚାରୀ ଓ ଖବରଦାତା ଉପସ୍ଥିତ ଥିଲେ। ଶ୍ରେୟା ପ୍ରକଳ୍ପ ପରିଚାଳିକା ମାମିନା ବେହେରା ୪ ବର୍ଷର କାର୍ଯ୍ୟ ଯୋଜନା ଓ ସଫଳତା ନେଇ ବିସ୍ତୃତ ଆଲୋକପାତ କରିଥିଲେ। ଶିଶୁମାନଙ୍କ ଅଧିକାର ଉଲ୍ଲଂଘନ ନ ହେଉ ଓ ସେମାନେ ସରକାରୀ ଯୋଜନାର ସମସ୍ତ ସୁବିଧା ପାଇପାରିବା ନେଇ ସଚେତନ ଓ ପରାମର୍ଶ ଦିଆଯାଇଛି। ମାମିନା ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ଗାୟତ୍ରୀ ପ୍ରସାଦ ଦେଓ, ମିହିର ପାତ୍ର, ଡମ୍ବରୁଧର ମନ୍ତ୍ରି, ମଧୁସ୍ମିତା ଦେଓ, ବେଣୁଧର ନାୟକ ଓ ମକର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଧରିତ୍ରୀ ପ୍ରଭାବ

## ସଚଳ ହେଲା ୨ନଳକୂପ, ସୌରଚାଳିତ ପ୍ରକଳ୍ପ



ନନ୍ଦପୁର/ପାଡୁଆ, ୧୩।୨
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତ କିରାମ୍ବ ଗ୍ରାମର ୪ ପାନୀୟ ଜଳ ଉତ୍ସ ମଧ୍ୟରୁ ୨ ନଳକୂପ ଓ ସୌରଚାଳିତ ପ୍ରକଳ୍ପ ସଚଳ ହୋଇଥିବା ଜଣାପଡ଼ିଛି। ଏହି ନଳକୂଅ ଓ ସୌରଚାଳିତ ଅଚଳ ଥିବା ଓ ଗୋଳିଆ ପାଣି ବାହାରୁଥିବାରୁ ଲୋକେ ଚୁଆ ପାଣି ଭରସାରେ ନେଇ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଏହା ପରେ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ସମସ୍ତ ପାନୀୟ ଜଳ ପ୍ରକଳ୍ପ ମରାମତି କରାଯାଇଛି। ଯନ୍ତ୍ରୀ କାହ୍ନୁଚରଣ ସେଠୀଙ୍କ ନେତୃତ୍ୱାଧୀନ ଟିମ୍ ୩ ନଳକୂପ ଓ ସୌରପଚାଳିତ ପାନୀୟ ଜଳ ପ୍ରକଳ୍ପ ମରାମତି କରି ଗ୍ରାମରେ ଜଳଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିଛନ୍ତି।

## ଭାରସାମ୍ୟ ହରାଇ ୧୫ ଫୁଟ ତଳକୁ ଖସିଲା କାର୍

କୋରାପୁଟ, ୧୩।୨(ଅମିତାଭ ବେହେରା)

କୋରାପୁଟ ସୁନାବେଡ଼ା ୨୬ନଂ ଜାତୀୟ ରାଜପଥ ବରଗୁଡ଼ା ନିକଟରେ ଭାରସାମ୍ୟ ହରାଇ ଏକ କାର ପ୍ରାୟ ୧୫ ଫୁଟ ତଳକୁ ଖସି ପଡ଼ିଛି। ଏଥିରେ କାର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଚାଳକ ଓ ଅନ୍ୟମାନେ ସାମାନ୍ୟ ଆହତ ହୋଇଛନ୍ତି। କାର(ଡବ୍ଲୁବି ୦୨ ଏଜେ ୯୨୫୬)ରେ ୨ଜଣ ସୁନାବେଡ଼ାରୁ କୋରାପୁଟ ଯାଉଥିଲେ। ଦ୍ରୁତଗତି ଯୋଗୁ ବରଗୁଡ଼ା କୋଲାବ ନଦୀ ନିକଟ ମୋଡ଼ରେ ଭାରସାମ୍ୟ ହରାଇ ଖସିପଡ଼ିଥିଲା।

# ପୋଲିସ ଆଥ୍ଲେଟିକ୍ସ ମିଟ୍‌ରେ କୋରାପୁଟ ରନର୍ସଅପ

କୋରାପୁଟ, ୧୩।୨(ଅମିତାଭ ବେହେରା)

କଟକ ବକ୍ସିବଜାର ଷ୍ଟାଡିୟମରେ ଅନୁଷ୍ଠିତ ୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ସ ଚାମ୍ପିୟନଶିପରେ କୋରାପୁଟ ଓଏସଏପି ୩ୟ ବ୍ୟାଟାଲିଅନ ଟିମ୍ ରନର୍ସଅପ ହୋଇଛି। ଟିମ୍ ମ୍ୟାନେଜର ପି. ଲହର, ଟିମ କ୍ୟାପ୍ଟେନ ଅଶୋକ ପଟ୍ଟନାୟକ ଓ କୋଚ ମାନସ ରଞ୍ଜନ ଗୌଡ଼ଙ୍କ ନେତୃତ୍ୱରେ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲା। ପ୍ରତିଯୋଗିତାରେ କଟକସ୍ଥିତ ଓଏସଏ ପି ୬ ବ୍ୟାଟାଲିଅନ, ବିଜେତା ହୋଇଛି। କୋରାପୁଟସ୍ଥିତ ଓଏସ୍ଏପି ୩ୟ ବ୍ୟାଟାଲିଅନ୍ ରନର୍ସଅପ ହୋଇଛି। ଆଥଲେଟିକ୍ସର ବିଭିନ୍ନ ପ୍ରତିଯୋଗିତାରେ ଦଳର ଖେଳାଳିମାନେ ସ୍ୱତନ୍ତ୍ର ସଫଳତା ପାଇଥିଲେ। ଡିସ୍କସ ଥ୍ରୋରେ କେ. ବାପୁଜୀ ପ୍ରଥମ, ଜେ. କେ. ଦାସ ୩ୟ ସ୍ଥାନ ହୋଇଥିଲେ। ହାମର୍ ଥ୍ରୋରେ ଜେ. କେ. ପ୍ରଥମ ହୋଇ ନୂତନ ରେକର୍ଡ ସ୍ଥାପନ କରିଥିଲେ। ୧୦୦ ମିଟର ଦୌଡରେ ରଙ୍ଗ ମିଞ୍ଜୀ ୨ୟ, ୩ହଜାର ମିଟର ଦୌଡରେ ପି. କୁଲୁ ୩ୟ, ୪୦୦ ମିଟର ରିଲେରେ ଟିମ୍ ୩ୟ ହୋଇଥିଲେ। ଟିମ ଗୁରୁବାର କୋରାପୁଟରେ ପହଞ୍ଚିବା ପରେ ଓଏସଏପିରେ ସ୍ୱାଗତ କରାଯାଇଥିଲା। ଏଥିରେ ୩ୟ ବାଟାଲିଅନ୍ ଡେପୁଟି କମାଣ୍ଡାଣ୍ଟ ଗିରିଧର ରାଉତ, ସହକାରୀ କମାଣ୍ଡାଣ୍ଟ ବସନ୍ତ ନାୟକ, କୋରାପୁଟ ଶାଖା ସଂଘ ସଭାପତି ମହେନ୍ଦ୍ର କୁମାର ଗୌଡ, ସମ୍ପାଦକ ପ୍ରେମଲାଲ ସୁନାନୀ, ସିଇସି ଉମାଶଙ୍କର ପାତ୍ର, ବାଟାଲିଅନ୍ ସମସ୍ତ ହାବିଲଦାର ଉପସ୍ଥିତ ଥିଲେ।


ଅତିଥିଙ୍କ ସହ ରନରଅପ୍ ଟିମ୍।

# ପୂର୍ବାହ୍ନ ୧୧ଟା ଯାଏ ଶିକ୍ଷକ ସ୍କୁଲ ଆସୁ ନ ଥିବା ଅଭିଯୋଗ

ନନ୍ଦପୁର, ୧୩।୨(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ବିଲାପୁଟ ପଞ୍ଚାୟତ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷୟତ୍ରୀ ଶିକ୍ଷକ ସମୟାନୁବର୍ତ୍ତି ହୋଇ ଶିକ୍ଷାଦାନ କରୁ ନ ଥିବା ଅଭିଯୋଗ ହୋଇଛି। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ ଯାଏ ବିଲାପୁଟ ପ୍ରାଥମିକ ବିଦ୍ୟାଳୟର ୨ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟ ଆସି ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅବିଭାବକମାନେ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ବାରଣ୍ଡାରେ ଠିଆ କରି ଶିକ୍ଷକ ଆସି ନ ଥିବା ଓ ଆମେ କଣ ପଢ଼ିବୁ ବୋଲି ପ୍ରଶ୍ନ କରୁଥିବା ଭିଡିଓ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ଦେଖିବାକୁ ମିଳିଛି। ପୂର୍ବରୁ ଶିକ୍ଷକ ବର୍ଷାଧିକ କାଳ ଅନୁପସ୍ଥିତ ରହିବାରୁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକ ନିରୁଦ୍ଦିଷ୍ଟ ଥିବା ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଶିକ୍ଷକଙ୍କୁ ନିଲମ୍ବିତ ମଧ୍ୟ କରାଯାଇଥିଲା। ସେହିପରି କାକୁଆ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ମଧ୍ୟ ଗୁରୁବାର ମଧ୍ୟାହ୍ନ ୨ଟାରେ ସ୍କୁଲ ବନ୍ଦ କରି ଚାଲିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ଦେଖି ଅଧିକାରୀ ଅଭାବୀରେ ଯୁଝୁଥିବା ନନ୍ଦପୁର ବ୍ଲକ ଶିକ୍ଷା ବିଭାଗର ପଞ୍ଚାୟତ ଅଞ୍ଚଳ ପାଇଁ ନିଯୁକ୍ତ ସିଆରସିସି ମଧ୍ୟ ବିଦ୍ୟାଳୟଗୁଡ଼ିକର ଠିକ ତଦାରଖ କରୁ ନ ଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ଭାରପ୍ରାପ୍ତ ବିଇଓ ଭବାନୀ ନନ୍ଦନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ୨ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୈଫିୟତ ତଲବ କରିବା ସହ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।



ଛାତ୍ରୀଛାତ୍ର ବିଦ୍ୟାଳୟ ବାରଣ୍ଡାରେ ଶିକ୍ଷକଙ୍କୁ ଅପେକ୍ଷା କରିଛନ୍ତି।

## ସ୍କୁଲ ଆଗରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

ନନ୍ଦପୁର/ପାଡୁଆ, ୧୩।୨
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ କୁଲାବିର ପଞ୍ଚାୟତ ସଦର ମହକୁମା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫାଟକ ଆଗରେ ବିପଦସଙ୍କୁଳ ଅବସ୍ଥାରେ ଏକ ବିଦ୍ୟୁତ୍ ଖୁଣ୍ଟ ରହିଛି। ଏହାର ତଳ ଭାଗରେ କଳଙ୍କି ଲାଗିଛି। ଖୁଣ୍ଟରେ ସ୍ଥାପିତ ବିଦ୍ୟୁତ୍ ତାର ଓ ଗଳିଆଲୁଅର ତାର ଖୋଲାରେ ହାତପାଆନ୍ତାରେ ରହିଛି। ଏହା ଶିକ୍ଷାନୁଷ୍ଠାନ ପ୍ରବେଶ ପଥର ସୌନ୍ଦର୍ଯ୍ୟ ନଷ୍ଟ ସହ ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ, ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନ, ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଏହାର ତଦାରଖ କରି ଖୁଣ୍ଟକୁ ଫାଟକ ଆଗରୁ ହଟାଇବା ସହ ନୂତନ ସିମେଣ୍ଟ ଖୁଣ୍ଟ ଫାଟକ ପାର୍ଶ୍ୱରେ ସ୍ଥାନିତ କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘେନୁ ଖରା, ଅବିଭାବକ ଅଜିତ ଦେହ, ରବି ଖିଲ, ମହେଶ୍ୱର ମାଝୀ ଓ ଲୋକେଶ କଟକମ ଅନୁରୋଧ କରିଛନ୍ତି।

# ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ

ପଟ୍ଟାଙ୍ଗି, ୧୩।୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ ପୁକାଲି ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଅର୍ଜ୍ଜୁନ ନାୟକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପିଲାମାନେ ଶିକ୍ଷିତ ହେବା ନେଇ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଦୀପଶିଖା ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାକୁ ମୁଖ୍ୟ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାର ମାଧ୍ୟମ ବୋଲି କୁହାଯାଇଛି। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସ୍କୁଲର ବିଭିନ୍ନ ସମସ୍ୟା ନେଇ ପ୍ରଧାନଶିକ୍ଷକ


ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଜୋନ ୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ସରପଞ୍ଚ ତ୍ରିପତୀ ସାରା, ଏବିଓ ରଜନୀକାନ୍ତ ବଡନାୟକ, ପ୍ରଭାକର ଖଟୁଆ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନିଲ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିରାମ ବଡନାୟକ, ପୁକାଲି ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ହୃଷିକେଶ ସାହୁ ବାର୍ଷିକ ବିବରଣୀ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିଲେ। ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ କରିବାକୁ ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ନାୟକ ପ୍ରତିଶ୍ରୁତି ଦେଇଥିଲେ। ଆଶ୍ରମ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅରବିନ୍ଦ ଶିକ୍ଷା ନିକେତନ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୁନ୍ଦୁରା, ୧୩।୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନ ପିଏମ୍ଶ୍ରୀ ସରକାରୀ ଅରବିନ୍ଦ ଶିକ୍ଷା ନିକେତନ ଉଚ୍ଚ ବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବିଡିଓ ପି.ମନସ୍ମିତା, ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ଜିଲା ପରିଷଦ ୨ କନକଲତା ପେଣ୍ଟିଆ, ଯୁକ୍ତ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରିତାରାଣୀ କରଣ, ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ନାୟକ, ଆଲୁମିନି ସଭାପତି ବୃନ୍ଦାବନ ପାତ୍ର, ସରପଞ୍ଚ ଲବ ପରଜା, ସମିତିସଭ୍ୟ ଦାମୋଦର ଗଣ୍ଡା, ପ୍ରଧାନଶିକ୍ଷୟତ୍ରୀ ପ୍ରଭାତୀ ସେଠୀ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏଥିସହ ୧୪ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୋଗଦେଇଥିଲେ। ଆଗକୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ରହିଥିବାରୁ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ପରୀକ୍ଷା ଭଲ ଭାବେ ଲେଖିବାକୁ ଅତିଥି ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପାଠପଢା ସହ ଖେଳକୁଦରେ ଅଗ୍ରଣୀ ଥିବା ୨ ଛାତ୍ରୀ ଅର୍ଚ୍ଚିତା ରାଣୀ ସାହୁ ଓ ଛାତ୍ର ସନ୍ତୋଷ ସାନ୍ତାଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିଲାର ସମସ୍ତ ନୋଡାଲ କେନ୍ଦ୍ରରେ ପହଞ୍ଚିଲା ମାଟ୍ରିକ ପ୍ରଶ୍ନପତ୍ର

କୋରାପୁଟ, ୧୩।୨(ଅମିତାଭ ବେହେରା)


କୋରାପୁଟ ଜିଲାର ସମସ୍ତ ୧୪ ନୋଡାଲ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ପହଞ୍ଚିଥିବା ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ସୂଚନା ରହିଛି। ଆସନ୍ତା ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଜିଲାର ୯୪ କେନ୍ଦ୍ରରେ ୧୯ ହଜାର ୬୭୫ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ ପ୍ରକାଶ କରିଛନ୍ତି। ଚଳିତବର୍ଷ ଜିଲାର ୨୭୫ ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ପାଇଁ ୯୪ ପରୀକ୍ଷା କେନ୍ଦ୍ର କରାଯାଇଛି , ଏଥିରେ ରେଗୁରାଲ ଓ ଏକ୍ସ ରେଗୁରାଲ ପରୀକ୍ଷାର୍ଥୀଙ୍କ ପାଇଁ ୮୭ ସେଣ୍ଟର ରହିଛି। ମଧ୍ୟମାଙ୍କ ପାଇଁ ୧, ଏସ ଓ ଏସ୍‌ସିଙ୍କ ପାଇଁ ୬ କେନ୍ଦ୍ର ହୋଇଛି। ଏଥିରେ ମୋଟ ୧୯ ହଜାର ୬୭୫ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଜିଲାର ୧୪ ନୋଡାଲ କେନ୍ଦ୍ରରୁ ଦୈନିକ ପରୀକ୍ଷା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ପଠାଯିବ। ଏଥିପାଇଁ ୨୭ ଟିମ୍‌କୁ ନିୟୋଜିତ କରାଯିବ ବୋଲି ସୂଚନା ରହିଛି। ପ୍ରତି ବ୍ଲକର ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିବେ। ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା କରାଯିବା ନେଇ ଜିଲା ପ୍ରଶାସନ ପକ୍ଷରୁ ୨ ସ୍କ୍ୱାର୍ଡ ଗଠନ ହୋଇଛି।

# ୩ ସନ୍ତାନ ଥିବାରୁ ପିତାଗୁଡ଼ା ସରପଞ୍ଚ ଅଯୋଗ୍ୟ

## ଘୋଷଣା କଲେ ଜିଲାପାଳ

ସୁନାବେଡ଼ା/ସେମିଳିଗୁଡ଼ା, ୧୩।୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ନଭେମ୍ବର ୧୩ରେ ଏକ ଅଭିଯୋଗର ଶୁଣାଣି କରି କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ପିତାଗୁଡ଼ା ପଞ୍ଚାୟତ ସରପଞ୍ଚ ପଦ୍ମା କାନ୍ଦୁଲଫୁଲଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ସୂଚନା ମୁତାବକ ପିତାଗୁଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ଗୀତା ଚପାଡି, ବର୍ତ୍ତମାନର ସରପଞ୍ଚ ପଦ୍ମାଙ୍କ ବିରୋଧରେ ଜିଲାପାଳଙ୍କ କୋର୍ଟରେ ପଞ୍ଚାୟତ ନିର୍ବାଚନ ମାମଲା ନଂ ୦୨/୨୦୨୩ରେ ଅଭିଯୋଗ କରିଥିଲେ। ଏଥିରେ ପଦ୍ମାଙ୍କ ୩ ସନ୍ତାନ ଥିବା ଦର୍ଶାଯାଇଥିଲା। ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୨୫ ଅନୁଯାୟୀ ୨ରୁ ଅଧିକ ସନ୍ତାନ ଥିବା ବ୍ୟକ୍ତି ସରପଞ୍ଚ ପଦ ପାଇଁ ଅଯୋଗ୍ୟ ବୋଲି ଉଲ୍ଲେଖ ରହିଛି। ଏହା ସତ୍ତ୍ୱେ ପଦ୍ମା ନିର୍ବାଚନ ଲଢିବାକୁ କିପରି ଯୋଗ୍ୟ ବିବେଚିତ ହେଲେ ବୋଲି ପ୍ରଶ୍ନ କରିଥିଲେ। ଏହାର ତଦନ୍ତ କରି ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ମନୋଜ ସତ୍ୟବାନ ମହାଜନ ଏହି ରାୟ ଶୁଣାଇ ଏଥିସହ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଛନ୍ତି। ପ୍ରକାଶ ଯେ, ଆବେଦନକାରୀ କୋର୍ଟରେ କିଛି ସ୍କୁଲରୁ ପଦ୍ମାଙ୍କ ସନ୍ତାନମାନଙ୍କ ଜନ୍ମ ପ୍ରମାଣପତ୍ର ଓ ନାମଲେଖା ରେଜିଷ୍ଟର ଦାଖଲ କରିଥିଲେ। ଏଥିରେ ପଦ୍ମାଙ୍କ ୩ ସନ୍ତାନଙ୍କ ବିବରଣୀ ଉଲ୍ଲେଖ ଥିଲା। ପଦ୍ମାଙ୍କ ଲକ୍ଷ୍ମଣ, ରଶ୍ମିରଞ୍ଜନ ଓ ବାବୁଲୁ ୩ ସନ୍ତାନ ରହିଛନ୍ତି। କିନ୍ତୁ ପଦ୍ମା ଶୁଣାଣିରେ ନିଜ ପକ୍ଷ ରଖି ତାଙ୍କର ପ୍ରଥମ ସନ୍ତାନ ପୋଷ୍ୟପୁତ୍ର ବୋଲି କହିଥିଲେ। ତେଣୁ ତାଙ୍କୁ ଗଣନା କରାଯିବା ଅନୁଚିତ କହିଥିଲେ। ଏହି ଦାବିର ସତ୍ୟତା ଜାଣିବାକୁ ଜିଲାପାଳ ଏକ ମିଳିତ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସେମିଳିଗୁଡ଼ା ବିଡିଓ, ତହସିଲଦାର ଓ ଜିଲା ପଞ୍ଚାୟତ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ମିଳିତ ତଦନ୍ତ ତଥା କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ରିପୋର୍ଟ ଓ ଅଙ୍ଗନୱାଡି କର୍ମୀଙ୍କ ବୟାନରୁ ସ୍ପଷ୍ଟ ହୋଇଛି, ଏହି ୩ ସନ୍ତାନ ପଦ୍ମାଙ୍କ ଗର୍ଭଜାତ ଅଟନ୍ତି। ପୋଷ୍ୟ ସନ୍ତାନ ଦାବି ସପକ୍ଷରେ କୌଣସି ଆଇନଗତ ଦଲିଲ(ଯେପରିକି ରେଜିଷ୍ଟ୍ରି ହୋଇଥିବା ପୋଷ୍ୟ ଦଲିଲ ବା କୋର୍ଟ ଅର୍ଡର) ସରପଞ୍ଚ ଦାଖଲ କରିପାରି ନ ଥିବାରୁ ଜିଲାପାଳ ମହାଜନ ପଦ୍ମାଙ୍କୁ ଅଯୋଗ୍ୟ ଘୋଷିତ କରିଛନ୍ତି।


Copy Application No.
GPE-02/2023

| Sl. and date of order | Order and initials of Magistrate | Office note as to action taken on Order with date |
| --- | --- | --- |
| 1 | 2 | 3 |
| 13.11.2025 | IN THE COURT OF THE COLLECTOR & D.M. KORAPUT<br>Grama Panchayat Election Case No.02/2023<br>Dated, the 13th day of November-2025<br>Present:<br>MANOJ SATYAWAN MAHAJAN, IAS, COLLECTOR, KORAPUT<br>In the matter of disqualification of Smt. Padma Kandulphul, Sarpanch, Grama Panchayat Pitaguda, Panchayat Samiti Semiliguda Under Section 26(3) of the Odisha Grama Panchayat Act, 1964<br>1.Smt. Geeta Chapadi, Ex-Sarpanch, Pitaguda Grama Panchayat, Panchayat Samiti Semiliguda, District Koraput-----Petitioner<br>-Vrs-<br>Smt. Padma Kandulphul, W/o Daitari Kandulphul, Sarpanch, Gram Panchayat Pitaguda,Panchayat Samiti Semiliguda, District Koraput......Opposite Party<br>JUDGMENT<br>1.The present election petition has been filed by Smt. Geeta Chapadi, Ex-Sarpanch of Pitaguda Gram Panchayat, Panchayat Samiti Semiliguda, District Koraput, alleging that the returned candidate, Smt. Padma Kandulphul, has incurred disqualification under Section 25 of the Odisha Grama Panchayat Act, 1964, for having more than two living children.<br>2.In support of her allegation, the petitioner submitted documentary evidence obtained from different educational institutions based on their Admission Registers, indicating that the Opposite Party has three children. The details are as follows:<br>i. Laxman Kandulphul, S/o Daitari Kandulphul DOB: 12.02.2002, certificate issued by the Principal, Deomali Public School, Semiliguda, vide Letter No. DMPS/371 dated 24.05.2022.<br>ii. Rasmi Ranjan Kandulphul, S/o Daitari Kandulphul DOB: 17.12.2005, certificate issued by the Principal, Deomali Public School, Semiliguda, vide Letter No. DMPS/370 dated 24.05.2022.<br>iii. Bablu Kandulphul, S/o Daitari Kandulphul, DOB: 16.03.2007, certificate issued by the Pradhan Acharya, Saraswati Shishu Vidya Mandir, Semiliguda, vide Letter No. 084/2022 dated 23.05.2022. | |

ଜିଲାପାଳଙ୍କ ଶୁଣାଣି ପତ୍ର।



# ସ୍କୁଲରେ ମଧ୍ୟାହ୍ନଭୋଜନ ଚାଉଳ ଅନିୟମିତତା ଅଭିଯୋଗ

କାଲିମେଳା, ୧୩।୨ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଚିତ୍ରାଙ୍ଗପଲ୍ଲୀ ପଞ୍ଚାୟତ ଅଧୀନ ଏମ୍‌ଭି- ୫୫ ଶ୍ରୀଅରବିନ୍ଦ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରୀଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଚାଉଳ ଓ ଏହାର ଅର୍ଥରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିକଟରେ ଅଭିଯୋଗ କରାଯାଇଛି। ଜିଲାପାଳ ତୁରନ୍ତ ଏହାର ତଦନ୍ତ କରିବାକୁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍କୁଲ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ ଚାଉଳର ଷ୍ଟକ୍ ରେଜିଷ୍ଟର ଯାଞ୍ଚ କରିଛନ୍ତି। ଏଥିସହ ଷ୍ଟକ୍ ରେଜିଷ୍ଟର ତଥା ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚରୁ ପ୍ରାୟ ୪୨ ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ପୁନଃ ପ୍ରକ୍ରିୟାକରଣ ପାଇଁ କୌଣସି ମିଲକୁ ପଠାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ମଧ୍ୟାହ୍ନ ଭୋଜନ ଚାଉଳ ସ୍ୱତନ୍ତ୍ର ପୋଷଣ ଯୁକ୍ତ ହୋଇଥିବା ବେଳେ ଏହାକୁ ପୁନଃ ପ୍ରକ୍ରିୟାକରଣ କରିବା ଆବଶ୍ୟକତା ନାହିଁ ବୋଲି ଜିଲା ଯୋଗାଣ ଅଧିକାରୀ କହିଛନ୍ତି। ମଧ୍ୟାହ୍ନ ଭୋଜନ ଚାଉଳ ଅନିୟମିତତାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଭୂମିକା ଥିବା ଦର୍ଶାଇ ତାଙ୍କୁ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନୋଟିସର ପ୍ରତି ଉତ୍ତର ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।




# ବିଦ୍ୟାଳୟରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ମାଲକାନଗିରି, ୧୩।୨ (ସୁଚିତ୍ରା ଦାସ)

ମାଲକାନାଗିରି ଜିଲା ସଦର କୁମୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଅଜଣା ଯୁବକ ପାଚେରୀ ଡେଇଁ ପ୍ରବେଶ କରି ହାତରେ ଏକ ଭଙ୍ଗା କାଚ ବୋତଲ ଧରି ଆତଙ୍କ ଖେଳାଇଥିବା ଦେଖିବାକୁ ମିଳିଛି। ଦୀର୍ଘ ସମୟ ଧରି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ପ୍ରାୟ ଅଧ ଘଣ୍ଟା ପରେ ଶିକ୍ଷକ ଶ୍ରୀଧର ସାହୁ ଯୁବକଙ୍କ ହାତରୁ ଭଙ୍ଗା କାଚ ବୋତଲ ଛଡେଇ ନେଇଥିଲେ। ଏ ନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସିବାରୁ ଯୁବକ ଜଣକ ଦୌଡ଼ି ପଳାଇଥିଲେ। ଘଟଣାକୁ ନେଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ରାଣୀ କିର୍ତ୍ତଣୀୟା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି। ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।



# ଭାଜପା କର୍ମୀଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତ ଫେରାର

ମାଲକାନଗିରି/ଚିତ୍ରକୋଣ୍ଡା, ୧୩।୨ (ଦୁର୍ଯ୍ୟୋଧନ ପାତ୍ର/ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସଦର ଥାନାରେ ଭାଜପା କର୍ମୀଙ୍କୁ ୨ଜଣ ବ୍ୟକ୍ତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁବାର ରାତିରେ ଚିତ୍ରକୋଣ୍ଡା ଭାଜପା କର୍ମୀ ହେମନ୍ତ ସଗଡିଆ ଓ ଅନ୍ୟ ଜଣେ ବ୍ୟକ୍ତି ସୁରେଶ ଖରା ବଜାରରେ ଥିବା ସମୟରେ ୨ ଅଜଣା ବ୍ୟକ୍ତିଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ୨ ଅଜଣା ବ୍ୟକ୍ତି କ୍ରୋଧିତ ହୋଇ ହେମନ୍ତ ଓ ସୁରେଶଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ହେମନ୍ତ ଓ ସୁରେଶ ଗୁରୁତର ହୋଇଥିଲେ। ଉଭୟଙ୍କୁ ଚିତ୍ରକୋଣ୍ଡା ଚିକିତ୍ସାକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଚିତ୍ରକୋଣ୍ଡା ଥାନାରେ ୪୨/୨୦୨୬ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

# କେନ୍ଦ୍ର ଆଦିବାସୀ ଉନ୍ନୟନ ମନ୍ତ୍ରୀଙ୍କୁ ଦାବିପତ୍ର


ମାଲକାନଗିରି ଜିଲା ବଙ୍ଗାଳୀ ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ମାଲକାନଗିରି, ୧୩।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବଙ୍ଗାଳୀ ସମାଜ ପକ୍ଷରୁ ଏକ ପ୍ରତିନିଧି ଟିମ୍ ଜିଲାର ବିଭିନ୍ନ ସମସ୍ୟାକୁ ନେଇ ଦିଲ୍ଲୀରେ ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜୁଏଲ ଓରାମ, ସମ୍ବିତ ପାତ୍ର, ଏମ୍‌ପି ରୁଦ୍ର ପାଣି, ସାନ୍ତନୁ ଠାକୁର, କେନ୍ଦ୍ରୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବି.ଏଲ୍. ସନ୍ତୋଷ ସାକ୍ଷାତ କରି ଆଲୋଚନା କରିଛନ୍ତି। ୨୦୨୫ ଡିସେମ୍ବର ୭ ଓ ୮ରେ ଏମ୍‌ଭି ୨୬ ଓ ହିନ୍ଦୁ ବଙ୍ଗାଳୀ ଗାଁରେ ଆଦିବାସୀଙ୍କ ଦ୍ୱାରା ସଂଘବଦ୍ଧ ଆକ୍ରମଣ ନେଇ ଅବଗତ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଅନୁକମ୍ପା ରାଶୀ ପୁନଃ ବିଚାର କରିବାକୁ ଅନୁରୋଧ କରାଯାଇଛି। ବଙ୍ଗାଳୀ ସମାଜ ଜିଲା ସଭାପତି ଗୌରାଙ୍ଗ କର୍ମକାରଙ୍କ ନେତୃତ୍ୱରେ ଡ. ଗୋପାଳ ଚନ୍ଦ୍ର ବିଶ୍ୱାସ, ନିମାଇ ଚନ୍ଦ୍ର ପାଲ, ମାନିକଲାଲ ଚକ୍ରବର୍ତ୍ତୀ, କମଳେସ ରାୟ, ଉତମ ଓଝା, ସୟ ସରକାର, ନିହାର ରାୟ, ପ୍ରହ୍ଲାଦ ବସୁ ଓ ଭବାନୀ ଶଙ୍କର ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଛେଦ ନ ହେବାରୁ ୧୦ ଦିନ ମହଲତ ଦେଲା ପ୍ରଶାସନ

ଜୟପୁର, ୧୩।୨ (ପବନ ପାଣିଗ୍ରାହୀ)

ଜୟପୁର ପୌରାଞ୍ଚଳ ଲିଙ୍ଗରାଜ ନଗରରେ ପୌରପାଳିକା ରାସ୍ତାରେ ୩ ଘର ଜବରଦଖଲ ହୋଇଛି। ଏହାକୁ ପ୍ରଶାସନ ଉଚ୍ଛେଦ କରିବାକୁ ଯାଇ ଲୋକଙ୍କ ବିରୋଧ ଯୋଗୁ ଫେରିଥିବା ଜଣାପଡ଼ିଛି। ଜୟପୁର ଲିଙ୍ଗରାଜ ନଗରରେ ଉଚ୍ଛେଦ ବେଳେ ଜେସିବି ଆଗରେ ସ୍ଥାନୀୟ ବାସିନ୍ଦା ଠିଆ ହୋଇଥିଲେ। ୧୦ ଦିନ ମହଲତ ଦେଇ ପ୍ରଶାସନ ଫେରିଥିବା ଜଣାପଡ଼ିଛି। ରାସ୍ତା ଉପରେ ଜବରଦଖଲ କରିଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଏ ନେଇ ଅତିରିକ୍ତ ତହସିଲଦାର ଚିତ ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୁଜା ରାଉତ, ପୌର ଯନ୍ତ୍ରୀ ଅଜୟ ଜାନୀ, ଅମିନ ଶୁଭସ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବୋରିଗୁମ୍ମା ନୂତନ ଏନ୍‌ଏସିର ୧୪ ୱାର୍ଡ ପାଇଁ ବିଜ୍ଞପ୍ତି ଜାରି

ବୋରିଗୁମ୍ମା, ୧୩।୨ (ବିଜୟ ସାହୁ)

ରାଜ୍ୟ ସରକାର ବୋରିଗୁମ୍ମା ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଘୋଷଣା ପରେ ବର୍ତ୍ତମାନ ନୂତନ ଏନ୍‌ଏସିକୁ ପୂର୍ଣ୍ଣାଙ୍ଗ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ନୂତନ ଏନଏସି ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଜିଲାର ବୋରିଗୁମ୍ମା ସହରକୁ ଏନଏସି ମାନ୍ୟତା ପରେ ବୋରିଗୁମ୍ମା ବିଡିଓଙ୍କୁ ନୂତନ ଏନଏସିର ନିର୍ବାହୀ ଅଧିକାରୀ ନିଯୁକ୍ତି ଦେଇଛନ୍ତି। ବୋରିଗୁମ୍ମା ପଞ୍ଚାୟତ ୨୪ ୱାର୍ଡକୁ ନେଇ ଗଠିତ ହୋଇଛି। ନୂତନ ଏନଏସି ପାଇଁ ମୋଟ ୧୪ ୱାର୍ଡ ଗଠନ କରାଯାଇଛି। ଜିଲାପାଳଙ୍କ ପତ୍ର ନଂ-୧୭୧/୧୨।୨।୨୦୨୬ରେ ବୋରିଗୁମ୍ମା ନୂତନ ଏନଏସିକୁ ପୂର୍ଣ୍ଣାଙ୍ଗ ରୂପ ମିଳିଛି। ଏନଏସିର ୧ ନଂ ୱାର୍ଡ ଏକଟା ଆମ୍ବଗୁଡା, ବାରଙ୍ଗଗୁଡା, ନୂଆଗୁଡା, ପୁରୁଣା ବୋରିଗୁମ୍ମା(ଅମନାତ୍ୟ ସାହି)କୁ ନେଇ ଗଠନ କରାଯାଇଛି। ସେହିପରି ୱାର୍ଡ ନଂ ୨ ଆମ୍ବିଡିଗୁଡା,ପୁରୁଣା ବୋରିଗୁମ୍ମା(ହରିଜନ ସାହି)କୁ ନେଇ ଗଠନ ହୋଇଛି। ୩ ୱାର୍ଡ ମାନିକେଶ୍ୱରୀ ମାର୍ଗ ଓ ନିଳାକଣ୍ଠେଶ୍ୱର ମାର୍ଗକୁ ନେଇ ଗଠନ। ୱାର୍ଡ ନମ୍ବର ୪ ଦୁଲ୍ଲାଗୁଡା ଓ ଖିଆଲଗୁଡାକୁ ନେଇ ଗଠନ। ୧୪ ୱାର୍ଡ ସାନ ଝିଲିମିଲି, ଡାଲାଗୁଡା, ଇରିଗେସନ କଲୋନୀ, ଷ୍ଟିଲ ଫେକ୍ଟରୀ ଲାଇନକୁ ନେଇ ଗଠନ କରାଯାଇ ଅଣ ସଂରକ୍ଷିତ ମହିଳା ପାଇଁ ରହିଛି। କୌଣସି ବ୍ୟକ୍ତିଙ୍କ ଅଭିଯୋଗ ଥିଲେ ସେମାନେ ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିପାରିବ ବୋଲି ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ବିଶ୍ୱ ରକ୍ତହୀନତା ଦିବସ ପାଳିତ

ପଡିଆ, ୧୩।୨ (ଭାସ୍କର ରାଓ)

ମାଲକାନଗିରି ଜିଲା ସୀମାବର୍ତ୍ତୀ ପଡିଆ ବ୍ଲକ ସଦର ମହକୁମା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଇଟିସି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ ଆଇଜିଡି ଏନଜିଓ ପକ୍ଷରୁ ବିଶ୍ୱ ରକ୍ତହୀନତା ଦିବସ ଶୁକ୍ରବାର ପାଳନ କରାଯାଇଛି। ଏଥିରେ ରକ୍ତହୀନତାର ଲକ୍ଷଣ, କାରଣ, ବିବିଧତା ଓ ପ୍ରତିକାର ବାବଦରେ ଆଲୋଚନା କରାଯାଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରକ୍ତହୀନତା ଭଳି ସମସ୍ୟାର ମୁକାବିଲା ପାଇଁ ସରକାରୀ ଓ ବେସରକାରୀ ଭାବେ ପ୍ରୟାସ ଜାରି ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନି କୁମାର ମହାପାତ୍ର, ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ପଡ଼ିଆ କଲେଜ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର ଓ କ୍ଷୁଦ୍ରଶସ୍ୟକୁ ରାଜ୍ୟ ସ୍ତରରେ ଜନ ମାନସରେ ପରିଚିତ କରାଇଥିବା ଜାତୀୟ ଖ୍ୟାତିସମ୍ପନ୍ନ ଜଗନ୍ନାଥ ଚିନ୍ନାରା ଓ ଆଇଟିସି ମିଶନ ସୁନହରାକାଲର ସାଗର ଭାରତୀୟ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ତମ ଖାଦ୍ୟପେୟ, ଠିକ ଜୀବନଶୈଳୀ ଓ ନିୟମିତ ଭାବେ କ୍ଷୁଦ୍ର ଶସ୍ୟ ଗ୍ରହଣ କଲେ ରକ୍ତହୀନତା ନିୟନ୍ତ୍ରଣ କରାଯାଇପାରିବ କୁହାଯାଇଛି। ରକ୍ତହୀନତା ଦୂରୀକରଣ ଓ ଚିତ୍ରରେ ପରିବର୍ତ୍ତନରେ କ୍ଷୁଦ୍ର ଶସ୍ୟ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ୯ ପ୍ରକାରର କ୍ଷୁଦ୍ର ଶସ୍ୟ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଟିସି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ ହୋଇଛି। ଆଇଜିଡି ଏନଜିଓର ଝିଲି ସିଲ, ଗୋବିନ୍ଦ ସର୍ଦ୍ଦାର ସମେତ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଟ୍ରେଜେରି ଅଫିସରଙ୍କୁ ଏନ୍‌ପିଏସ୍ ତାଲିମ


ଶିବିରରେ ଉପସ୍ଥିତ ଟ୍ରେଜେରି ଅଫିସର ଓ ଅନ୍ୟମାନେ ।

ଚିତ୍ରକୋଣ୍ଡା, ୧୩।୨ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅଧୀନ ସବ୍ ଟ୍ରେଜେରି ଅଧିକାରୀ ଲୋଚନ ବାଗଙ୍କ ଅଧ୍ୟକ୍ଷତାରେ ଏକ ଏନ୍‌ପିଏସ୍ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସବ୍ ଟ୍ରେଜେରି ଅଧୀନ ଡିଡିଓ ଏବଂ ଡିଡିଓ ପ୍ରତିନିଧି ଏନ୍‌ପିଏସ୍ ଅଂଶଗ୍ରହଣ କରିଥିଲେ।

# ଚାଷୀଙ୍କ ସମସ୍ୟା ନେଇ ଜିଲା ବିଜେଡିର ବିକ୍ଷୋଭ

ମାଲକାନଗିରି, ୧୩।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଜେଡି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ସହ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମିଙ୍କ ନେତୃତ୍ୱରେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ବିଜେଡି ଜିଲା ଉପସଭାପତି ପ୍ରଫୁଲ୍ଲ ପଣ୍ଡା, ବିଜେଡି ଜିଲା ଉପସଭାପତି ଉଦୟନାଥ ମାଦ୍ରୀ, ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ, ସମସ୍ତ ବରିଷ୍ଠ ନେତା ଓ କର୍ମକର୍ତ୍ତା ବିକ୍ଷୋଭ କରି ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ଖରିଫ ଋତୁ ଧାନ ସଂଗ୍ରହ ସମୟରେ ରାଜ୍ୟର ଚାଷୀ ବ୍ୟବସ୍ଥାଗତ ଶୋଷଣ, ପ୍ରଶାସନିକ ଉଦାସୀନତା ଓ ନିର୍ବାଚନ ପ୍ରତିଶ୍ରୁତି ପାଳନରେ ବିଫଳତା ଜନିତ କଷଣର ସମ୍ମୁଖୀନ ସମ୍ମୁଖୀନ ହେଉଥିବା କୁହାଯାଇଛି। ୨୦୨୪ ନିର୍ବାଚନ ସମୟରେ ଭାଜପାର ନିର୍ବାଚନୀ ଇସ୍ତାହାରର ୨ ନମ୍ବର ପଏଣ୍ଟରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟନୀଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ଚାଷୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ରାଜ୍ୟର ମଣ୍ଡିଗୁଡିକ ଚାଷୀଙ୍କ ନିର୍ଯାତନାର କେନ୍ଦ୍ର ପାଲଟିଯାଇଛି। ବିନା କୌଣସି ଅସୁବିଧାରେ ଧାନ ସଂଗ୍ରହ କରିବାକୁ ଭାଜପା ସରକାର ପ୍ରତିଶ୍ରୁତି ଦେଇ ମଧ୍ୟ ଆଦ୍ରତା ଓ ନିମ୍ନମାନର ଧାନ ଆଦି ବିଭିନ୍ନ ଆଳରେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୫ରୁ ୭ କେଜି ଯାଏ କଟନୀଛଟନୀ କରିବା ପରିତାପର ବିଷୟ ବୋଲି ବିଜେଡି ଅଭିଯୋଗ ଆଣିଛି। ମିଲର ଓ ସ୍ଥାନୀୟ ଅଧିକାରୀଙ୍କ ସଲସୁତରାରେ ଚାଷୀ ସେମାନଙ୍କ ପରିଶ୍ରମ ମୂଲ୍ୟ ପାଇବାରୁ ବଞ୍ଚିତ ରହୁଥିବା ଅଭିଯୋଗ ହୋଇଛି। ଭାଜପା ସରକାର ସବ୍‌ସିଡି ପାଇଁ ଚାଷୀ ପିଛା ସର୍ବାଧିକ ୧୫୦ କୁଇଣ୍ଟାଲ ସିଲିଙ୍ଗ ଧାର୍ଯ୍ୟ କରିବା ପ୍ରତିଶ୍ରୁତି ଭଙ୍ଗର ଉଦାହରଣ ବୋଲି ଜିଲା ବିଜେଡି ପକ୍ଷରୁ କୁହାଯାଇଛି।



ବିଜେଡି କର୍ମୀ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।


**CUTTACK MUNICIPAL CORPORATION**
**TENDER CALL NOTICE**
No. 485/H.O Dt.09.02.26

**No.13001/215/2526** : Cuttack Municipal Corporation invites sealed tenders from interested Manufactures/ Authorized Dealers/Suppliers for Supply of Allopathic Medicine and surgical items for Animal Birth Control Programme for the year 2026-27.

The details can be downloaded from the official website www.cmccuttack.odisha.gov.in The last date of submission of Tender documents is up to 4.00 P.M dt. 06.03.2026

Sd./- Commissioner
OIPR-13001/13031/1/25-26/0025 Cuttack Municipal Corporation

**Bhubaneswar Municipal Corporation**
Phone No.0674-2431253, e-mail: info@bmc.gov.in

Letter No.8588 Date-12.2.26

**ସର୍ବସାଧାରଣ ବିଜ୍ଞପ୍ତି**

**ପରିମଳ ସେବା ଦେୟ (ୟୁଜର ଫି) ସଂଗ୍ରହ ସମ୍ପର୍କେ**

**13001/220/2526:** ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ସମସ୍ତ ନାଗରିକ, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ (SWM Rule 2016) ଏବଂ ଭୁବନେଶ୍ୱର ମହାନଗର ନିଗମ ଉପବିଧି ୨୦୧୮କୁ ଭିତ୍ତିକରି ବର୍ଜ୍ୟ ସଂଗ୍ରହ ନିମନ୍ତେ ପରିମଳ ସେବା ଦେୟ (ୟୁଜର ଫି) ଆଦାୟ କରାଯାଉଅଛି । ଏହି ୟୁଜର ଫି ଆଦାୟ କରିବା ପାଇଁ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ଏବଂ ସାନିଟାରି ଇନ୍ସପେକ୍ଟରମାନେ ଘରକୁ ଘର ଯାଇ ନିର୍ଦ୍ଧାରିତ ଦେୟ କ୍ୟୁଆର କୋଡ୍ ଏବଂ ୟୁପିଆଇ ID- commissionerbmcacuse.70504260@hdfcbank ମାଧ୍ୟମରେ ସଂଗ୍ରହ କରିଆସୁଛନ୍ତି ।

ସୂଚନାଯୋଗ୍ୟ କି, ୟୁଜର ଫି ଦେବା ଦ୍ୱାରା ବିଏମ୍‌ସି ଅଞ୍ଚଳର ବର୍ଜ୍ୟ ସଂଗ୍ରହ ତ୍ୱରାନ୍ୱିତ ହୋଇପାରିବ ଏବଂ ଚାଲୁ ରହିଥିବା ସ୍ୱଚ୍ଛ ସର୍ବେକ୍ଷଣର ମାନାଙ୍କ (ପାରାମିଟର) ଉଚ୍ଚ ହେବାରେ ସହାୟକ ହେବ । ଅନ୍ୟପକ୍ଷରେ, ଭୁବନେଶ୍ୱରର ପରିମଳ ପରିଚାଳନା ଅଧିକ ତ୍ୱରାନ୍ୱିତ ହେବ । ୟୁଜର ଫି ଏକାଥରକେ ଆର୍ଥିକ ବର୍ଷ 2025-26 ପାଇଁ ଆଦାୟ କରାଯାଉଅଛି । ଏଣୁ ବିଏମ୍‌ସି ଅଞ୍ଚଳର ପ୍ରତ୍ୟେକ ବାସିନ୍ଦା, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କୁ ଅନୁରୋଧ, ଆପଣମାନେ ନିଜ ନିଜର ୟୁଜର ଫି ଦିଅନ୍ତୁ ଏବଂ ଭୁବନେଶ୍ୱରର ପରିମଳ ପରିଚାଳନାକୁ ଅଧିକ ସୁଦୃଢ କରିବାରେ ସହଯୋଗର ହାତ ବଢାନ୍ତୁ । ୟୁଜର ଫି ବାବଦରେ ଅଧିକ ବିବରଣୀ ଓ ଧାର୍ଯ୍ୟ ଦେୟ ପାଇଁ ବିଏମ୍‌ସି ୱେବ୍‌ସାଇଟ୍ www.bmc.gov.in କୁ ଅନୁସରଣ କରନ୍ତୁ ।

**ଆପଣଙ୍କ ସହଯୋଗରେ ଗଢିଉଠୁ ସ୍ୱଚ୍ଛ ସବୁଜ ଭୁବନେଶ୍ୱର**

**ହାତକୁ ହାତ ମିଳାଇ | ଆସ କରିବା ସଫେଇ ।**

ନିବେଦନ
OIPR-13001/13002/1/25-26/0024 ଭୁବନେଶ୍ୱର ମହାନଗର ନିଗମ

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**DISTRICT PROJECT OFFICE, SAMAGRA SIKSHA, JHARSUGUDA**
No.343/TE/2026 Dated 12.02.2026

**TENDER CALL NOTICE FOR SUPPLY OF BRASS AND PIPE BAND EQUIPMENTS & UNIFORM (BOYS & GIRLS)**

No.27001/18/2526: Sealed tenders under four bid systems are invited from the reputed authorized agency/ supplier/ manufacturer having valid PAN, GST & IT for supply of Brass and pipe band instruments & Uniform (Boys & Girls) for Eight (08) nos. of PM SHRI Schools of Jharsuguda District in two bid systems (Technical & Commercial Bid) as detailed below:

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Brass and pipe band instruments & Uniform (Boys & Girls) for Eight (08) nos of PM SHRI Schools | Rs.5000/- | Rs.60,000/- | 26.02.2026, 12 P.M. | 26.02.2026, 03 PM |

The detailed BID document is available in the website http://jharsuguda.odisha.gov.in./ http://osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.

By the order of Collector-cum-Chairman,
OIPR-27001/27153/1/25-26/0004 Sd./- District Project Coordinator, SS, Jharsuguda

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର-୭୫୧୦୧୨
Tel:0674-2562368/2561909, EPABX:2653800
E-mail:paribesh1@ospcboard.org, Website: www.ospcboard.org
ପତ୍ର ସଂଖ୍ୟା-୧୯୮୬/IND-I-SWM-MISC-138/2025-26 ତା.୧୧.୦୨.୨୦୨୬

No. 8001/67/2526

**ସାର୍ବଜନୀନ ସୂଚନା**

ପରିବେଶ ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଏବଂ ପରବର୍ତ୍ତୀ ସଂଶୋଧିତ ନିୟମରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଷେଧ କରାଯାଇଛି । ଏଣୁ ସର୍ବସାଧାରଣଙ୍କୁ ମନ୍ଦିର ପରିସରରେ ପୂଜା ସାମଗ୍ରୀ ନେବା, ପ୍ରସାଦ ସେବନ କରିବା ତଥା ଖାଦ୍ୟ ସାମଗ୍ରୀ ନେବା ନିମନ୍ତେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ କରିବାକୁ ନିର୍ଦ୍ଦେଶ ଦିଆଯାଉଛି । ପ୍ଲାଷ୍ଟିକ ଅଳିଆ ଆବର୍ଜନା ଯୋଗୁଁ ହେଉଥିବା ପ୍ରଦୂଷଣ ହ୍ରାସ କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏହି ସୂଚନାର ମୂଳ ଉଦ୍ଦେଶ୍ୟ । ତେଣୁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଉଛି ।

**ଭକ୍ତ ଏବଂ ବିକ୍ରେତାଙ୍କ ପାଇଁ**
୧) ମନ୍ଦିର ପରିସରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବଦଳରେ ମନ୍ଦିରକୁ ପୂଜା ପ୍ରସାଦ ନେବା ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ବ୍ୟବହାର କରନ୍ତୁ ।
୨) ମନ୍ଦିର ପରିସରରେ ଏବଂ ଆଖପାଖ ଅଞ୍ଚଳରେ କେବଳ ଉପରୋକ୍ତ ଅନୁମୋଦିତ ଜିନିଷଗୁଡିକରେ ପୂଜା ସାମଗ୍ରୀ ଓ ପ୍ରସାଦ କ୍ରୟ ବିକ୍ରୟ କରନ୍ତୁ ।

**ମନ୍ଦିର ପ୍ରଶାସକଙ୍କ ପାଇଁ-**
୧) ପୂଜା ସାମଗ୍ରୀ ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ଉପଲବ୍ଧ କରାନ୍ତୁ ।
୨) ଶୁଖିଲା ଅଳିଆ ଏବଂ ଓଦା ଅଳିଆ ସଂଗ୍ରହ ପାଇଁ ପୃଥକ ରଙ୍ଗିନ ଡଷ୍ଟବିନ ବ୍ୟବସ୍ଥା କରାନ୍ତୁ ।
୩) ପୌରପାଳିକାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଳିଆ ସଂଗ୍ରହକାରୀଙ୍କୁ ଅଳିଆ ହସ୍ତାନ୍ତର କରାନ୍ତୁ ।
୪) ପ୍ରସାଦ/ଖାଦ୍ୟ ପରିବେଷଣ ପାଇଁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍/ ଥର୍ମକୋଲ୍ କଟଲେରୀ (ଯେପରିକି କପ୍ ଏବଂ ପ୍ଲେଟ୍, ପ୍ଲାଷ୍ଟିକ୍ ଷ୍ଟ୍ର, ଛୁରି, କଣ୍ଟା ଚାମଚ) ଏବଂ ୧୨୦ ମାଇକ୍ରୋନ୍‌ରୁ କମ୍ ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ ବ୍ୟବହାର ନକରିବା ପାଇଁ ମନ୍ଦିର ଓ ଏହାର ନିକଟବର୍ତ୍ତୀ ହୋଟେଲ/ ରେଷ୍ଟୁରାଣ୍ଟ/ସ୍ଥାନୀୟ ବିକ୍ରେତାମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ।
୫) ଜୈବ ବିଘଟନ ଯୋଗ୍ୟ କଟଲେରୀ (ଯଥା- ପତ୍ର ପ୍ଲେଟ୍, କାଠ ଚାମଚ, କାଗଜ ଷ୍ଟ୍ର, କାଗଜ ପ୍ଲେଟ୍, ଧାତୁ ପ୍ଲେଟ୍ ଇତ୍ୟାଦି) କିମ୍ବା କମ୍ପୋଷ୍ଟେବଲ୍ ପ୍ଲାଷ୍ଟିକ୍‌ରେ ତିଆରି କଟଲେରୀ ଉପଲବ୍ଧ କରାନ୍ତୁ ।
୬) ମନ୍ଦିର ପରିସରରେ ଥିବା ପୋଖରୀ କିମ୍ବା ଜଳାଶୟରେ ଭକ୍ତଙ୍କ ଦ୍ୱାରା ନୈବେଦ୍ୟ ବିସର୍ଜନ ନିମନ୍ତେ ଏକ ଆବଦ୍ଧ ଅଞ୍ଚଳ ଚିହ୍ନଟ କରନ୍ତୁ, ଯଦ୍ୱାରା ଏହି ବିସର୍ଜନ ସାମଗ୍ରୀଗୁଡିକୁ ପରବର୍ତ୍ତୀ ସମୟରେ ସହଜରେ ନିଷ୍କାସନ କରାଯାଇପାରିବ ।
୭) ପୂଜା ପରବର୍ତ୍ତୀ ବଳକା ଅଳିଆଗୁଡିକୁ ଉପଯୁକ୍ତ ଡବା ଏବଂ ପୋଖରୀର ଆବଦ୍ଧ ଅଞ୍ଚଳରେ ବିସର୍ଜନ କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରନ୍ତୁ ।

**ଆସନ୍ତୁ ମନ୍ଦିର ପରିସରକୁ ସ୍ୱଚ୍ଛ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ।**

ସ୍ୱା./- ସଦସ୍ୟ ସଚିବ
OSPCB-MSW-MISC-0014-2025/4/2026 OIPR-8001/8012/1/25-26/0012

# ସାଇବର ସିକ୍ୟୁରିଟି, କେୱାଇସି ଗୁରୁତ୍ୱ ନେଇ ସଚେତନତା

## ନବରଙ୍ଗପୁର ଜିଲାରେ ଆର୍ବିଆଇର ଆର୍ଥିକ ସାକ୍ଷରତା ସପ୍ତାହ

ନବରଙ୍ଗପୁର, ୧୩ା୨ (ସଦାଶିବ ପ୍ରହରାଜ)

ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଚଳିତ ବର୍ଷ ଆର୍ଥିକ ସାକ୍ଷରତା ସପ୍ତାହ ଫେବୃଆରୀ ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଛି। କେୱାଇସି-ସୁରକ୍ଷିତ ବ୍ୟାଙ୍କିଙ୍ଗ ଆଡ଼କୁ ପ୍ରଥମ ପଦକ୍ଷେପ ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଛି। ଏହି ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଓଡ଼ିଶାର ସମସ୍ତ ଜିଲାରେ ବିଭିନ୍ନ ଆର୍ଥିକ ସାକ୍ଷରତା ଶିବିର ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲାର ପ୍ରତ୍ୟେକ ବ୍ଲକରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରତ୍ୟେକ ଗ୍ରାମରେ ବିଶେଷ କରି କେୱାଇସି ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ୫ ଦିନ ଧରି ଲିଡ୍ ବ୍ୟାଙ୍କ, ସମସ୍ତ ବ୍ୟାଙ୍କ, ଏବଂ ଧାନ ଫାଉଣ୍ଡେସନ ସିଏଫଏଲ ପକ୍ଷରୁ ପ୍ରତିଦିନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ଆର୍ଥିକ ଯୋଜନା କିପରି ପ୍ରସ୍ତୁତ କରିବା, ସଞ୍ଚୟ, ନିବେଶ, ବ୍ୟାଙ୍କିଂ, ବିଭିନ୍ନ ପ୍ରକାର ଠକେଇ, ବୀମା, ସାଇବର ସିକ୍ୟୁରିଟି, ଡିଜିଟାଲ ଋଣ, ବ୍ୟାଙ୍କରେ ଅଭିଯୋଗ ସମାଧାନ ବ୍ୟବସ୍ଥା, ମନି ମ୍ୟୁଲ, ପେନସନ ତଥା ବ୍ୟାଙ୍କ ଜମା ଖାତାରେ କେୱାଇସି ଗୁରୁତ୍ୱ ଏବଂ ଆବଶ୍ୟକତା ଉପରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ମୁଖ୍ୟ ଅଗ୍ରଣୀ ଜିଲା ପ୍ରବନ୍ଧକ ଗୋପାଳ କୃଷ୍ଣ ପଣ୍ଡା, ଏଫ୍ଏଲ୍ସି ତନ୍ମୟ ଦାସ, ବ୍ୟାଙ୍କ ଶାଖା ପରିଚାଳକ, ଧାନ ଫାଉଣ୍ଡେସନ ସିଏଫ୍ଏଲ୍ କୋଅର୍ଡିନେଟର, ଆସୋସିଏଟ ମିଳିତ ପ୍ରୟାସରେ ସଫଳ ଭାବେ ଅନୁଷ୍ଠିତ ହୋଇଥିଲା। ଶେଷ ଦିନରେ ଆର୍ବିଆଇ ଏଲ୍ଡିଓ ଜସନ ସୋରେନ ଜିଲାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯେଉଁଥିରେ ୨୦୦ ରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପସ୍ଥିତ ଥିଲେ।



ଏକ ଗ୍ରାମରେ ଲୋକମାନଙ୍କୁ ସଚେତନ କରାଯାଉଛି।

# ମହୁମାଛି ଆକ୍ରମଣରେ ୩ ଆହତ

ଡାବୁଗାଁ, ୧୩ା୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କେନ୍ଦ୍ରପତ୍ର ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ଡାବୁଗାଁ-ଉମରକୋଟ ମୁଖ୍ୟ ରାସ୍ତାରେ ମହୁମାଛି ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଝରିଗାଁ ବ୍ଲକ ଅଧୀନ ଦୁବିଆ ଗ୍ରାମର ପାର୍ବତୀ ଗୌଡ଼ (୩୫), ଗୋବିନ୍ଦ ଗୌଡ଼ (୨୦) ଓ ଡାବୁଗାଁ ବ୍ଲକର ଜୟନ୍ତିନଗର ଗ୍ରାମର କଣ୍ଟୁରି ଚରଣ ମୁଦୁଲି (୬୫)। ସୂଚନାନୁଯାୟୀ, ପାର୍ବତୀ ଓ ଗୋବିନ୍ଦ କୌଣସି କାମରେ ଡାବୁଗାଁ ଆସୁଥିବା ବେଳେ ମହୁମାଛି ଆକ୍ରମଣ କରିଥିଲା। ଉକ୍ତ ରାସ୍ତା ଦେଇ ଯାଉଥିବା କଣ୍ଟୁରିଙ୍କ ଉପରେ ମଧ୍ୟ ହଠାତ୍ ମହୁମାଛି ଦଳ ଆକ୍ରମଣ କରିଥିଲା। ଆହତମାନଙ୍କୁ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ତୁରନ୍ତ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

# ସରକାରୀ ଯୋଜନାରୁ ବଞ୍ଚିତ ଶୁକ

ଲକ୍ଷ୍ମୀପୁର, ୧୩ା୨ (ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଧୀନ ଦୁନପାର ପଞ୍ଚାୟତ ଟିଙ୍ଗ ଗ୍ରାମର ବିଧବା ଶୁକ ଜାନି ସରକାର ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଜଣାପଡ଼ିଛି। ଗରିବ, ବିଧବା, ଅସହାୟଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। କିନ୍ତୁ ଶୁକ ଜାନିଙ୍କ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ଘଟିଛି। ୬ ମାସ ତଳେ ଶୁକ ଗର୍ଭବତୀ ଥିବା ବେଳେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ସ୍ୱାମୀ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିଲା। ସେହି ସମୟରେ ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳି ନ ଥିବା ସେ କହିଛନ୍ତି। ପରିବାରକୁ ରେଶନ କାର୍ଡ ନ ଥିବା ବେଳେ ଭଙ୍ଗା ଟାଲିଛି ଛପର ଘରେ ଶୁକ, ତାଙ୍କ ୨ ଝିଅ ଓ ଶାଶୁ ରହୁଛନ୍ତି। ଘରେ ଅନ୍ୟ କେହି ରୋଜଗାରିଆ ନ ଥିବାରୁ ଶାଶୁଙ୍କ ଛେଳି ଚରାଇବା ଆୟରୁ ପରିବାର ଚଳୁଛି। ପରିବାରର ଦୁଃଖ ବୁଝି ଶୁକଙ୍କୁ ବିଧବା ଭତ୍ତା, ପରିବାରକୁ ରେଶନ କାର୍ଡ, ଆବାସ ଓ ପରିବାର ମଙ୍ଗଳ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରି ୨ ଝିଅଙ୍କ ଭବିଷ୍ୟତ ପାଇଁ ପଞ୍ଚାୟତ, ବ୍ଲକ ଓ ଜିଲା ପ୍ରଶାସନ ସହାୟତା କରିବାକୁ ଶୁକ ଓ ସ୍ଥାନୀୟ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।


୨ ଝିଅଙ୍କ ସହ ଶୁକ ଜାନି।

# ଟ୍ରାନ୍ସଫର୍ମରେ ନିଆଁ

## ଆୟତ୍ତ କଲା ଅଗ୍ନିଶମ ବିଭାଗ

ରାୟଗଡ଼ା, ୧୩ା୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରସ୍ଥିତ ଜେଏସ୍‌ବୋ ଫ୍ୟାକ୍ଟ୍ରି ଭିତରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର କୌଣସି କାରଣବଶତଃ ନିଆଁ ଲାଗିଯାଇଥିଲା। ଏନେଇ ଅଗ୍ନିଶମ ବିଭାଗକୁ ଖବର ପାଇବା ପରେ ଦମକଳ ଗାଡ଼ି ସେଠାରେ ପହଞ୍ଚି ନିଆଁ ଆୟତ୍ତ କରିଥିଲା। ତେବେ ଏଥିରେ କୌଣସି ଧନଜୀବନ କ୍ଷୟକ୍ଷତି ହୋଇନ ଥିବା ଜଣାପଡ଼ିଛି।


ଟ୍ରାନ୍ସଫର୍ମରରେ ଲାଗିଥିବା ନିଆଁ ଲିଭାଯାଉଛି।



ଜୟଦେବ ଭବନରେ ବିଜ୍ଞାନ ଇଣ୍ଟରନ୍ୟାସନାଲ କଲେଜର ଅଧ୍ୟକ୍ଷ ସୁବ୍ରତ ମିଶ୍ରଙ୍କୁ ଦକ୍ଷିଣ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଉଛି।

# କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଟିକିରି, ୧୩ା୨ (ପ୍ରଫୁଲ୍ଲ କୁମାର ବେହେରା)

ପରିବାରର ଦାରିଦ୍ର୍ୟ ଦୂର କରିବା ଆଶାରେ ରାୟଗଡ଼ା ଜିଲା କାଶୀପୁର ବ୍ଲକରୁ କେରଳ ଯାଇଥିବା ଜଣେ ଦାଦନ ଶ୍ରମିକଙ୍କ ସେଠାରେ ମୃତ୍ୟୁ ହୋଇଛି। ମୃତକ ହେଲେ କାଶୀପୁର ବ୍ଲକ ଶୁଙ୍ଗେର ପଞ୍ଚାୟତ ଅଧୀନ ବଣ୍ଡେଲ ଗ୍ରାମର ସନ୍ତୋଷ ନାଏକ (୩୯)। ସୂଚନାନୁଯାୟୀ, ସନ୍ତୋଷ ୩ ମାସ ପୂର୍ବେ ପରିବାରର ଦାରିଦ୍ର୍ୟ ଦୂର କରିବା ଆଶାରେ ଦାଦନ ଖଟିବା ପାଇଁ କେରଳ ଯାଇଥିଲେ। ସେ କୋଜିକୋଡ଼ ଜିଲା ଅଧୀନ ଏଦବାନାପୁରମ ଅଞ୍ଚଳର ଏକ ହୋଟେଲରେ କାମ କରୁଥିଲେ। ଗତ ରାତିରେ ହଠାତ୍ ତାଙ୍କ ଶାରୀରିକ ଅସୁସ୍ଥତା ବଢ଼ିଯାଇଥିବାରୁ ସହକର୍ମୀମାନେ ତୁରନ୍ତ ତାଙ୍କୁ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଡାକ୍ତରମାନେ ସେଠାରେ ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ସନ୍ତୋଷ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ଘରେ ତାଙ୍କର ସ୍ତ୍ରୀ ଓ ସନ୍ତାନ ରହିଛନ୍ତି। ତାଙ୍କ ଅକାଳ ମୃତ୍ୟୁରେ ପରିବାର ଓ ଗାଁରେ ଶୋକାକୁଳ ପରିବେଶ ଦେଖାଯାଇଛି। ଗ୍ରାମବାସୀ ସମବେଦନା ଜଣାଇବା ସହ ମୃତଦେହକୁ ଗାଁକୁ ଆଣିବା ଓ ପରିବାରକୁ ଆର୍ଥିକ ସହାୟତା ଦେବାକୁ ଦାବି କରିଛନ୍ତି। ତାଙ୍କ ପରିବାରର ଜଣଙ୍କୁ ରୋଜଗାର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଛାତ୍ରୀଙ୍କ ସାମଗ୍ରିକ ବିକାଶ, କ୍ୟାରିୟର ନିର୍ମାଣରେ ସହାୟକ ହେବ ଏନ୍ଇପି


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର, ୧୩ା୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ସମ୍ପ୍ରତି ଜାତୀୟ ଶିକ୍ଷା ନୀତି (ଏନ୍ଇପି-୨୦୨୦) କେନ୍ଦ୍ରିତ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ସହାୟକ ପ୍ରାଧ୍ୟାପକ ଡ. ବ୍ରଜବନ୍ଧୁ ନନ୍ଦ ଓ ଜ୍ଞାନ ରଞ୍ଜନ ମହାନ୍ତି ମୁଖ୍ୟ ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସେ ସମ୍ବଳ ବ୍ୟକ୍ତିମାନେ ଉଚ୍ଚଶିକ୍ଷାର ନୂତନ ଦୃଷ୍ଟିକୋଣ, ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଓ ଭବିଷ୍ୟତ କ୍ୟାରିଅର ନିର୍ମାଣ ସମ୍ପର୍କରେ ଗଭୀର ଓ ପ୍ରେରଣାଦାୟକ ଆଲୋଚନା କରିଥିଲେ। ତାଙ୍କର ଅନୁଭବ ଭିତ୍ତିକ ମାର୍ଗଦର୍ଶନ ଛାତ୍ରୀମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଓ ଆତ୍ମବିଶ୍ୱାସ ସଞ୍ଚାର କରିଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ମାଲେଶ୍ରୀ ସାହୁ ଏହି ଅବସରରେ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଛାତ୍ରୀମାନଙ୍କ ଶିକ୍ଷାଜୀବନକୁ ସଠିକ ଦିଗଦର୍ଶନ ଦେବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଛାତ୍ରୀମାନେ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏନ୍ଇପି ୨୦୨୦ କେନ୍ଦ୍ରର ଏହି କାର୍ଯ୍ୟକ୍ରମକୁ ସୁସଙ୍ଗଠିତ ଓ ସାର୍ଥକ କରିବାରେ ତାଇରା ବେଗମ୍ ତାଙ୍କର ଦୂରଦର୍ଶୀ ଆୟୋଜନ ଓ ସଂଯୋଜନ ମାଧ୍ୟମରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଡ ସଞ୍ଜୁକ୍ତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

[illegible]

http://www.ireps.gov.in

(PR-1182)

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
Lt. No.832//Dt.9.02.2026
**CANCELLATION OF TENDER**
No.25001/159/2526 : Due to some unavoidable circumstances tender for the road works invited vide this Office Bid Identification No.Online-EERKL-28/2025-26 by the Executive Engineer is hereby cancelled.
Sd./- Executive Engineer
R.W.Division-II, Sundargarh
OIPR-25001/25193/1/25-26/0028

**GOVERNMENT OF ODISHA** No. 8001/69/2526
**OFFICE OF THE DIVISIONAL FOREST OFFICER, GHUMSUR SOUTH DIVISION**
Bhejiput, Bhanjanagar, Ganjam, Odisha, PIN - 761126
Tele/Fax: 06821-241015, E-mail: dfo.ghumsursouth@odisha.gov.in
**1st CORRIGENDUM**
Corrigendum of tender call notice for rate contract for supply and installation of children playing equipment and open-air Gym equipment (Including for specially abled) in Ecotourism at Maa Sankulei Peetha, Antarapada under Buguda Range and at Rolla under Badagada Range of Ghumsur South Division, Bhanjanagar.
No. 964 Date: 12.02.2026
The following corrections have been made for invites tender call notice for rate contract for supply and installation of children playing equipment and open-air Gym equipment (including for specially abled) in Ecotourism at Maa Sankulei Peetha, Antarapada under Buguda Range and at Rolla under Badagada Range of Ghumsur South Division, Bhanjanagar.
The Bid documents extended & will be available in the website: (https://ganjam.odisha.gov.in/or & https://odishaforest.in/) from 10.00 A.M. of dated 14.02.2026 to 05.00 P.M. of dated 19.02.2026 for offline bidding.
1. Bids shall be received only offline on or before 05.00 P.M. of dated 19.02.2026.
2. Bids received on offline shall be opened at 3.30 P.M. of 21.02.2026.
3. The other terms & conditions stipulated in the original tender call notice remain unchanged.
Sd./- Divisional Forest Officer
Ghumsur South Division
OIPR-8001/8051/1/25-26/0019

**Government of Odisha,**
**Revenue & Disaster Management Department**
(Disaster Management)
(State Port Engineering Organisation)
Rajiv Bhawan, Unit-V, Bhubaneswar-751001
NO.660/ R & DM (DM) (SPEO) Dt: 12.02 2026
**EXPRESSION OF INTEREST**
No.24001/31/2526 : State Port Engineering Organisation, Revenue & Disaster Management (DM) Dept, Bhubaneswar is contemplating to take up minor / major repair works of the power boats of different sizes of Steel, Fibre & Aluminium under its control to make those operable before the flood season. Hence the State Port Engineer invites sealed EOIs from the Bona fide boat builder or the boat repairing agencies.
2. The detailed item wise schedule for repair of power boats may be down loaded from website www.srcodisha.nic.in & sent with their quoted rate to State Port Engineer, office of the SRC, Rajiv Bhawan, Bhubaneswar by Speed post/ Courier so as to reach by 25.02.2026 up to 05.00 PM failing which the EOI will be liable for rejection.
3. Each EOI should be accompanied with valid GST Registration, copy of PAN card.
4. The EOI will be received up to 05.00 PM on date 25.02.2026 and will be opened on the 26.02.2026 at 11.30 AM in the office of the SRC, Rajiv Bhawan, Bhubaneswar in presence of the quotationer or their authorized representatives.
5. In case, the date of receipt / opening happens to be a holiday the EOIs shall be received / opened on the next working day at the time, already stipulated.
6. The undersigned reserves the right to reject any or all the EOIs without assigning any reason thereof.
7. The approved rates, consequent upon finalisation of such process would remain valid for two financial years from issue of the order in normal situation. Further, authority may extend the validity maximum for another one financial year.
Sd/- State Port Engineer
Revenue & Disaster Management(DM) Dept.,
Bhubaneswar
OIPR-24001/24168/1/25-26/0001

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ଖଣ୍ଡ, କୋରାପୁଟ
**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION DIVISION, KORAPUT**
At: Malisahi, Back side of SBI Bank, Koraput, PIN - 764020
Email: eerws_kpt@rediffmail.com
Tender Identification No. 20/SE/RWSS/KPT/2025-26/07.02.2026
No. 25001/138/2526: The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single Cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted online in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of Work | Rural piped water supply project under Koraput district |
| 2 | Estimated cost | Varies from 29.37 Lakhs to 45.27 lakhs |
| 3 | Total Nos. of Works | 2 Nos. |
| 4 | Tender Cost | Rs.6000.00 |
| 5 | Class of Contractor | "C" & "B" |
| 6 | Availability of bid document in the website | Dt.16.02.2026 at 17.00 hours to 27.02.2026 upto 17.00 hours |
| 7 | Date of seeking clarification | During the office hours of 16.02.2026 to 26.02.2026 |
| 8 | Date of opening of Bid | Dt.02.03.2026 at 11.00 hours |

Further deetails can be seen in the bidding documents which is available in the e-procurement portal https/www.tendersorissa.gov.in. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.
Sd./- Addl. Chief Engineer
RWS&S Division, Koraput
OIPR-25001/25034/1/25-26/0002

**ୟୁକୋ ବ୍ୟାଙ୍କ** ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ
(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

[illegible]

| ଭଞ୍ଜନଗର ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟର୍‌ମାନଙ୍କର ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ସୋମନାଥ ପଣ୍ଡା, ୨) ଶ୍ରୀମତୀ ରିଙ୍କୁ ପଣ୍ଡା [illegible] | ୩୦.୦୯.୨୦୨୫ ସୁଦ୍ଧା ଟ.୧୩,୪୪,୨୩ [illegible] + ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୧୧.୨୦୨୫ / ୧୦.୦୨.୨୦୨୬ | [illegible] |
| ଋଣଗ୍ରହୀତାମାନେ: ୧) ଶ୍ରୀ ସୋମନାଥ ପଣ୍ଡା, ୨) ଶ୍ରୀମତୀ ରିଙ୍କୁ ପଣ୍ଡା [illegible] | ୩୦.୦୯.୨୦୨୫ ସୁଦ୍ଧା [illegible] + ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୧୧.୨୦୨୫ / ୧୦.୦୨.୨୦୨୬ | [illegible] |
| ଋଣଗ୍ରହୀତା: [illegible] | ୩୦.୦୯.୨୦୨୫ ସୁଦ୍ଧା [illegible] + ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୮.୧୧.୨୦୨୫ / ୧୦.୦୨.୨୦୨୬ | [illegible] |

ସ୍ଥାନ: ଭୁବନେଶ୍ୱର
ତାରିଖ : ୧୩.୦୨.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ


# ଲମତାପୁଟରେ ଅବକାରୀ ଚଢ଼ାଉ

ଲମତାପୁଟ, ୧୩ା୨ (ଭକ୍ତରାମ ବାର୍ଣ୍ଣିଆ)

କୋରାପୁଟ ଜିଲା ଲମତାପୁଟ ଅଞ୍ଚଳରେ ନିଶା ନିବାରଣ ଓ ପୋଲିସ ବିଭାଗ ପକ୍ଷରୁ ଚଢ଼ାଉ କରି ବିପୁଳ ପରିମାଣର ସିଗାରେଟ, ଗୁଡ଼ାଖୁ ଓ ଗୁଟ୍ଖା ଜବତ କରାଯାଇଛି। ଶୁକ୍ରବାର ଅବକାରୀ ବିଭାଗ, ନିଶା ନିବାରଣ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଦୋକାନରେ ଚଢ଼ାଉ କରି ବିଦେଶୀ ସିଗାରେଟ ଓ ନିଷିଦ୍ଧ ନାମୀଦାମୀ ବ୍ରାଣ୍ଡର ଗୁଟ୍ଖା ପ୍ୟାକେଟ ଜବତ କରାଯାଇଛି। କେତେକ ବ୍ୟବସାୟୀଙ୍କଠାରୁ ୩ ହଜାର ୬ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢ଼ାଉରେ ନିଶା ନିବାରଣ ବିଭାଗ ଇନ୍ସପେକ୍ଟର ନକ୍ଷତ୍ର ଭୂଷଣ ନାଏକ, ଚନ୍ଦ୍ର ପ୍ରତାପ ଖୋଷ୍ଲା, ଅବକାରୀ ବିଭାଗର ଓଆଇସି ରାଜୁ କ୍ଷେତ୍ର, ଶ୍ରୀ କୁମାର ବେହେରା, ଦେବେନ୍ଦ୍ର ଖରା, ଲମତାପୁଟ ପୋଲିସ ଉପରିଦର ବିଡ଼ିଆ ପ୍ରମୁଖ ସାମିଲ ରହିଥିଲେ।


**झारखण्ड सरकार**
**कार्यपालक अभियंता का कार्यालय पेयजल एवं स्वच्छता प्रमंडल, खूँटी**
ई0 प्रोक्योरमेन्ट अति अल्पकालीन निविदा आमंत्रण सूचना (प्रथम कॉल)
**T. Reference No. :- DWSD/KHUNTI-07(WEIR)/2025-26, Date 13.02.2026**


| S. No. | Name of work:- | Estimated cost (In Lakh) | Earnest Money (In Lakh) | Cost of BOQ (In Rs.) | Time of Completion |
|---|---|---|---|---|---|
| 1 | Detailed Survey, designing and drawing, Construction of Weir with allied work etc. All complete job for Construction of Weir/Check Dam on Banai River for Murhu Block (H.Q.) Rural Water Supply Scheme under D.W. & S. Division, Khunti on turnkey basis for the Year 2025-26. | 333.94 | 3.34 | 10000.00 | 09 Months |
| 2 | Date of Tender uploading on website | 14.02.2026 at 05.00 PM | | | |
| 3 | Last Date/Time of Online Biding | 21.02.2026 at 05.00 PM | | | |
| 4 | Last Date/Time of Online Payment for Cost of BOQ & Earnest Money (As Per direction of Secretary, IT & e Governance, Jharkhand Government vide Memo No.- 120, Dt.- 03.10.2023) | 21.02.2026 at 05.00 PM | | | |
| 5 | Date/Time of Opening of Tender | 23.02.2026 at 11:00 PM | | | |
| 6 | Name & address of Opening Officer | Executive Engineer, Drinking Water and Sanitation Division, Khunti | | | |
| 7 | Name & address of office inviting Tender | Executive Engineer, Drinking Water and Sanitation Division, Khunti | | | |
| 8 | Contact No. of office inviting Tender | 06528-299928 | | | |
| 9 | Contact No. of Procurement Office | 0651-2480345 | | | |

नोटः- केवल ई निविदा ही स्वीकार किये जायेंगे एवं निविदा की राशि घट–बढ़ सकती है।
अधिक जानकारी के लिए देखें www.jharkhandtender.gov.in
Executive Engineer
PR 372954 (Drinking Water and Sanitation)25-26*D D.W.& S. Division, Khunti.

# ଆଜିର କବିମାନଙ୍କୁ ବେଶୀ ଘାରୁଛି ହିଂସା

ଭାରତ-ଭାରତୀ

– ଅରୁଣ କମଲ



ଅରୁଣ କମଲ ସାମ୍ପ୍ରତିକ ହିନ୍ଦୀ କବିତାର ଅନ୍ୟତମ ଉଜ୍ଜ୍ୱଳ ପରିଚୟ। ପାଟନା ବିଶ୍ୱବିଦ୍ୟାଳୟରେ ଇଂଲିଶ୍ ଭାଷା-ସାହିତ୍ୟର ପ୍ରାଧାପକ ଥାଇ ୨୦୧୯ରେ ସେବାନିବୃତ୍ତ। ପ୍ରକାଶିତ ପ୍ରମୁଖ କବିତାଗ୍ରନ୍ଥ: 'ଅପନୀ କେବଲ ଧାର' (୧୯୮୦), 'ସବୁତ୍' (୧୯୮୯), 'ନୟେ ଇଲାକେ ମେଁ' (୧୯୯୬), 'ପୁତଲି ମେଁ ସଂସାର' (୨୦୦୪), 'ପ୍ରତିନିଧି କବିତାଏଁ' (୨୦୧୩)। ଦୈନନ୍ଦିନ ଜୀବନ ସହ ଗଭୀର ଭାବେ ଜଡ଼ିତ ତାଙ୍କ କବିତା। ଶ୍ରମ, ସାମାଜିକ ପରିବର୍ତ୍ତନ, ବିସ୍ମୃତ ସୌନ୍ଦର୍ଯ୍ୟ ଓ ସାଧାରଣ ମଣିଷର ଜୀବନ-ଯୁଦ୍ଧ ତାଙ୍କ କବିତାରେ ରୂପ ଘେନେ। ଗଭୀର ବୈଚାରିକତା ଓ ପରିଚ୍ଛନ୍ନ ଅଭିବ୍ୟକ୍ତି ସମକାଳର ହିନ୍ଦୀ କବିତାରେ ତାଙ୍କୁ ଅଲଗା କରି ଚିହ୍ନାଇଥାଏ। ଭାରତୀୟ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ବହୁ ସମ୍ମାନରେ ସମ୍ମାନିତ, ଯହିଁରେ ସାମିଲ 'ଭାରତ ଭୂଷଣ ଅଗ୍ରୱାଲ ପୁରସ୍କାର' (୧୯୮୦), 'ସୋଭିଏତ୍ ଲ୍ୟାଣ୍ଡ୍ ନେହରୁ ପୁରସ୍କାର' (୧୯୮୯), 'ଶ୍ରୀକାନ୍ତ ବର୍ମା ସ୍ମୃତି ପୁରସ୍କାର' (୧୯୯୦), 'ଶମଶେର ସମ୍ମାନ' (୧୯୯୭), 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୯୮) ଓ 'ନିରାଲା ସମ୍ମାନ' (୨୦୨୩)। କମଲ୍ ଓ କବି ପ୍ରଫେସର ଆଶିଷ ତ୍ରିପାଠୀଙ୍କ ଆଭାସୀ-ଆଳାପ ଭିତ୍ତିରେ ଏହି ଆଲେଖ୍ୟଟି ପ୍ରସ୍ତୁତ କରିଛନ୍ତି ଡ. ହୃଷୀକେଶ ମଲ୍ଲିକ।

**ପ୍ର:** ଯେତେବେଳେ ଜଣାନଥିଲା ଯେ ଆପଣ ଦିନେ କବି ହେବେ, ସେଇ ସୁଦୂର ଶୈଶବର ସ୍ମୃତି କିପରି ଥିଲା ?

**ଉ:** 'ଅନ୍ଧାର' ଓ 'ଡର'- ଏ ଦୁଇଟି ଶୈଶବରେ ମୋତେ ଆବୋରି ବସିଥିଲେ। ପିଲାବେଳେ ଦିନେ ଘର ଦୁଆରବନ୍ଧରେ ବସିଥାଏ। କିଏ ଜଣେ ମୋ' ଆଡ଼କୁ ମାଡ଼ିଆସିଲା ପରି ଲାଗିଲା। ମୁଁ ଡରରେ ଘର ଭିତରକୁ ପଶିଗଲି। ସେହି ଡର ଏଯାଏଁ ମୋତେ ଗୋଡ଼ାଉଛି, ଯଦିଓ ତା'ର ସ୍ୱରୂପ ଭିନ୍ନ ଭିନ୍ନ। କେବେ ବାହାରର ଡର ତ କେବେ ଭିତରର ମୃତ୍ୟୁ ଡର।

**ପ୍ର:** ପାଟନାକୁ ଆସିବା ଆଗର ଜୀବନ ଆପଣ କଟାଇଛନ୍ତି ଗାଁରେ। ତା'ପରେ ସହର ପରେ ସହରରେ ରହଣି। ଏସବୁ ଆପଣଙ୍କ ଜୀବନକୁ କିପରି ଗଢ଼ିଛି ?

**ଉ:** ୧୫/୧୬ ବର୍ଷ ବୟସ ପର୍ଯ୍ୟନ୍ତ ମୁଁ ଗାଁରେ ଥିଲି। କଲେଜ ପଢ଼ିବାକୁ ପାଟନା ଆସିଲି ୧୯୬୯ ଜୁଲାଇରେ। ଟି.ଏସ୍. ଏଲିୟଟ୍ ଦୁଇ ପ୍ରକାର ଜୀବନ ସମ୍ବନ୍ଧର କଥା କହିଛନ୍ତି। ପିଲାଦିନର ଓ ବୃତ୍ତି-ଜୀବନର ସମ୍ବନ୍ଧ। ଔରଙ୍ଗାବାଦରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର କର୍ମଚାରୀ ଭାବେ ମୋ' ଚାକିରି ଜୀବନ ଆରମ୍ଭ। ପ୍ରଥମେ ମୋତିହାର ପରେ ପାଟନାରେ ଅଧ୍ୟାପନା। ଏଇ ତିନୋଟି ସହର ସହ ମୋ' ଜୀବନ ଛନ୍ଦି ହେଇଛି। ବାପା ସ୍କୁଲ୍ ଶିକ୍ଷକ ଥିଲେ। ତାଙ୍କ ବଦଳି ସହିତ ମୁଁ ଏ ଜାଗାରୁ ସେ ଜାଗା ଘୂରିଛି। ଔରଙ୍ଗାବାଦ ଜିଲାରେ ମୋ' ଗାଁ ନନୀହାଲ। ଗାଁରେ ସେତେବେଳେ ରାସ୍ତା ନ ଥାଏ। ନଈ ପାରିହୋଇ ଯିବାକୁ ହୁଏ। ଗୟା, ମୋତିହାର ସହର ଉପରେ ମୋର କବିତା ଅଛି। ମୁଁ ସେରଘାଟିର ଯେଉଁ ସ୍କୁଲ୍‌ରେ ପଢୁଥିଲି, ସେଠି ଅନ୍ଧାର ହେବା ମାତ୍ରେ ସାପ ଓ ଜନ୍ତୁଜୁନ୍ତା ବାହାରନ୍ତି। ଏସବୁ ମିଶାମିଶି ମୋ' ଜୀବନ ଗଢ଼ିଛନ୍ତି।

**ପ୍ର:** ଆପଣଙ୍କ କବିତାରେ ଥାଏ ଅସବଳ ଲୋକଙ୍କ ପ୍ରତି ବେଶୀ ଦରଦ। ଏ ବିଷୟରେ କ'ଣ କହିବେ ?

**ଉ:** ଆମ ଦେଶରେ ବହୁ ଲୋକ ଅଛନ୍ତି, ଯେଉଁମାନେ ଗ୍ରାମହରା। ଜୀବନଯାପନ ଦୁଃସାଧ। ଅନିଶ୍ଚିତତା, ଅସ୍ଥିରତା ଓ ଭୟ ଏମାନଙ୍କ ଜୀବନକୁ ତ୍ରସ୍ତ କରେ। ଏହା ମୋତେ ଦୁର୍ବଳ ଶ୍ରେଣୀର ଲୋକଙ୍କ ପ୍ରତି ଆକୃଷ୍ଟ କରିଛି। ସୋଭିଏତ୍ ସଂଘର ବିଲୟ ପରେ ସେଠାକାର କର୍ମଚାରୀମାନେ ପାଉଥିବା ପେନ୍‌ସନ ବ୍ୟବସ୍ଥାର ବିଲୋପ ହେଲା। ଆମ ଦେଶରେ ବି ଯେଉଁମାନେ ଏବେ ପେନ୍‌ସନ ପାଉଛନ୍ତି, ତାହା ଯଦି ବନ୍ଦ ହୋଇଯାଏ, ତେବେ ଅବସ୍ଥା କ'ଣ ହେବ ! ନାନା ଆଶଙ୍କାରେ ଜୀବନ ବିତାଏ ଏ ମଣିଷ। ସେମାନଙ୍କ ଆଡ଼କୁ ସ୍ୱତଃ ଢଳିଛି ମୋ' କବିତା।

**ପ୍ର:** ଆପଣଙ୍କ ଘରର ଭାଷା ଆପଣଙ୍କ କବିତାକୁ କିପରି ପ୍ରଭାବିତ କରିଛି ?

**ଉ:** ମୋ' ମାଆ ମଘୀ ଭାଷୀ ଓ ବାପା ଭୋଜପୁରୀ। ଘରେ ବାପାଙ୍କ ସହ ମୁଁ ମଘୀ ଭାଷାରେ କଥା ହୁଏ। କବି ବା ଲେଖକର ଭାଷାଗତ ବିଚରଣ ଯେତେ ଅଧିକ ହେବ, ତାହା ସାହିତ୍ୟରେ ସେତେ ବୈଚିତ୍ର୍ୟ ଆଣିବ। ମୁଁ ବାହା ହୋଇଛି ମିଥିଳାରେ। ଏହି ସୂତ୍ରରେ ମୈଥିଳୀ ଭାଷା ସହ ମୋର ସମ୍ବନ୍ଧ। କବୀର କହିଥିଲେ- "ମେରେ କଟୋରେ ମେଁ ବହୁତ ଘର୍‌କୀ ଅନ୍ନ ହୈ।" ବହୁ ଘରର ଅନ୍ନ ପରି ବହୁ ଭାଷାର ସଂସର୍ଗ କବିତାର ମିଠା ବଢ଼ାଏ।

**ପ୍ର:** ସମାଜ, ନାଗରିକତା, ଭାଷା, ସଂସ୍କୃତି, ମଣିଷର ପ୍ରକୃତି ଓ ସଂରଚନା (Infrastructure)ରେ ପରିବର୍ତ୍ତନ ଆସେ। ସମାଜ ଓ ସମୟର କେଉଁ ପରିବର୍ତ୍ତନକୁ ଆପଣ ବଡ଼ ମନେକରନ୍ତି।

**ଉ:** ଏଇ ଦେଖନ୍ତୁ- ଆପଣ ଠାଏଁ, ମୁଁ ଆଉ ଠାଏଁ। ଆମ ଭିତରେ ଗପସପ ଚାଲିଛି। ବୈଷୟିକ କୌଶଳ ଏହା ସମ୍ଭବ କରିଛି। ସମୟ ଓ ସ୍ଥାନର ସ୍ଥିତି ଆଜି ସାରା ବିଶ୍ୱରେ ବଦଳିଛି। ମାଟ୍ରିକ୍ ପଢ଼ିବା ପର୍ଯ୍ୟନ୍ତ ମୋ' ଗାଁରେ ବିଜୁଳି ନଥିଲା। ପୋଷ୍ଟକାର୍ଡ଼ରେ ଚିଠି ଲେଖାଯାଉଥିଲା। ରାସ୍ତାଘାଟରେ କାଁ ଭାଁ ସ୍ତ୍ରୀଲୋକ ଚଳପ୍ରଚଳ ହେଉଥିଲେ। ଏବେ ସବୁ ବଦଳିଛି। ଜାତି ଆଧାରିତ ସମାଜ ଆଉ ପ୍ରାୟ ନାହିଁ। ଏସବୁ ହେଲା ଭୌତିକ ପରିବର୍ତ୍ତନ। ଚାରିତ୍ରିକ ପରିବର୍ତ୍ତନରେ ଆମେ ଆଜି ଦେଖୁଛେ ହିଂସାର ଅଭିବୃଦ୍ଧି। ଆମ ପିଲାଦିନେ ହିଂସା ଥିଲା କାଁ ଭାଁ। ବୈଷମ୍ୟ ସବୁଠି କାୟା ବିସ୍ତାର କରିଛି। ଖାଦ୍ୟ ଓ ବାସଗୃହ ଯଦିଓ ପ୍ରାୟ ଲୋକଙ୍କୁ ଉପଲବ୍ଧ, କିନ୍ତୁ ବଢ଼ି ବଢ଼ି ଚାଲିଛି ହିଂସା।

**ପ୍ର:** ଆପଣଙ୍କ କବିତାରେ 'ହିଂସା'ର ବର୍ଣ୍ଣନା ପ୍ରଚୁର। ମନକୁ ବିଚଳିତ କରୁଥିବା ଏ ହିଂସାର ହେତୁ କ'ଣ ବୋଲି ଆପଣ ମନେକରନ୍ତି ?

**ଉ:** ଏହାର ସ୍ଥୂଳ କାରଣଟି ହେଲା- ପୁଞ୍ଜିବାଦର ବିସ୍ତାର। ହିଂସା ବିନା ପୁଞ୍ଜିବାଦ ତିଷ୍ଠିପାରେନା। ଲୁଟ୍‌ତରାଜ, ଶୋଷଣ କଷଣ- ଏହା ଇ ତ ହିଂସା। ମନୋରମ ସନ୍ଧ୍ୟା, ସୁକୁମାର ଜହ୍ନରାତିର ଗାଁଟିଏ ଆଜି ଅଚିନ୍ତନୀୟ। ପୁଞ୍ଜିବାଦର ପ୍ରାବଲ୍ୟ ଥିବା ଯାକେ ନା ଶାନ୍ତି ନା ସୁଖ ! 'ମହାଭାରତ' ଓ 'ଇଲିୟାଡ୍' ଏହି ହିଂସାର କଥା କହେ।


**ପ୍ର:** ଆପଣଙ୍କର ଶେଷ ମନ୍ତବ୍ୟ ତେବେ କ'ଣ ହେବ ?

**ଉ:** ଲେଖକ କୁଆଡ଼େ ଗଲା ବଡ଼ କଥା ନୁହେଁ, ବଡ଼ କଥା ସମାଜ କୁଆଡ଼େ ଯାଉଛି, ମନୁଷ୍ୟତାର ଗତି କୁଆଡ଼କୁ। "ଯୋ ଆଦ୍‌ମୀକୋ ପ୍ୟାର୍ ନହୀଁ କର୍‌ତା ହୈ, ଉନ୍‌କା କୋଇ ଗଙ୍ଗା ନହୀଁ/ କୋଇ ମାତୃଭୂମି ନହୀଁ।"

ସୌଜନ୍ୟ: ପ୍ରଗତିଶୀଳ ଲେଖକ ସଂଘ

## ପୁସ୍ତକ ପରିଚୟ

### ସୃଜନ ଗଳ୍ପସମ୍ଭାର



**ସମ୍ପାଦନା:** ଦେଶବନ୍ଧୁ ସ୍ୱାଇଁ, ଦେବଶ୍ରୀ ଧଳ
**ପ୍ରକାଶକ:** ସୃଜନସ୍ୱପ୍ନ, ବଡ଼ଗଡ଼, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୬୩୦/-

ଆଲୋଚ୍ୟ ଗଳ୍ପ-ସଂକଳନରେ ମୋଟ ୫୧ଟି ଗଳ୍ପ ସ୍ଥାନିତ। ଏଥିରେ ଯେଉଁମାନଙ୍କ ଗଳ୍ପ ରହିଛି, ସେମାନଙ୍କ ମଧ୍ୟରୁ କେତେକ ପ୍ରତିଷ୍ଠିତ ଓ ଆଉ କେତେକ ପାଠକ ମହଲରେ ଉଣାଅଧିକେ ପରିଚିତ। ପ୍ରତିଷ୍ଠିତଙ୍କ ମଧ୍ୟରେ ଅଛନ୍ତି ଆଦିକନ୍ଦ ସାହୁ, ରମେଶ ପଟ୍ଟନାୟକ, ନିବାରଣ ଜେନା, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଆଭାସ କୁମାର ବରାଳ, କମଳା ଶତପଥୀ, ନୃପରାଜ ସାହୁ, ଅରବିନ୍ଦ ରାୟ, ମୌସୁମୀ ପରିଡ଼ା ଓ ବିବିଧ ବିଶ୍ୱ। ୧୯୯୯ ମହାବାତ୍ୟାର ଠିକ୍ ପରବର୍ଷ ଅର୍ଥାତ୍ ୨୦୦୦ ମସିହାରେ ଜନ୍ମ ନେଇଥିବା ତ୍ରୈମାସିକ ସାହିତ୍ୟ ପତ୍ରିକା 'ସୃଜନସ୍ୱପ୍ନ'ର ରଜତ ଜୟନ୍ତୀ ଅବକାଶରେ 'ସୃଜନ ଗଳ୍ପସମ୍ଭାର'ର ପରିକଳ୍ପନା। ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକୁ କେଉଁ ଆଧାରରେ ବଛାଯାଇଛି, ସେ ସମ୍ପର୍କରେ ସମ୍ପାଦକ ଦ୍ୱୟ ନିରବ। କିନ୍ତୁ ଗଳ୍ପଗୁଡ଼ିକୁ ପଢ଼ିଲେ ମନେହୁଏ, ଅଧିକାଂଶ ଗଳ୍ପ ସମକାଳର ସମାଜ ଓ ଜୀବନ ଆଧାରିତ। ବିଷୟବସ୍ତୁର ବିବିଧତା ଓ ପରିବେଶଗତ ସ୍ୱାତନ୍ତ୍ର୍ୟକୁ ବିଚାରକୁ ନେଲେ ସମ୍ପାଦିତ ଏହି ଗଳ୍ପଗ୍ରନ୍ଥଟି ସମକାଳର କଥାସାହିତ୍ୟରେ ଏକ ଅଭିନବ ପରିକଳ୍ପନା। ଆଦିକନ୍ଦଙ୍କ 'କେହି ଜଣେ ଆସିନି ତଥାପି', ଦୁର୍ଯ୍ୟୋଧନ କାଠୁଆଙ୍କ 'ବଢ଼ିପାଣି', ଦେଶବନ୍ଧୁଙ୍କ 'ଫୁଲ ଫୁଟିବାର ବେଳ', ରମେଶଙ୍କ 'ସ୍ମୃତିରେଖା ପେଡ଼ି', ନିବାରଣଙ୍କ 'ଯୂପକାଠ', ଗାୟତ୍ରୀ ପାଣିଗ୍ରାହୀଙ୍କ 'ଆସ୍ତେ ଆସ୍ତେ ସକାଳ', ରାଜ୍ୟବର୍ଦ୍ଧନଙ୍କ 'ମନେଇ ଆଈ', ଆଭାସଙ୍କ 'ମନ', ନିରଞ୍ଜନ ସାହୁଙ୍କ 'ମାୟାମୃଗ', ଭାନୁମତୀଙ୍କ 'ନିଜ ସତ୍ତା ଭିତରେ', ଅରବିନ୍ଦ ଦାସଙ୍କ 'ଅସାଧାରଣ ସ୍ୱାମୀ', କମଳାଙ୍କ 'ଉଦାସ ଅପରାହ୍ଣ', ଅରବିନ୍ଦଙ୍କ 'ଛାଇ ଆଲୁଅ', ନୃପରାଜଙ୍କ 'ପାଟଶାଢ଼ି' ମୌସୁମୀଙ୍କ 'ଈପ୍‌ସିତ ଦୁଃଖର ଅନୁସନ୍ଧାନରେ' ଓ ବିବିଧ ବିଶ୍ୱଙ୍କ 'ସଞ୍ଜ ନଇଁଗଲେ' ଗଳ୍ପର ଗଳ୍ପକାରିତା ଉଲ୍ଲେଖନୀୟ। କୁମ୍ଭକାରର ହାଣ୍ଡିଗଢ଼ା ଓ ପରଲଗା କଲମ ବହିଟିର ପ୍ରଚ୍ଛଦକୁ ପ୍ରତୀକାତ୍ମକ କରିଛି।

### ଛାୟା ଚନ୍ଦ୍ରିକା



**ଲେଖିକା:** ପ୍ରଣତି ପଟ୍ଟନାୟକ
**ପ୍ରକାଶକ:** କାବ୍ୟଲୋକ, ଲୁଇସ୍‌ରୋଡ଼, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ଉପନ୍ୟାସର ପ୍ରଚ୍ଛଦଲେଖରେ କୁହାଯାଇଛି: 'ଛାୟା ଚନ୍ଦ୍ରିକା' ସଂସ୍କାର, ସାଂସାରିକ ମଣିଷ ଓ ମାନବୀୟ ସମ୍ପର୍କର ଅନୁବନ୍ଧନ। ଏଥିରେ ପ୍ରତୀକାତ୍ମକ ଜଟିଳତା ନାହିଁ, ବୋଧଗମ୍ୟ ସରଳ ଭାଷା ଗୁରୁତ୍ୱ ଲାଭ କରିଛି। ବୌଦ୍ଧିକତା ଅପେକ୍ଷା ହୃଦୟାବେଗ ପ୍ରାଧାନ୍ୟ ପାଇଛି। ଉପନ୍ୟାସଟିର ଭାଷିକ କୋମଳତା ପାଠକର ଅନ୍ତଃଚେତନାକୁ ସ୍ପର୍ଶ କରିବ ବୋଲି ଆଶା ରଖିବା। 'ଅଗ୍ରଲେଖ'ରେ ପ୍ରଫେସର ଟହଲୁ ସାହୁ କହନ୍ତି: "ପାଣ୍ଡୁଲିପିଟି ପଢ଼ି ମୋର ହୃଦ୍‌ବୋଧ ହେଲା ଅନ୍ୟାୟର ଫଳ ନିଶ୍ଚିତ ଭାବେ ଫଳେ।" ଉପନ୍ୟାସର ଘଟଣା ପ୍ରବାହରେ ଦେଖାଯାଏ, 'ସୁଚେତା' ଜୀବନ-ଯନ୍ତ୍ରଣାରେ ଜର୍ଜରିତ ହେଲେ ମଧ୍ୟ ଯୁବ କଲ୍ୟାଣ ଓ ସାମାଜିକ ସ୍ତରରେ ଶିକ୍ଷାର ସୁସ୍ଥ ଓ ନିର୍ମଳ ପରିବେଶଟିଏ ସୃଷ୍ଟି କରନ୍ତି। ସେ ବୁଝନ୍ତି ଯେ ଶିକ୍ଷା ସମାଜର ଆଲୋକବର୍ତ୍ତିକା। ସ୍ୱରୂପ ଓ ସୁଚେତା ଏହି ପ୍ରୟାସରେ ସଫଳତା ହାସଲ କରନ୍ତି। ଜୀବନର ଛାଇ-ଆଲୁଅ ଖେଳ ଭିତରେ ଅସୀମ ଧୈର୍ଯ୍ୟ, ପ୍ରଗାଢ଼ ଆତ୍ମବିଶ୍ୱାସ, ମୁଖର ମଧୁ ଓ ବୁକୁର ମମତା ଦେଇ ଆଗକୁ ବଢ଼ିଲେ ଜୀବନରେ ସଫଳତା ହାସଲ କରିହୁଏ, ଏହି ଚିତ୍ର ଉପନ୍ୟାସରେ ପ୍ରତିଫଳିତ ହୋଇଛି। ଯେଉଁମାନେ ପ୍ରତିହିଂସା ପରାୟଣ, ସର୍ବସ୍ୱ ଲୁଣ୍ଠନ କରି ଅନ୍ୟ ପରିବାରର ସୁଖଶାନ୍ତିରେ ବ୍ୟାଘାତ ସୃଷ୍ଟି କରନ୍ତି, ସେମାନେ ଭବିଷ୍ୟତରେ କିଭଳି ଅନୁତାପ ନିଆଁରେ ଜଳି ପଙ୍ଗୁ ଜୀବନଯାପନ କରନ୍ତି, ତାହାର କରୁଣ ରୂପ ଉପନ୍ୟାସଟିରେ ସଯତ୍ନ ଅଙ୍କିତ। ଆଶା, ଏହା ସବୁ ବର୍ଗର ପାଠିକାପାଠକଙ୍କ ଶ୍ରଦ୍ଧା ହାସଲ କରିବ।

## କବିତା

### ଭିଜା କୁହୁଡ଼ି

ସଚ୍ଚିଦାନନ୍ଦ ପାଢ଼ୀ

କୁହୁଡ଼ି ଆସେ କେବେ
ଆକାଶର ଚାଦର ହୋଇ
କେବେ ପୁଣି ପ୍ରିୟାର ଓଢ଼ଣି ହୋଇ
ଅବା କେବେ ହୋଇ ମା'ର ପଣତ

କୁହୁଡ଼ି ଯେବେ ଆସେ ଆକାଶର ଚାଦର ହୋଇ
ସୂର୍ଯ୍ୟକୁ ଢାଙ୍କିଦିଏ
ଯେମିତି ଶିଶୁକୁ ଶୋଇ ଦେଲାବେଳେ
ମା' ବତି ଲିଭାଇଦିଏ
ସେଇ ଆକାଶ
ଯାହାର ସୀମା ଅଟେ ଅସୀମ
ଏଇ ଚାଦର ତଳେ ହୋଇଯାଏ ସୀମାବଦ୍ଧ
ମୋ' ଦୃଷ୍ଟିରେ

କୁହୁଡ଼ି ଯେବେ ଆସେ
ପ୍ରିୟାର ଓଢ଼ଣି ହୋଇ
ମୋ' ସହର ହଠାତ୍ ନୀରବିଯାଏ
ମୋ' ମନରେ ଥିବା ମାନ, ଅଭିମାନ
ଧୀରେ ଧୀରେ ମିଳେଇଯାଏ
ତା' ଓଢ଼ଣି ପରି କୁହୁଡ଼ି ବି କିଛି କୁହେନି
କିନ୍ତୁ ତା' ନୀରବତା କୁହେ
ତା' ଭଲପାଇବା ମୋ' ପାଖେ ସବୁବେଳେ ଥାଏ
ଶୀତ ସକାଳର ଭିଜା କୁହୁଡ଼ିରେ

ଯେବେ ଆସେ ମୋ' ମାଆ
ମେଲେଇଦିଏ ତା' ଛିଣ୍ଡା ପଣତ
ଫେରି ଚାହେଁ ମୋ' ପିଲାଦିନକୁ
ଯାହା ତଳେ କୁଙ୍କୁରିକାଙ୍କିରି ହୋଇ
ବସିଥାଏ ମୁଁ ଅଗଣା ପିଣ୍ଡାରେ
ଶୀତରେ କମ୍ପିଯାଉଥାଏ ମୋ' ଦେହ
ମୋର ଛୋଟ ଛୋଟ ସ୍ୱପ୍ନମାନଙ୍କ ସହ
ହାଡ଼ଭଙ୍ଗା ଶୀତ ବି ଥମିଯାଏ
ମୋ' ମାଆ ଶ୍ୱାସର ଉଷ୍ମତାରେ

ଆଜି...
ଶୀତ ସକାଳର ଭିଜା କୁହୁଡ଼ିର
ଶିଶିର ବିନ୍ଦୁରେ ଦେଖେ
ଆକାଶର ଚାଦର, ପ୍ରିୟାର ଓଢ଼ଣି
ଓ ମୋ' ମାଆର ଛିଣ୍ଡା ପଣତ
ଆସିଛନ୍ତି ମୋ' କାଗଜକଲମରେ
କବିତା ହୋଇ, ନିରବ କବିତା।

ମୋ: ୭୯୭୮୦୭୮୫୭୫

### ମୃତ୍ୟୁ ପରେ

ଦୀପ୍ତି ମିଶ୍ର

ଶୋଷରେ ତା'ର ମୃତ୍ୟୁ ହେଲା...
ତା' ସହ ଶେଷ ହେଲା
ବସନ୍ତ ଆଉ ନିଦାଘର କାହାଣୀ,
ବେଳାଭୂମି ଓ ସାଗରର ମିଳନ ପର୍ବ,
ଗଭୀର ରାତ୍ରିରେ ଆଖି ଓ ସ୍ୱପ୍ନର ସମ୍ପର୍କ।

ବିଶ୍ୱାସ ଓ ଭରସା ଭାସିଗଲେ
ବିକ୍ଷୁବ୍ଧ ସାଗରର ଅଦିନ ଝଡ଼ରେ...
ହଜିଗଲା ଆମ୍ରକୁଞ୍ଜରେ କୋଇଲିର
ମଧୁର କୁହୁକୁହୁ ତାନ,
ସ୍ତବ୍ଧ ହୋଇଗଲା ବନଭୂମି...
ନୃତ୍ୟରତା ପାହାଡ଼ୀ ଝରଣାର ଅପୂର୍ବ
ନିରବତା ଦେଖି,
ଏହାର କାରଣ ଅନୁସନ୍ଧାନ କରି ଦେଖାଗଲା
ଏକମାତ୍ର ଜଣଙ୍କର ମୃତ୍ୟୁ ଘଟିଛି।

ହେଲେ ଏଇଟା କୋଉ ଗୋଟେ
ଚିନ୍ତାର କଥା ଯେ... ?
ଆରମ୍ଭ ପୂର୍ବରୁ ଶେଷ
ଜନ୍ମ ପୂର୍ବରୁ ମୃତ୍ୟୁ, ହସ ପୂର୍ବରୁ ଲୁହ,
ଯୋଡ଼ାଥାଏ ଏଇଠି...
ମରୁରେ ମରୁଦ୍ୟାନର ଆଶା,
ରୌଦ୍ରରେ ବୈଶାଖୀ ଝଡ଼ର ଆଗମନ,
ଧ୍ୱଂସ ପଛକୁ ରହିଥାଏ ନୂଆ ସୃଷ୍ଟିଟିଏ...
ଏଥିରେ ବିସ୍ମୟ ବା କ'ଣ ?
କିଛି ବି ତ ଅସମ୍ଭବ ନୁହେଁ ଏଠି।

ମୃତ୍ୟୁ ଆବଶ୍ୟକ... ନୂଆ ଜନ୍ମ ପାଇଁ
ଯନ୍ତ୍ରଣାର ଅନୁଭବ ଦିଏ
ଦିବ୍ୟ ଆନନ୍ଦର ଆଶା,
ଆଶଙ୍କାର ମୃତ୍ୟୁ ହୁଏ...
ନୂତନ ଉଷାର ପୃଷ୍ଠାରେ ଇତିହାସ ରଚିବାକୁ।

ମୋ: ୯୪୩୮୪୦୪୩୦୮

ଗୀତି-କବିତା

### ଚାଲିଛି ତ ଚାଲିଥିବି

ବିଜୟଲକ୍ଷ୍ମୀ ପଟ୍ଟନାୟକ

ପଛକୁ ଚାହିଁଲେ କ୍ଷତ ଯେତେ ଦିଶେ
ଉଖାରିଲେ ଝରେ ରକ୍ତ,
ବିନ୍ଦୁ ବିନ୍ଦୁ ରକ୍ତକଣାରେ ଦିଶଇ
ବିକଟାଳ ନଖ ଦନ୍ତ।

କିଳିକିଳା ହସ, ପୁଳାପୁଳା ମାଂସ
ଭିଣି ଖାଇବାର ଛବି,
ଆଗକୁ ଚାହିଁଲେ ଦିବସ ଅନ୍ଧାର
ଆଉ ହୁଏ ନାହିଁ ଭାବି।

ଚାଲିବାକୁ ହେବ ବାଟ ଅସରନ୍ତି
ସମୟ ନଈର ଧାରେ,
ଭେଟିବାକୁ ନୀଳ ସାଗର ଲହରୀ
ଶତ କଷାଘାତ ପରେ।

ସୂରୁଯ ଢଳିବ, ସଞ୍ଜ ନଇଁଯିବ
ନୀଡ଼କୁ ଫେରିବ ପକ୍ଷୀ,
ବାଲୁକା ଶେଯରୁ ପାଦଚିହ୍ନ ଯେତେ
ଅନ୍ଧାର ନେବ ପୋଛି।

– ବାଲିଡିହି, ବାଣପୁର
ମୋ: ୬୩୭୦୧୬୬୨୦୪

## କାଳକାଳକୁ



"ପ୍ରେମ ଖୋଜେ ଧୈର୍ଯ୍ୟ,
କାମନା ଚିର-ଅଧୀର।"
– ମିର୍ଜା ଗାଲିବ୍

**ମିର୍ଜା ଗାଲିବ୍**ଙ୍କ ଜନ୍ମ ୨୭ ଡିସେମ୍ବର ୧୭୯୭ରେ ଆଗ୍ରାରେ ଓ ପରଲୋକ ୧୫ ଫେବୃଆରୀ ୧୮୬୯ରେ, ଦିଲ୍ଲୀରେ। ପୂରା ନାଁ ମିର୍ଜା ଅସଦୁଲ୍ଲହା ବେଗ୍ ଖାନ୍। ହେଲେ ମିର୍ଜା ଗାଲିବ୍ ନାମରେ ସେ ଜଣାଶୁଣା। ସେ ଥିଲେ ପ୍ରେମ, ପରାଭବ ଓ ଦର୍ଶନର କବି। ସମାଜ-ରାଜନୈତିକ ପ୍ରସଙ୍ଗ ତାଙ୍କ ଲେଖନୀରେ ଘେନେ ଗଭୀର ବାକ୍-ରୂପ। ତାଙ୍କ ଲେଖାରେ କେବଳ ସମକାଳ ନୁହେଁ, ପରକାଳ ବି କଥାକହେ। ତେଜସ୍ୱିୟ ଚିତ୍ରକଳ୍ପ ଓ ବହୁସ୍ତରୀୟ ଅର୍ଥ ଦ୍ୟୋତନା ତାଙ୍କ କବିତାକୁ କରିଥାଏ ଲୋଭନୀୟ। ଉର୍ଦ୍ଦୁ ଓ ପାର୍ଶୀ ସାହିତ୍ୟକୁ ତାଙ୍କର ଦାନ ଅସୀମ। ପ୍ରଖର ପ୍ରତିଭାଧର ମିର୍ଜାଙ୍କ ପ୍ରମୁଖ କୃତି ହେଉଛି 'ଦିୱାନ୍-ଇ-ଗାଲିବ୍'।

## ଧନ୍ୟବାଦ ସାଙ୍ଗ

ଲଘୁ ଗଳ୍ପ

ଘନଶ୍ୟାମ ପଲେଇ

ଏକ ଅଜଣା ନମ୍ବରରୁ ଲମ୍ବା ରିଂ ହେଲା ମୋବାଇଲରେ... ପୁଣି ରାତି ସାଢ଼େ ଏଗାରଟାରେ। ଚମକି ପଡ଼ିଲେ ଚନ୍ଦ୍ରକାନ୍ତ। ଘରଟାରେ ଏକୁଟିଆ ଅଛନ୍ତି ସିଏ। ସ୍ତ୍ରୀ ସୁରଭି ପିଲାମାନଙ୍କୁ ନେଇ ବାପଘରକୁ ଯାଇଛନ୍ତି ଏଇ ଦଶହରା ଛୁଟିରେ। ମାଆ ବି ଏକୁଟିଆ ରହୁଥିଲେ ଗାଁରେ... ତେଣୁ ରାତିରେ ମୋବାଇଲ ସାଇଲେଣ୍ଟ ନ କରି ଶୁଅନ୍ତି। କାଳେ କାହାର କ'ଣ ଅସୁବିଧା ହେଲା କି... ମନ ଭିତରେ ଶଙ୍କା ଆସିବା ସ୍ୱାଭାବିକ। ଡରି ଡରି ଫୋନ୍ ଉଠେଇଲେ। କହିଲେ- ହେଲୋ... ସେପଟୁ ଜଣେ ନାରୀର କଣ୍ଠସ୍ୱର... ଖିଲି ଖିଲି ହସ ସହ କହିଲା- ଓ ! ହ୍ୟାଲୋ ମିଃ... ଚନ୍ଦ୍ରକାନ୍ତ ! ମୋତେ ଚିହ୍ନି ପାରୁଛ...

ବଡ଼ ଚିନ୍ତାରେ ପଡ଼ିଗଲେ ଚନ୍ଦ୍ରକାନ୍ତ। କିଏ...! କାହାର ଏ କଣ୍ଠସ୍ୱର...! ଚିହ୍ନା ଚିହ୍ନା ଲାଗିଲେ ବି କାଇଁ ମନେପକେଇ ପାରିଲେନି। ପୁଣି ଚିନ୍ତାକଲେ ଆଜିକାଲି ଫ୍ରଡ୍ କଲ୍ ବି ବହୁତ ଆସୁଛି... ମିଠାମିଠା କଥା କହି ସର୍ବସ୍ୱ ଲୁଟିନେଉଛନ୍ତି ଏପରି ଠକ ଗ୍ୟାଙ୍ଗ୍। ତେଣୁ ଫୋନ୍‌ଟି କାଟିବାକୁ ଯାଉଥିଲେ... ସେପଟୁ ପୁଣି ଶୁଣାଗଲା- ଆରେ ଡରିଗଲ ନା କ'ଣ... ମୁଁ ପା... ତୁମ ସୁନୟନା କହୁଛି... ଜାଣିପାରିଲ !

ସୁନୟନା ନାଁଟା ଶୁଣି ପରସ୍ତେ ଚମକି ଉଠିଲେ ନିଜ ଭିତରେ। ଦୀର୍ଘ ପନ୍ଦର ବର୍ଷ ତଳର ସୁନୟନା, ଯାହାକୁ ସେ ଏତେ ଭଲ ପାଉଥିଲେ ; ସିଏ ଫୋନ୍ କରିଛି। ଭାବି ପାରୁ ନ ଥିଲେ। ଖୁସିରେ ଭାବବିହ୍ୱଳ ହେଲା ଭଳି ଅନୁଭବ କଲେ। କହିଲେ- ସୁନୟନା... ତୁମେ ଏବେ କେଉଁଠି... ଏତେ ରାତିରେ କଲ୍ କରୁଛ ଯେ... !

ସେ ପୁଣି ଖିଲିଖିଲି ହସିଉଠିଲା। ଠିକ୍ ପନ୍ଦର ବର୍ଷ ତଳେ ଯେମିତି ମନମୋହିନୀ ହସ ହସୁଥିଲା। କହିଲା- ମୁଁ ଏବେ ଆମେରିକାରେ... ହଷ୍ଟନ ସହରରୁ କହୁଛି... ଆଉ ରାତି... ! ଆମର ତ ଏବେ ଦିନ ଗୋଟାଏ...।

ଘରେ ପିଲାମାନେ ନ ଥିବାରୁ ଟିକିଏ ଚନ୍ଦ୍ରକାନ୍ତବାବୁ ଆରାମରେ କଥା ହେବାକୁ ଚାହିଁଲେ। ଦିହେଁ ଦିହିଁଙ୍କ ଭଲମନ୍ଦ କଥା ପଚାରି ବୁଝିଲେ। ନିଜ ନିଜ ପିଲାମାନେ କେଡ଼େବଡ଼ ହେଲେଣି... କେଉଁ କ୍ଲାସ୍‌ରେ ପଢୁଛନ୍ତି ଜାଣିଲେ। ସୁନୟନା ବି ଜାଣିଲେ ଯେ ଚନ୍ଦ୍ରକାନ୍ତବାବୁଙ୍କ ସ୍ତ୍ରୀ ସୁରଭି ନାହିଁ, ତେଣୁ ସେ ବି ଗପ ବଢ଼େଇ ଚାଲିଲେ। ଦିହେଁ ଗପିବାରେ ଏମିତି ମଜ୍ଜିଗଲେ ଯେ, ଯେମିତି ସେମାନେ ଦୁହେଁ କଲେଜପଢୁଆ ପିଲା... କେଉଁ ଏକ ପାର୍କରେ ବସି ଗପୁଛନ୍ତି। ଗପୁଗପୁ ରାତି ତିନିଟା ବାଜିଗଲା। ଚନ୍ଦ୍ରକାନ୍ତ ଜଣେ ସରକାରୀ ଅଧିକାରୀ, କାଲି ଡ୍ୟୁଟି ଯାଇ ପାରିବେ ତ... ତେଣୁ କହିଲେ ରାତି ଢେର୍ ହେଲାଣି... ରଖୁଛି।

ଏଣିକି ପ୍ରତିଦିନ ରାତି ବଢ଼ିଲେ ଆସିଲା ଫୋନ୍ ସୁନୟନାର। ଦୁହେଁ ଦୁହିଁଙ୍କ ପ୍ରତି ଚୁମ୍ବକ ଟାଣିଲା ଭଳି ହେଉଥିଲେ ଆକର୍ଷିତ... ଦୁର୍ବଳତା ବଢୁଥିଲା ନିଜ ନିଜ ଭିତରେ।

ଆଜି ଥିଲା ମା' ଲକ୍ଷ୍ମୀଙ୍କ ପୂଜା। ପୂଜା ପେଣ୍ଡାଲ ପାଖରେ ଛିଡ଼ାହୋଇ ସନ୍ଧ୍ୟା ଆଳତି ଦେଖୁଥିଲେ ଚନ୍ଦ୍ରକାନ୍ତ। ତାଙ୍କ ସ୍ତ୍ରୀଙ୍କ ଫୋନ୍ ଆସିଲା। କହିଲେ ଆମକୁ ଆଉ ନେବାକୁ ଆସିବ ନାହିଁ କି... ଆମେ ବି ଗଲେ ସେଇଠି ମିଶିକି ସନ୍ଧ୍ୟା ଆଳତି ଦେଖନ୍ତେ !

ମା'ଙ୍କ ମୃଣ୍ମୟ ମୂର୍ତ୍ତି ଆଖିକୁ ନଜର ଗଲା ଚନ୍ଦ୍ରକାନ୍ତବାବୁଙ୍କର। ପ୍ରଶ୍ନଭରା ଆଖି ଅଟକିଗଲା ମା'ଙ୍କ ପାଖରେ। ସମାଧାନ ଖୋଜୁଥିଲେ... କରିବେ କ'ଣ, ମୁକୁଳିବେ କିପରି ଏ ଜଟିଳ ସ୍ଥିତିରୁ। ପ୍ରେମ ଆଗ ନା ପରିବାର ଆଗ। କ'ଣ କରିବା ଠିକ୍ ! ନା ଲୁଚାଛପା ପୀରତି ଚାଲିଥିବ... ଧାଇଁଥିବେ ମରୀଚିକା ପଛେ।



ସେଦିନ ରାତି ଏଗାରକୁ ପୁଣି ଆସିଗଲା ଫୋନ୍। ଏଣିକି ଖିଲିଖିଲି ହସ ନୁହଁ... ସୁ ସୁ ଗର୍ଜନ ବାହାରୁଥିଲା ଠିକ୍ ସାପ ପରି ସୁନୟନାର କଣ୍ଠସ୍ୱରରୁ। କହିଲା- ତମେ ଜଣେ ଭୀରୁ କାପୁରୁଷ। ତମେ ଲୁଚେଇପାରନା ପ୍ରେମକୁ। ତମକୁ ଆଜିଠୁ ସତରେ ଘୃଣା କରୁଛି... ଦୂରେଇ ଦେଉଛି ମନରୁ, କହି କାଟିଦେଲା ଫୋନ୍ ସବୁଦିନ ପାଇଁ।

ଚନ୍ଦ୍ରକାନ୍ତଙ୍କ ଆଖିରୁ ଦୁଇଟୋପା ଲୁହ ଖସିପଡ଼ିଲା। ଆଉ ଦରଦଭରା ହସଟିଏ ହସିଲେ ଜୋର୍‌ରେ। କହିଲେ- ସତରେ ସଚ୍ଚା ପ୍ରେମକୁ ଭୁଲିବା କଷ୍ଟ। ହୃଦୟ ଭାଙ୍ଗି ଟୁକୁଡ଼ା ଟୁକୁଡ଼ା ହେଇଯାଉ ପଛେ ବଞ୍ଚିଯାଉ ଦୁଇ ପରିବାର। ଏଇସବୁ ସମ୍ଭବ ହେଲା କେବଳ ତା'ର ପ୍ରିୟ ସାଙ୍ଗ ପାଇଁ। ମନେମନେ କହି ଉଠିଲେ- ଧନ୍ୟବାଦ ସାଙ୍ଗ।

ଏଇଠି ପୁଣି ସାଙ୍ଗ କିଏ ? କାହାକୁ ଧନ୍ୟବାଦ ଦେଉଛି...! ଚନ୍ଦ୍ରକାନ୍ତ। ତା' ପ୍ରେମିକାକୁ ସାଙ୍ଗ କହିଲା ନା ଆଉ କେଉଁ ବନ୍ଧୁକୁ!

ଏଇଠି କହି ରଖେ... ଜଣେ ସାଙ୍ଗର ପରାମର୍ଶରେ ଭାଙ୍ଗିଥିଲା ସେଦିନ ସୁନୟନା ଆଉ ଚନ୍ଦ୍ରକାନ୍ତର ବାହାଘର। ଠିକ୍ ପନ୍ଦର ବର୍ଷ ତଳର ସେ ଭୁଲ୍‌କୁ ଦୋହରାଇବାକୁ ଚାହୁଁ ନ ଥିଲେ ଚନ୍ଦ୍ରକାନ୍ତ। ଯେତେବେଳେ ପୁଣି ଯୋଡ଼ିବାର ପରିସ୍ଥିତି ଆସିଲା, ସେଇ ସାଙ୍ଗ କଥା ମନେପଡ଼ିଲା। ସେତେବେଳେ ସିନା ତା'ର ପରାମର୍ଶରେ ହେଉ ବା ନିଜ ଭିତରେ ଭଲ ପାଇବାର କମି ହେଉ... ସିଧା ମନା କରିଦେଇଥିଲେ ବାହା ହବାକୁ। ସେଦିନ ସୁନୟନା କାନ୍ଦିଥିଲା ଢେର୍। ଜୀବନରୁ ସବୁଦିନ ଦୂରେଇ ଗଲାବେଳେ କହିଥିଲା- ତମର ଯେପରି କିଛି ଅସୁବିଧା ନ ହୁଏ... ମୁଁ ଧ୍ୟାନ ଦେବି... ଦୂରରୁ ଥାଇ ବି ଭଲପାଇହୁଏ। ତେଣୁ ଆଉ ସିଧା ମନା କରିବାକୁ ସାହସ କିମ୍ବା ଇଚ୍ଛା ହେଲା ନାହିଁ। ସେଇ ସାଙ୍ଗର କଥା ମନେପଡ଼ିଲା। ଯାହାର କି ଘରଟା ଥିଲା ସୁନୟନା ଘର ପାଖାପାଖି। ସାଙ୍ଗ ହିସାବରେ ଖୋଲି କି ସୁନୟନା ରାତିରେ ଫୋନ୍ କରୁଥିବା କଥା କହିଲା।

ଏସବୁ ଗୋପନ କଥା ତାକୁ କହିବାର ଉଦ୍ଦେଶ୍ୟ ଥିଲା- ଏହା ତା' ଦେହରେ ହଜମ ହେବ ନାହିଁ। ସୁନୟନାର ମା'ବାପା କାନରେ ଯାଇ ପହଞ୍ଚାଇବ କେଉଁ ନା କେଉଁ ମାଧ୍ୟମରେ। ଆଉ ସତ ବି ହେଲା। ଦିନକ ଭିତରେ ଫଳ ଫଳିଲା। ପ୍ରେମିକାଠାରୁ ଗାଳି ଶୁଣି କଷ୍ଟ ହେଲା ଚନ୍ଦ୍ରକାନ୍ତକୁ। ସେ ଗାଳିଦେଉ ପଛେ... ଫାଟିଯାଉ ପଛେ ଚନ୍ଦ୍ରକାନ୍ତର ଛାତିଟା... ଭଲ ହିଁ ହେଲା ଉଭୟଙ୍କ ପାଇଁ।

ସତରେ ପ୍ରକୃତ ପ୍ରେମ ଅନ୍ୟର ମଙ୍ଗଳରେ ହିଁ ଲୁଚିଥାଏ... ଠିକ୍ ଚନ୍ଦ୍ରକାନ୍ତଙ୍କ ପ୍ରେମ ଭଳି।

ଟେନ୍‌ସା, ସୁନ୍ଦରଗଡ଼
ମୋ: ୯୪୩୭୭୧୮୫୦୦

# ବଢୁଛି ବଜେଟ ଖର୍ଚ୍ଚ: ୧୧ ମାସରେ ୯.୬% ବୃଦ୍ଧି

ଭୁବନେଶ୍ୱର,୧୩।୨ (ରବିନାରାୟଣ ଜେନା)


ଅନୁ ଗର୍ଗ

ରାଜ୍ୟକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହିତ ସେହି ଅନୁସାରେ ରାଜ୍ୟ ବଜେଟର ଆକାର ବଢୁଛି। କେବଳ ବଜେଟର ଆକାର ବଢୁଛି ତାହା ନୁହେଁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ଭିତ୍ତିଭୂମି ବାବଦ ଖର୍ଚ୍ଚ ଗତବର୍ଷ ତୁଳନାରେ ଅଧିକ ହୋଇଛି। ୨୦୨୪-୨୫ ଆର୍ଥିକବର୍ଷ ଜାନୁଆରୀ ୩୧ ସୁଦ୍ଧା ଯେତିକି ବଜେଟ ଅର୍ଥ ଖର୍ଚ୍ଚ ହୋଇଥିଲା ତାହା ତୁଳନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୯.୬ ପ୍ରତିଶତ ବଜେଟ ଅର୍ଥ ଅଧିକ ଖର୍ଚ୍ଚ ହୋଇଛି ବୋଲି ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ସମୀକ୍ଷା ବୈଠକରୁ ଜଣାଯାଇଛି।

ଏ ସଂକ୍ରାନ୍ତରେ ଫେବୃଆରୀ ୧୦ରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସବୁ ବିଭାଗକୁ ଅତିରିକ୍ତ ସଚିବ ପ୍ରଦାନ କରିଥିବା ବିବରଣୀ ଅନୁଯାୟୀ, ୨୦୨୪-୨୫ ଆର୍ଥିକବର୍ଷରେ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ୫୨ପ୍ରତିଶତ ହୋଇଥିଲା। ମାତ୍ର ଚଳିତ ଆର୍ଥିକବର୍ଷ ଏହା ୫୪ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା କି ୨ପ୍ରତିଶତ ଅଧିକ ହୋଇଛି। ଗତଥର କାର୍ଯ୍ୟକ୍ରମ ବାବଦ ୮୬ହଜାର ୭୩୧କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଚଳିତବର୍ଷ ଏହି ଅବଧି ମଧ୍ୟରେ ଏହା ୧ଲକ୍ଷ ୭୧୧କୋଟି ଟଙ୍କାକୁ ବୃଦ୍ଧି ପାଇଛି। ମାର୍ଚ୍ଚ୩୧ ସୁଦ୍ଧା ଏହିପରିମାଣ ଯେଭଳି ଅଧିକ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ସହିତ ମାନବସମ୍ବଳ ବାବଦ ଖର୍ଚ୍ଚ ବଢ଼ାଇବାକୁ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ସମୁଦାୟ ନିଜସ୍ୱ ରାଜସ୍ୱ, ଟିକସ ଓ ଅଣ ରାଜସ୍ୱ କ୍ଷେତ୍ରରୁ ଜାନୁଆରୀ ସୁଦ୍ଧା ୧ଲକ୍ଷ ୫୪ହଜାର ୯୧୫କୋଟି ଟଙ୍କା ପାଇଛନ୍ତି। ହେଲେ ରାଜ୍ୟ ସରକାରଙ୍କ ବିକାଶକୁ ତ୍ୱରାନ୍ୱିତ କରିବାକୁ ପାଇଁ ଏହି ପରିମାଣକୁ ଅଧିକ ବଢ଼ାଇବାକୁ ହେବ ବୋଲି ମୁଖ୍ୟସଚିବ କହିଛନ୍ତି।

ତଥ୍ୟ ଅନୁଯାୟୀ, ରାଜ୍ୟ ସରକାରଙ୍କ ନିଜସ୍ୱ ରାଜସ୍ୱ ଗତ ଆର୍ଥିକବର୍ଷ ତୁଳନାରେ ମନ୍ଥର ଗତିରେ ବୃଦ୍ଧି ପାଇଛି। ଜାନୁଆରୀ ଶେଷ ସୁଦ୍ଧା ରାଜ୍ୟର ନିଜସ୍ୱ ରାଜସ୍ୱ ୪୫ହଜାର ୧୪୫କୋଟି ଟଙ୍କା ହୋଇଛି, ଯାହାକି ପୂର୍ବବର୍ଷ ତୁଳନାରେ ମାତ୍ର ୦.୬୬% ଅଧିକ। ଏହି ସମୟରେ ରାଜ୍ୟ ସରକାରଙ୍କ ନିଜସ୍ୱ ଅଣ ଟିକସ ରାଜସ୍ୱ ୧୪.୨୧ ପ୍ରତିଶତ ବଢ଼ିଛି। ଜାନୁଆରୀ ୨୦୨୬ ସୁଦ୍ଧା ରାଜ୍ୟ ସରକାର ୪୭ହଜାର ୭୫୦କୋଟି ଟଙ୍କାର ଅଣ ରାଜସ୍ୱ ପାଇଛନ୍ତି ବୋଲି ବୈଠକରୁ ଜଣାଯାଇଛି।

ବୈଠକର ସୂଚନା ଅନୁଯାୟୀ, ପୂର୍ତ୍ତ, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ ଓ ଶକ୍ତି ବିଭାଗ ସହିତ ସାମାଜିକ କ୍ଷେତ୍ରର ଭିତ୍ତିଭୂମି ବିକାଶ ଲାଗି ଶ୍ରମ, ପଞ୍ଚାୟତିରାଜ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଖର୍ଚ୍ଚ କିଭଳି ତ୍ୱରାନ୍ୱିତ ହୋଇପାରିବ ଏବଂ ଭିତ୍ତିଭୂମିର ବିକାଶ ହେବ ତାହାକୁ ନିୟମିତ ଭାବେ ସମୀକ୍ଷା କରିବାପାଇଁ ରାଜ୍ୟ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାଯାଇଛି।

# ବ୍ୟାନର ମାରି ଉପସ୍ଥିତି ଦର୍ଶାଇଲେ ମାଓବାଦୀ

- ଉତ୍କଳ ଆଲୁମିନା, ଆଦିତ୍ୟ ବିର୍ଲାକୁ ଆଦିବାସୀ ଶୋଷଣ ବନ୍ଦ ଚେତାବନୀ
- ସବ୍ୟସାଚୀ, ଆଜାଦ୍, ଉଦୟ, ନିଖିଲ ଆଦିବାସୀଙ୍କ ଉପରେ ଅତ୍ୟାଚାର କରୁଥିଲେ
- ଆତଙ୍କିତ ନ ହେବାକୁ ପୋଲିସର ଖବରଦାତା ସମ୍ମିଳନୀ

ରାୟଗଡ଼ା/କଲ୍ୟାଣସିଂହପୁର,୧୩।୨ (ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡ଼ା)

ଗତ ଶୁକ୍ରବାର ମାଓବାଦୀ ନେତା ନିଖିଲ ଓ ଇନ୍ଦୁଙ୍କ ସମେତ ୧୫ଜଣ ମାଓବାଦୀ ଆତ୍ମସମର୍ପଣ ପରେ ରାୟଗଡ଼ା ଜିଲା ଏକ ପ୍ରକାର ମାଓମୁକ୍ତ ଅଞ୍ଚଳ ହୋଇଥିବା ନେଇ ପୋଲିସ ଆଶ୍ୱସ୍ତି ପ୍ରକାଶ କରିଥିଲା। ହେଲେ ଠିକ୍ ଏହାର ସପ୍ତାହ ପରେ ଶୁକ୍ରବାର ପୁଣି ଥରେ ରାୟଗଡ଼ା ଜିଲାର ୩ଟି ସ୍ଥାନରେ ମାଓବାଦୀ ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। ଏହି ବ୍ୟାନର ମାରି ମାଓବାଦୀମାନେ ଜିଲାରେ ନିଜ ଉପସ୍ଥିତି ଜାହିର କରିଛନ୍ତି।

ରାୟଗଡ଼ା ସହର ଉପକଣ୍ଠ ବାଇସିଂ ପଞ୍ଚାୟତ ଧୁମାଗୁଡ଼ା ବସ୍‌ଷ୍ଟପ, ଚାନ୍ଦିଲି ଥାନା ଅଧୀନ ପାଇକପଡ଼ା ଓ କଲ୍ୟାଣସିଂହପୁର ବ୍ଲକ୍‌ର ବୁଢ଼ାଗୁଡ଼ା ପଞ୍ଚାୟତ କୁମ୍ଭାଗୁଡ଼ା ଛକରେ ମାଓବାଦୀ ବ୍ୟାନର ଲାଗିଥିଲା। ଭୁ୍ ପଏଣ୍ଟକୁ ଲୋକେ ମର୍ଣ୍ଣିଂ ୱାକ୍‌ରେ ଯିବା ସମୟରେ ଧୁମାଗୁଡ଼ା ବସ୍‌ଷ୍ଟପ୍‌ରେ ସିପିଆଇ ମାଓବାଦୀ ସଙ୍ଗଠନ ପକ୍ଷରୁ ବ୍ୟାନର ଲାଗିଥିବା ଦେଖିବାକୁ ପାଇଥିଲେ। ସମସ୍ତ ବ୍ୟାନରରେ ଏକପ୍ରକାର ତଥ୍ୟ ରହିଛି। ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା, ଆଜାଦ୍, ଉଦୟ ଓ ନିଖିଲ ଆଦିବାସୀ ନ ଥିଲେ। ସେମାନେ ଆଦିବାସୀଙ୍କୁ ମାଓବାଦୀ ସଙ୍ଗଠନରେ ସାମିଲ କରାଇ ତାଙ୍କ ଉପରେ ଅତ୍ୟାଚାର କରୁଥିଲେ ବୋଲି ଉକ୍ତ ବ୍ୟାନରରେ ଉଲ୍ଲେଖ ରହିଛି। ଏହାର ଜବାବ ଏବେ ଦେବା ପାଇଁ ପ୍ରସ୍ତୁତ ଅଛୁ ବୋଲି ସିପିଆଇ ମାଓବାଦୀ ରାଜ୍ୟ ସମ୍ପାଦକ ମେଘ ଜାନୀ ଏବଂ ଡଂବାଇ ମାଝି ଦାବି କରିଥିବା ଉକ୍ତ ବ୍ୟାନରରେ ଉଲ୍ଲେଖ ରହିଛି। ଏଥିସହ କେବିକେ ଡିଭିଜନରେ ରହିଥିବା ଉତ୍କଳ ଆଲୁମିନା ଏବଂ ଆଦିତ୍ୟ ବିର୍ଲା ସମେତ ଅନ୍ୟ କମ୍ପାନୀ ଆଦିବାସୀଙ୍କୁ ଶୋଷଣ କରିବାରୁ ନିବୃତ୍ତ ରୁହନ୍ତୁ ବୋଲି ଚେତାବନୀ ଦିଆଯାଇଛି। ମାଓବାଦୀ ବ୍ୟାନର ଲାଗିଥିବା ଖବରପାଇ ସିଆର୍‌ପିଏଫ୍ ଯବାନଙ୍କ ସମେତ ବମ୍ ସ୍କ୍ୱାଡ୍ ସେଠାରେ ପହଞ୍ଚି ବ୍ୟାନରକୁ ବାହାରକରିବା ସହ ଆଖପାଖ ସ୍ଥାନରେ ତନାଘନା କରିଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ଶେଷଖାଲ ପୋଲିସ ମଧ୍ୟ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚକରିବା ସହ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପାଇକପଡ଼ା ଏବଂ କୁମ୍ଭାରଗୁଡ଼ା ଛକରେ ଲାଗିଥିବା ମାଓବାଦୀ ବ୍ୟାନର ମଧ୍ୟ ପୋଲିସ ଜବତ କରିଛି। ମାଓବାଦୀ ବ୍ୟାନର ଜବତ ପରେ ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏହା ଅସଲି କି ନକଲି ତାହାର ତଦନ୍ତ କରାଯାଉଛି। କେହି ଆତଙ୍କିତ ନ ହେବା ପାଇଁ ସେ ଅନୁରୋଧ କରିଛନ୍ତି।


ଚାନ୍ଦିଲି ଥାନା ଅଧୀନ ପାଇକପଡ଼ାରେ ଲାଗିଥିବା ମାଓବାଦୀ ବ୍ୟାନର।

**ପ୍ରଥମ ପୃଷ୍ଠାରୁ...**

## ହାସିନାଙ୍କ ପ୍ରତ୍ୟର୍ପଣ...


ଆଇନ ଅନୁଯାୟୀ ଭାରତ ତାଙ୍କୁ ପ୍ରତ୍ୟର୍ପଣ କଲେ ହାସିନା ନିଜ ଦେଶରେ ବିଚାରର ସମ୍ମୁଖୀନ ହେବେ। ବାଂଲାଦେଶ ଭାରତ ସହ ସ୍ୱାଭାବିକ ସମ୍ପର୍କ ଚାହେଁ, କିନ୍ତୁ ସମାନ ସର୍ତ୍ତରେ। ପାରସ୍ପରିକ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ପାଇଁ ଏହା ଜରୁରୀ ବୋଲି ସେ ମତ ଦେଇଛନ୍ତି। ବିଏନ୍‌ପିର ଷ୍ଟାଣ୍ଡିଂ କମିଟି ସଦସ୍ୟ ତଥା ୨୦୨୬ ନିର୍ବାଚନରେ ଦଳର ମୁଖ୍ୟ କୋ-ଅର୍ଡିନେଟର ନଜରୁଲ ଇସ୍‌ଲାମ ଖାନ୍ ମୋଦି ନୂଆ ନେତା ରହମାନ୍ ଏବଂ ଲୋକଙ୍କ ବିଜୟକୁ ସ୍ୱୀକୃତି ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଇତିମଧ୍ୟରେ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ଉଗ୍ରରୂପ ଧାରଣ କରିବା ସହ ବହୁ ହିନ୍ଦୁଙ୍କୁ ହତ୍ୟା କରାଯାଇଥିବାରୁ ନୂଆ ସରକାରଙ୍କ ସହ ନୂଆଦିଲ୍ଲୀର ସମ୍ପର୍କ କିଭଳି ରହିବ ତା' ଉପରେ ଏସିଆ ସମେତ ବିଶ୍ୱର ନଜର ରହିବ।

## ସ୍ୱାମୀଙ୍କୁ ଫାଶୀ...

କ୍ଷତବିକ୍ଷତ ହୋଇଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବନିତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ୬ଦିନ ପରେ ବନିତାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ବାପା କାର୍ତ୍ତିକ ସିଂଙ୍କ ଅଭିଯୋଗକ୍ରମେ ସହଦେବଖୁଣ୍ଟା ଥାନାରେ ଏକ ମାମଲା (ନଂ. ୪୬/୨୩) ରୁଜୁ ହୋଇଥିଲା। ପୋଲିସ ଚନ୍ଦନଙ୍କ ସମେତ ୭ଜଣଙ୍କୁ ଗିରଫ କରିଥିଲା। ଏନେଇ କୋର୍ଟରେ ସ୍ପେଶାଲ କେସ୍ (ନଂ. ୩୬/୨୩) ରୁଜୁ ହୋଇ ମାମଲା ବିଚାରାଧୀନ ଥିଲା। ଗତ ୪ତାରିଖରେ ଏହି ମାମଲାର ରାୟ ପ୍ରକାଶ କରି ସ୍ୱାମୀ ଚନ୍ଦନଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲେ। ସାକ୍ଷ୍ୟ ପ୍ରମାଣ ଆଧାରରେ ୬ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ଏହି ମାମଲାରେ ଶୁକ୍ରବାର ୩୪ଜଣ ସାକ୍ଷୀ, ୧୧୦ ଦସ୍ତାବିଜ ଓ ୩୩ଗୋଟି ମାଟେରିଆଲକୁ ଆଧାର କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାରେ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁଶନ୍ ବାଲେଶ୍ୱର ଦୀପ୍ତିରଞ୍ଜନ ସେଣ୍ଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଞ୍ଜୟ କୁମାର ମହାନ୍ତି ଓ ଏତଲାକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୁଲଳିତ କର ମାମଲା ପରିଚାଳନା କରୁଥିଲେ।

# ନୀଳଗିରି ରାଜକୁମାର କିରେଣେନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ଦେହାନ୍ତ

ନୀଳଗିରି,୧୩।୨(ପ୍ରଶାନ୍ତ କୁମାର ବିଶ୍ୱାଳ)


ଶେଷରାଜା କିଶୋରଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ କନିଷ୍ଠପୁତ୍ର

ବାଲେଶ୍ୱର ଜିଲା ନୀଳଗିରି ରାଜପରିବାରର ୩୭ତମ ତଥା ଶେଷରାଜା କିଶୋରଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ୧୯୪୬ମସିହାରେ ଜନ୍ମିତ କନିଷ୍ଠପୁତ୍ର ରାଜକୁମାର କିରେଣେନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ୮୦ବର୍ଷ ବୟସରେ ପରଲୋକ ଗଛିଛନ୍ତି। ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ଗତ ୧୨ତାରିଖରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଅକାଳବିୟୋଗ ଘଟିଛି। ରାଜକୁମାର ନୀଳଗିରି କେ. ସି. ହାଇସ୍କୁଲରେ ଶିକ୍ଷାପ୍ରାପ୍ତ କରିଥିଲେ। ପରେ କଲେଜଶିକ୍ଷା ପରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରିଥିଲେ। ଚାକିରି ଜୀବନ ସମୟରେ ନିଜର କର୍ତ୍ତବ୍ୟ, ସମୟାନୁବର୍ତ୍ତିତା ସହିତ ଲୋକଙ୍କ ସ୍ୱାସ୍ଥ୍ୟସେବା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ଏଥିସହ ବନ୍ୟପ୍ରାଣୀଙ୍କୁ ଭଲ ପାଉଥିବାରୁ ତାଙ୍କର ଜ୍ୟେଷ୍ଠପୁତ୍ର ପ୍ରକାଶ ମର୍ଦ୍ଦରାଜ ମଧ୍ୟ ପିତାଙ୍କ ପଥ ଅନୁସରଣ କରି ୱାର୍ଡେନ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଅକାଳ ବିୟୋଗରେ ରାଜପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କର ଅନ୍ତିମ ସତ୍କାର ନୀଳଗିରି ରାଜବାଟୀରେ ସମ୍ପନ୍ନ ହୋଇଛି। ସାନପୁଅ ବିକାଶ ମର୍ଦ୍ଦରାଜ ମୁଖାଗ୍ନି ଦେଇଛନ୍ତି।

# ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୧୩।୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

**ଟେକ୍ସଟାଇଲ ପାର୍କର ଶିଳାନ୍ୟାସ କରିବେ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସିବେ। ଏହି ଅବସରରେ ସଦର ବ୍ଲକ୍ ବଳଭଦ୍ରପୁର ଗ୍ରାମରେ ଏକ ଟେକ୍ସଟାଇଲ ପାର୍କ ଓ ଧରଣୀଧର ବିଶ୍ୱବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସରେ ଏକ ଡାଟା ରିକଭରି କମ୍ ଡାଟା ସେଣ୍ଟରର ଶିଳାନ୍ୟାସ କରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପୋଷାକ ତିଆରି ୟୁନିଟ୍‌ଟି ହିଣ୍ଡାଲ୍‌କୋ କମ୍ପାନୀ ଦ୍ୱାରା ନିର୍ମାଣ ହେବ। ପ୍ରକଳ୍ପରେ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏଥିରେ ୧୨୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ପାଇବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରକଳ୍ପ ବଳଭଦ୍ରପୁର ଅଞ୍ଚଳରେ ୬.୬ ଏକର ଜମିରେ ପ୍ରତିଷ୍ଠା କରାଯିବ ବୋଲି ଜଣାପଡ଼ିଛି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଚେନ୍ନାଇ (ତାମିଲନାଡୁ)ର ଏକ ଚିକେନ୍ ଦୋକାନ ପାଇଁ ଅଭିଜ୍ଞ ଲୋକ ଆବଶ୍ୟକ।
ଯୋଗାଯୋଗ
86800 00062

**WANTED**
Wanted male To male massage therapists for spa centre at Bhubaneswar. Age limit 20yrs to 25yrs. Contact: 9861550765

See Career Appointment on every Wednesday & Saturday

**REQUIRED**
Required 2 Nos. of MARKETING (FEMALE) for a Educational Institute at Unit - 8, Bhubaneswar.
Cont.: 7609065707 (M)
email: msujata82@gmail.com

**WALK-IN-INTERVIEW**
Date: 18th & 19th Feb. 2026 | Time Starts from 11 A.M.
1.GNM: B.Sc. Nursing
2.Lab. Technician: DMLT/B.Sc. MLT
**SUN HOSPITAL PVT. LTD.**
Jubuli Town, Kantanali Bypass, Dhenkanal
Contact: 8249206554 | 7978091292 | 7735098892

**ADITY BIRLA PRIMARY SCHOOL, LAPANGA**

The Aditya Birla Primary School, Lapanga invites application from eligible and competent candidates for the Pre Primary Teacher and Clerical Post.

| LOCATION | REQUIREMENT | REQUIREMENT |
| --- | --- | --- |
| Aditya Birla Primary School, Lapanga Odisha | Mother Teacher For Pre Primary Class. To teach all subjects. | Graduate with NTT/B.Ed. Experience of 4 years in a reputed school. |
| Aditya Birla Primary School, Lapanga Odisha | Graduate with DCA/PGDCA | Well versed in handling Government portals. > UDISE > RTE > CBSE > Computer Proficiency is necessary. |

Those interested candidates with 5-10 years of experience in a reputed school as a pre-primary teacher, fluent in English and well versed with NEP guidelines and computer knowledge is must. The office assistant must be well versed in online data entry and record management excellent communication skills. Organized, detail oriented and capable of handling school office document efficiently can apply within 10 days of the advertisement at abps.lapanga@adityabirla.com. Last date for submitting your application /Resume is February 25, 2026 the shortlisted candidates will be informed for the interview.
**Principal**
**Aditya Birla Primary School**

**GOVERNMENT OF ODISHA**
**DEPARTMENT OF WATER RESOURCE**
**OFFICE OF THE SUPERINTENDING ENGINEER, NABARANGPUR IRRIGATION DIVISION**
NABARANGPUR, DIST-NABARANGPUR (ODISHA)
No.32001/87/2526
Lr no.224 Email ID : senidivision@gmail.com Dated : 10.02.2026

**E-PROCUREMENT NOTICE**
**BID IDENTIFICATION NO-SE-NID-08/2025-26 (01-02)**

1. Nature of the work : **Bank Protection work**, 2. Total Nos. of works : **02 (Two) Nos.**, 3. Tender cost of the works : **From Rs.43.41 lakhs to Rs.31.51 lakhs (excluding GST)**, 4. Class of Contractor : **'C' & 'B' Class**, 5. Period of completion : **01 (One) Month & 02 (Two) month**, 6. Other details as follows :

| Procurement Officer | Bid Identification No. | Availability of Bid pn-line | | Last date & time of seeking tender clarification | Date & Time & Place of opening of Tender |
| --- | --- | --- | --- | --- | --- |
| Superintending Engineer, Nabarangpur Irrigation Division, Nabarangpur | SE-NID-08/2025-26 (01-02) | 16.02.2026 (10.00 A.M.) | 25.02.2026 (up to 05.00 P.M.) | 20.02.2026 up to 5.00 P.M. | 26.02.2026 at 11.00 A.M. in the O/o the Superintending Engineer, Nabarangpur Irrigation Division, Nabarangpur |

Further details can be seen from the Government website www.tendersodisha.gov.in. Addendum/Corrigendum/Cancellation if any required will be published in Govt. website only.

Sd./- Superintending Enigneer
Nabarangpur Irrigation Division, Nabarangpur
OIPR-32001/32361/1/25-26/0001

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/P.O : BARINIPUT, DIST. : KORAPUT - 764006
Phone : (06854) 242001, Fax : (06854) 242038, e-mail : sgmel_ukhep@ohpcltd.com

**NOTICE INVITING TENDER No.45/2025-26 date : 07.02.2026**

**No.4001/15/2526** : Sealed Tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from Reputed Registered Firms having minimum 5(five) years of experience in the field of diving works in large Hydro Power Stations for Under Water Diving & Salvage Works for Upper Kolab Power House, Bariniput, Dist. : Koraput, Odisha.

The firm should consist of one Head Diver / Supervisor and at least 04 Nos. of competent skilled divers having at least 05 (five) years of diving experience in Hydro Power Stations. The firm should have valid GST Registration Certificate, IT PAN & requisite certificate from recognize diving institute etc.

| Sl. No. | Description of Work | Cost of Tender Specification (Non-Refundable) | EMD in Rs. (Refundable) |
| --- | --- | --- | --- |
| 1 | Under water diving & Salvage Works of Upper Kolab Power House, Bariniput, Dist. : Koraput, Odisha | Rs.4720/- (Rs.4000/- + GST@18%) | Rs.10,000/- |

Sale of tender paper : **From 13.02.2026 to 11:00 Hrs. of 27.02.2026**
Last date of submission of tender : **12:00 Hrs. of 27.02.2026**
Date & Time of opening of tender : **12:30 Hrs. of 27.02.2026**
**For details of the tender documents, terms and conditions, corrigendum etc. please visit our website www.ohpcltd.com.**
OIPR-4001/4002/1/25-26/0001 Sd./- C & P Head, UKHEP, Bariniput

**SBI** The banker to every Indian
**ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା**
ନାଗାଲାଣ୍ଡ ହାଉସ୍, ୮ମ ମହଲା, ୧୧ ଓ ୧୩, ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦ ୩୦୯୮, ଫାକ୍ସ: ୦୩୩ ୨୨୮୧ ୦୬୨୨, ଇ-ମେଲ୍: sbi.04151@sbi.co.in

[ନିୟମ ୮(୧)]
**ଦଖଲ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ:
ନିମ୍ନସ୍ୱାକ୍ଷରକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, ନାଗାଲାଣ୍ଡ ହାଉସ୍ (୮ମ ମହଲା), ୧୧ ଓ ୧୩, ସେକ୍ସପିୟର୍ ସରଣୀ, କୋଲକାତାର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୩ ସହ ପଠନପୂର୍ବକ ଧାରା ୧୩ (୧୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ସରଫାଏସି ଅଧିନିୟମ, ୨୦୦୨ର ଧାରା ୧୩(୨) ଅଧୀନରେ ତା୦୧।୧୧।୨୦୨୫ରିଖରେ ଏକ ଡିମାଣ୍ଡ ନୋଟିସ ଜାରି କରି ଋଣଗ୍ରହୀତା **ମେସର୍ସ ଜଗନ୍ନାଥ ରାଇସ୍ ମିଲ୍ସ,** କାର୍ଯ୍ୟାଳୟ ସ୍ଥାନ: ଗୁପ୍ତା ନିବାସ, ଓଲ୍‌ଡ ଷ୍ଟେଶନ ରୋଡ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ ଏବଂ ବ୍ୟକ୍ତିଗତ ଗ୍ୟାରେଣ୍ଟି ଦେଇଥିବା **ଗ୍ୟାରେଣ୍ଟିଦାତା** i) ଶ୍ରୀ ସୁଭାଷ ଚନ୍ଦ୍ର ଗୁପ୍ତା, ପିତା: ଜଗଦୀଶ ରାୟ ଗୁପ୍ତା, ii) ଶ୍ରୀ ମହେନ୍ଦ୍ର କୁମାର ଗୁପ୍ତା, ପିତା: ଜଗଦୀଶ ରାୟ ଗୁପ୍ତା, iii) ଶ୍ରୀ ମନମୋହନ ଗୁପ୍ତା, ପିତା: ଭଗତ ରାମ ଗୁପ୍ତା, iv) ଶ୍ରୀମତୀ ସୁଶୀଳା ଗୁପ୍ତା, ସ୍ୱାମୀ: ସୁବାସ ଚନ୍ଦ୍ର ଗୁପ୍ତା, v) ଶ୍ରୀମତୀ ସୁନୀତା ଗୁପ୍ତା, ସ୍ୱାମୀ: ଆଦି ନାରାୟଣ ଗୁପ୍ତା, vi) ଶ୍ରୀମତୀ ରୀତୁ ଗୁପ୍ତା, ସ୍ୱାମୀ: ଜିତେନ୍ଦ୍ର ମୋହନ ଗୁପ୍ତା, vii) ଶ୍ରୀ ଆର୍ଯ୍ୟମାନ ଗୁପ୍ତା, ପିତା: ଅଭିଷେକ ଗୁପ୍ତାଙ୍କୁ ନୋଟିସରେ ଦର୍ଶାଯାଇଥିବା ତା୩୧।୧୦।୨୦୨୫ରିଖର ରାଶି, ଅର୍ଥାତ୍ ଟ.୨୪,୮୫,୬୯,୪୫୧.୬୦ (ଚବିଶ କୋଟି ପଞ୍ଚାଅଶୀ ଲକ୍ଷ ଅଣଷଠି ହଜାର ଚାରିଶହ ଏକାବନ ଟଙ୍କା ଷାଠିଏ ପଇସା ମାତ୍ର) ସମେତ ତା୦୧।୧୧।୨୦୨୫ରିଖଠାରୁ ସୁଧ ସହ ଖର୍ଚ୍ଚ, ବ୍ୟୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଶୁଳ୍କକୁ ଉକ୍ତ ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ପୁନଶ୍ଚ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, ନାଗାଲାଣ୍ଡ ହାଉସ୍ (୮ମ ମହଲା), ୧୧ ଓ ୧୩, ସେକ୍ସପିୟର୍ ସରଣୀ, କୋଲକାତା ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ର ଧାରା ୧୩(୨) ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୩ ସହ ପଠନପୂର୍ବକ ଧାରା ୧୩(୧୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ତା୦୧।୧୧।୨୦୨୫ରିଖରେ ଏକ ଡିମାଣ୍ଡ ନୋଟିସ ଜାରି କରି ଋଣଗ୍ରହୀତା **ମେସର୍ସ ମା' ଭୁଆଷୁଣି ରୋଲର୍ ଫ୍ଲାଓର ମିଲ୍ସ,** କାର୍ଯ୍ୟାଳୟ ସ୍ଥାନ: ଗୁପ୍ତା ନିବାସ, ଓଲ୍‌ଡ ଷ୍ଟେଶନ ରୋଡ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ ଏବଂ ବ୍ୟକ୍ତିଗତ ଗ୍ୟାରେଣ୍ଟି ଦେଇଥିବା ଗ୍ୟାରେଣ୍ଟିଦାତା i) ସୁଭାଷ ଚନ୍ଦ୍ର ଗୁପ୍ତା, ପିତା: ଜଗଦୀଶ ରାୟ ଗୁପ୍ତା, ii) ମହେନ୍ଦ୍ର କୁମାର ଗୁପ୍ତା, ପିତା: ଜଗଦୀଶ ରାୟ ଗୁପ୍ତା, iii) ମନମୋହନ ଗୁପ୍ତା, ପିତା: ଭଗତ ରାମ ଗୁପ୍ତା, iv) ସୁଶୀଳା ଗୁପ୍ତା, ସ୍ୱାମୀ: ସୁବାସ ଚନ୍ଦ୍ର ଗୁପ୍ତା, v) ସୁନୀତା ଗୁପ୍ତା, ସ୍ୱାମୀ: ଆଦି ନାରାୟଣ ଗୁପ୍ତା, vi) ହର୍ଷ ମୋହନ ଗୁପ୍ତା, ପିତା: ସୁବାସ ଚନ୍ଦ୍ର ଗୁପ୍ତା, vii) ପଦ୍ମା ଗୁପ୍ତା, ସ୍ୱାମୀ: ମହେନ୍ଦ୍ର କୁମାର ଗୁପ୍ତା, viii) କିରଣ ଗୁପ୍ତା, ସ୍ୱାମୀ: ଭଗତ ରାମ ଗୁପ୍ତା, ix) ମନୀଷା ଗୁପ୍ତା, ସ୍ୱାମୀ: ହର୍ଷ ମୋହନ ଗୁପ୍ତା, x) ରଶ୍ମି ଗୁପ୍ତା, ସ୍ୱାମୀ: ଭିନିତ୍ ମୋହନ ଗୁପ୍ତା, xi) ରୀତୁ ଗୁପ୍ତା, ସ୍ୱାମୀ: ଜିତେନ୍ଦ୍ର ମୋହନ ଗୁପ୍ତା, xii) ଆର୍ଯ୍ୟମାନ ଗୁପ୍ତା, ପିତା: ଅଭିଷେକ ଗୁପ୍ତା ଏବଂ କର୍ପୋରେଟ୍ ଗ୍ୟାରେଣ୍ଟି (i) ମା' ଭୁଆଷୁଣି ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃଙ୍କୁ ନୋଟିସରେ ଦର୍ଶାଯାଇଥିବା ରାଶି ଅର୍ଥାତ୍ ତା୩୧।୧୦।୨୦୨୫ରିଖ ସୁଦ୍ଧା ଥିବା ଟ.୧୯,୩୩,୯୭,୬୬୩.୬୮ (ଉଣେଇଶ କୋଟି ତେତିଶ ଲକ୍ଷ ସତାନବେ ହଜାର ଛଅଶହ ତେଷଠି ଟଙ୍କା ଅଠଷଠି ପଇସା ମାତ୍ର) ସମେତ ତା୦୧।୧୧।୨୦୨୫ରିଖଠାରୁ ସୁଧ ସହ ଖର୍ଚ୍ଚ, ବ୍ୟୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଶୁଳ୍କକୁ ଉକ୍ତ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଋଣଗ୍ରହୀତା(ଗଣ)/ବନ୍ଧକଦାତା(ଗଣ)/ଗ୍ୟାରେଣ୍ଟିଦାତା(ଗଣ) ଉକ୍ତ ରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତା(ଗଣ)/ବନ୍ଧକଦାତା(ଗଣ)/ଗ୍ୟାରେଣ୍ଟିଦାତା(ଗଣ) ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ ନିମ୍ନସ୍ୱାକ୍ଷରକାରୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ଉକ୍ତ ଅଧିନିୟମର ଧାରା ୧୩(୪) ସହ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅଧୀନରେ ଅଦ୍ୟ ୧୦ ଫେବୃଆରୀ, ୨୦୨୬ ଦିନ ଦଖଲକୁ ନେଇଛନ୍ତି।

ଋଣଗ୍ରହୀତା(ଗଣ)/ବନ୍ଧକଦାତା(ଗଣ)/ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ବିଶେଷ ଭାବରେ ଏବଂ ଜନସାଧାରଣଙ୍କୁ ସାଧାରଣ ଭାବରେ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ ଉକ୍ତ ସମ୍ପତ୍ତି/ଗୁଡ଼ିକ ସହ କୌଣସି କାରବାର କରନ୍ତୁ ନାହିଁ ଏବଂ ଉକ୍ତ ସମ୍ପତ୍ତି/ଗୁଡ଼ିକ ସହ କୌଣସି କାରବାର କରାଗଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, ନାଗାଲାଣ୍ଡ ହାଉସ୍ (୮ମ ମହଲା), ୧୧ ଓ ୧୩, ସେକ୍ସପିୟର୍ ସରଣୀ, କୋଲକାତା ୭୦୦୦୭୧ଙ୍କ ଦ୍ୱାରା ଟ.୪୪,୧୯,୫୭,୧୧୫.୨୮ (ଚଉରାଳିଶ କୋଟି ଉଣେଇଶ ଲକ୍ଷ ସତାବନ ହଜାର ଏକଶହ ପନ୍ଦର ଟଙ୍କା ଅଠେଇଶ ପଇସା ମାତ୍ର) ରାଶି ଏବଂ ତା୦୧।୧୧।୨୦୨୫ରିଖଠାରୁ ତାହା ଉପରେ ଲାଗୁ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଆଦି ଚାର୍ଜ କରାଯିବ।

***ଅଧିନିୟମର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥାପନ ଅନୁଯାୟୀ ସୁରକ୍ଷିତ ପରିସମ୍ପତ୍ତିଗୁଡ଼ିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।***

**ସମ୍ପତ୍ତିର ବର୍ଣ୍ଣନା**

୧. ମେସର୍ସ ଜଗନ୍ନାଥ ରାଇସ୍ ମିଲ୍ ନାମରେ ଥିବା ଜମି ଓ ଭବନର ନ୍ୟାୟୋଚିତ ବନ୍ଧକ (ଡିଡ୍ ନଂ. ୩୯୦୦, ତା ୧୪।୦୭।୧୯୬୪ ଓ ୬୦୦୭, ତା୧୩।୧୧।୧୯୬୨) ସହ ସମ୍ପତ୍ତିର ଅନୁସୂଚୀ ଯାହା "ମୌଜା-ଲକ୍ଷ୍ମୀସାଗର, ୟୁନିଟ୍-୩୦, ଖାତା ନଂ.-୧୦୯୬, ପ୍ଲଟ୍ ନଂ.-୬୮୯ ଏବଂ ୭୯୦, ଭୁବନେଶ୍ୱର, ଯଥାକ୍ରମେ ରକବା: ଏ୦.୪୩୩ ଡିସିମିଲ ଓ ଏ.୦.୯୨୦ ଡିସିମିଲ। କିସମ: ହୋମଷ୍ଟିଡ୍, ତାହା ଉପରେ ସାବକ ଖାତା ନଂ.୩୬୪, ପ୍ଲଟ୍ ନଂ.-୩୮(ପି), ପ୍ଲଟ୍ ନଂ.-୪୫/୧୪୧୬ (ପି) ଏବଂ ପ୍ଲଟ୍ ନଂ.-୩୯(ପି) ଏବଂ ସାବକ ଖାତା ନଂ.-୬୩, ପ୍ଲଟ୍ ନଂ.-୪୦ ଅନୁରୂପ" ଭାବେ ବର୍ଣ୍ଣିତ (ଅନୁସୂଚୀ B ଅଧୀନସ୍ଥ ଦସ୍ତାବିଜଗୁଡ଼ିକରେ ଦର୍ଶାଯାଇଥିବା ଅନୁଯାୟୀ)।

ଚଉହଦୀ: ପୂର୍ବ: ପ୍ଲଟ୍ ନଂ.: କଟକ ରୋଡ୍ ଓ ପ୍ଲଟ୍ ୭୯୧, ୭୯୩ ଓ ୨୮୯୬
ପଶ୍ଚିମ: ରାଜସ୍ୱ ପ୍ଲଟ୍ ନଂ. ୭୮ ଓ ୭୦୫
ଉତ୍ତର: ରାଜସ୍ୱ ପ୍ଲଟ୍ ନଂ. ୭୯୧
ଦକ୍ଷିଣ: ପ୍ଲଟ୍ ନଂ.-୨୮୯୬, ୭୦୦, ୭୦୧, ୩୦୯୮, ୭୦୩ ଓ ୭୦୫

**(ମେସର୍ସ ଜଗନ୍ନାଥ ରାଇସ୍ ମିଲ୍ସ ଏବଂ ମେସର୍ସ ମା ଭୁଆଷୁଣି ରୋଲର୍ ଫ୍ଲାଓର ମିଲ୍ସ ପାଇଁ ସୃଷ୍ଟି ବନ୍ଧକ, ଅର୍ଥାତ୍ ଉଭୟ ଋଣ ଖାତା ପାଇଁ ସାଧାରଣ ବନ୍ଧକ ଭାବେ ପ୍ରଦତ୍ତ ସମ୍ପତ୍ତି)**

୨. ଶ୍ରୀ ସୁବାସ ଚନ୍ଦ୍ର ଗୁପ୍ତାଙ୍କ ନାମରେ ଥିବା ଜମି ଓ ଭବନ {(ମାଲିକାନା ଦଲିଲ (ପ୍ରମାଣୀକୃତ ନକଲ) ନଂ.୩୨୧୫, ତା୧୯।୦୪।୧୯୭୯)}ର ନ୍ୟାୟୋଚିତ ବନ୍ଧକ ସହ ସମ୍ପତ୍ତିର ଅନୁସୂଚୀ ଯାହା "ମୌଜା- ଲକ୍ଷ୍ମୀସାଗର, ୟୁନିଟ୍-୩୦, ଖାତା ନଂ.-୧୪୫୯, ପ୍ଲଟ୍ ନଂ.-୭୯୦/୨୮୯୬, ଭୁବନେଶ୍ୱର, ରକବା: ଏ୦.୨୬୫ ଡିସିମିଲ। କିସମ: ହୋମଷ୍ଟିଡ୍, ତାହା ଉପରେ ସାବକ ଖାତା ନଂ.୨୫୩, ପ୍ଲଟ୍ ନଂ.-୧୫୧(ପି) ଏବଂ ପ୍ଲଟ୍ ନଂ.୪୫/୧୪୧୬(ପି) ଅନୁରୂପ" ଭାବେ ବର୍ଣ୍ଣିତ (ଅନୁସୂଚୀ B ଅଧୀନସ୍ଥ ଦସ୍ତାବିଜଗୁଡ଼ିକରେ ଦର୍ଶାଯାଇଥିବା ଅନୁଯାୟୀ)

ଚଉହଦୀ: ପୂର୍ବ: ପ୍ଲଟ୍ ନଂ. ୭୦୧ ଓ ୭୦୨
ପଶ୍ଚିମ: ରାସ୍ତା
ଉତ୍ତର: ରାଜସ୍ୱ ପ୍ଲଟ୍ ନଂ. ୭୯୦
ଦକ୍ଷିଣ: ପ୍ଲଟ୍ ନଂ. ୭୦୦ ଓ ୭୯୨

**(ମେସର୍ସ ଜଗନ୍ନାଥ ରାଇସ୍ ମିଲ୍ସ ଏବଂ ମେସର୍ସ ମା ଭୁଆଷୁଣି ରୋଲର୍ ଫ୍ଲାଓର ମିଲ୍ସ ପାଇଁ ସୃଷ୍ଟି ବନ୍ଧକ, ଅର୍ଥାତ୍ ଉଭୟ ଋଣ ଖାତା ପାଇଁ ସାଧାରଣ ବନ୍ଧକ ଭାବେ ପ୍ରଦତ୍ତ ସମ୍ପତ୍ତି)**

**ପ୍ରାଧିକୃତ ଅଧିକାରୀ**
**ତାରିଖ: ୧୦।୦୨।୨୦୨୬** **ପଦବୀ: ସହାୟକ ମହାପ୍ରବନ୍ଧକ ଏବଂ ସିଏଲ୍‌ଓ-ଭି**
**ସ୍ଥାନ: ଭୁବନେଶ୍ୱର** **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଏସ୍‌ଏଏମ୍ ଶାଖା-୧, କୋଲକାତା**

**SBI** The banker to every Indian
**ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା**
ନାଗାଲାଣ୍ଡ ହାଉସ୍, ୮ମ ମହଲା, ୧୧ ଓ ୧୩, ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦ ୩୦୯୮, ଫାକ୍ସ: ୦୩୩ ୨୨୮୧ ୦୬୨୨, ଇ-ମେଲ୍: sbi.04151@sbi.co.in

[ନିୟମ ୮(୧)]
**ଦଖଲ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**

**ଯେହେତୁ:**
ନିମ୍ନ ସ୍ୱାକ୍ଷରକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, ନାଗାଲାଣ୍ଡ ହାଉସ୍ (୮ମ ମହଲା), ୧୧ ଓ ୧୩, ସେକ୍ସପିୟର୍ ସରଣୀ, କୋଲକାତାର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୩ ସହ ପଠନପୂର୍ବକ ଧାରା ୧୩ (୧୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ସରଫାଏସି ଅଧିନିୟମ, ୨୦୦୨ର ଧାରା ୧୩(୨) ଅଧୀନରେ ତା୨୯।୦୯।୨୦୨୫ରିଖରେ ଏକ ଡିମାଣ୍ଡ ନୋଟିସ ଜାରି କରି ଋଣଗ୍ରହୀତା **ମେସର୍ସ ଶ୍ରୀ ଜଗନ୍ନାଥ ରୋଲର୍ ଫ୍ଲାୱର ମିଲ୍ସ,** କାର୍ଯ୍ୟାଳୟ ସ୍ଥାନ: ଗୁପ୍ତା ନିବାସ, ଓଲ୍‌ଡ ଷ୍ଟେଶନ ରୋଡ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ ଏବଂ ବ୍ୟକ୍ତିଗତ ଗ୍ୟାରେଣ୍ଟି ଦେଇଥିବା **ଗ୍ୟାରେଣ୍ଟିଦାତା** (୧) ଶ୍ରୀ ସୁଭାଷ ଚନ୍ଦ୍ର ଗୁପ୍ତା, (୨) କିରଣ ଗୁପ୍ତା, (୩) ହର୍ଷ ମୋହନ ଗୁପ୍ତା, (୪) ପଦ୍ମା ଗୁପ୍ତା, (୫) ଜିତେନ୍ଦ୍ର ମୋହନ ଗୁପ୍ତା, (୬) ଆଦି ନାରାୟଣ ଗୁପ୍ତା, (୭) ରୀତୁ ଗୁପ୍ତା ଏବଂ କର୍ପୋରେଟ୍ ଗ୍ୟାରେଣ୍ଟି (୧) ମା ଭୁଆଷୁଣି ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃକୁ ନୋଟିସରେ ଦର୍ଶାଯାଇଥିବା ତା୨୮।୦୯।୨୦୨୫ରିଖର ରାଶି, ଅର୍ଥାତ୍ **ଟ.୪୧,୫୨,୦୮,୨୩୧.୧୩ (ଏକଚାଳିଶ କୋଟି ବାଉନ ଲକ୍ଷ ଆଠ ହଜାର ଦୁଇଶହ ଏକତିରିଶ ଟଙ୍କା ତେର ପଇସା ମାତ୍ର)** ସମେତ ତା୨୯।୦୯।୨୦୨୫ରିଖଠାରୁ ସୁଧ ସହ ଖର୍ଚ୍ଚ, ବ୍ୟୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଶୁଳ୍କକୁ ଉକ୍ତ ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଋଣଗ୍ରହୀତା(ଗଣ)/ବନ୍ଧକଦାତା(ଗଣ)/ଗ୍ୟାରେଣ୍ଟିଦାତା(ଗଣ) ଉକ୍ତ ରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତା(ଗଣ)/ବନ୍ଧକଦାତା(ଗଣ)/ଗ୍ୟାରେଣ୍ଟିଦାତା(ଗଣ) ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ ନିମ୍ନସ୍ୱାକ୍ଷରକାରୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ଉକ୍ତ ଅଧିନିୟମର ଧାରା ୧୩(୪) ସହ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅଧୀନରେ ଅଦ୍ୟ ୧୦ ଫେବୃଆରୀ, ୨୦୨୬ ଦିନ ଦଖଲକୁ ନେଇଛନ୍ତି।

ଋଣଗ୍ରହୀତା(ଗଣ)/ବନ୍ଧକଦାତା(ଗଣ)/ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ବିଶେଷ ଭାବରେ ଏବଂ ଜନସାଧାରଣଙ୍କୁ ସାଧାରଣ ଭାବରେ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ ଉକ୍ତ ସମ୍ପତ୍ତି/ଗୁଡ଼ିକ ସହ କୌଣସି କାରବାର କରନ୍ତୁ ନାହିଁ ଏବଂ ଉକ୍ତ ସମ୍ପତ୍ତି/ଗୁଡ଼ିକ ସହ କୌଣସି କାରବାର କରାଗଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, ନାଗାଲାଣ୍ଡ ହାଉସ୍ (୮ମ ମହଲା), ୧୧ ଓ ୧୩, ସେକ୍ସପିୟର୍ ସରଣୀ, କୋଲକାତା ୭୦୦୦୭୧ଙ୍କ ଦ୍ୱାରା **ଟ.୪୧,୫୨,୦୮,୨୩୧.୧୩ (ଏକଚାଳିଶ କୋଟି ବାଉନ ଲକ୍ଷ ଆଠ ହଜାର ଦୁଇଶହ ଏକତିରିଶ ଟଙ୍କା ତେର ପଇସା ମାତ୍ର)** ରାଶି ଏବଂ ତା୨୯।୦୯।୨୦୨୫ରିଖଠାରୁ ତାହା ଉପରେ ଲାଗୁ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଆଦି ଚାର୍ଜ କରାଯିବ।

***ଅଧିନିୟମର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥାପନ ଅନୁଯାୟୀ ସୁରକ୍ଷିତ ପରିସମ୍ପତ୍ତିଗୁଡ଼ିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।***

**ସମ୍ପତ୍ତିର ବର୍ଣ୍ଣନା**

୧) ମେସର୍ସ ଶ୍ରୀ ଜଗନ୍ନାଥ ରୋଲର ଫ୍ଲାଓର୍ ମିଲ୍ସ ନାମରେ ଥିବା ଜମି ଓ ଭବନର ନ୍ୟାୟୋଚିତ ବନ୍ଧକ ସହ ସମ୍ପତ୍ତିର ଅନୁସୂଚୀ ଯାହା ମୌଜା- ଜେମାଦେଈ, ତହସିଲ- ଖୋର୍ଦ୍ଧା, ଇଡ୍‌କୋ ପ୍ଲଟ୍ ନଂ.: ଏଫ୍/୨୨, ରକବା: ଏ୩.୩୨୭ ଅନୁଯାୟୀ ବର୍ଣ୍ଣିତ ଓ ରାଜସ୍ୱ ଖାତା ନଂ.: ୨୮୯, ରାଜସ୍ୱ ପ୍ଲଟ୍ ନଂ.: ୮୩୧ (ପି) ବିଷୟକ, ଲିଜ୍ ହୋଲ୍ଡ ମେସର୍ସ ଶ୍ରୀ ଜଗନ୍ନାଥ ରୋଲର୍ ଫ୍ଲାଓର ମିଲ୍ସ ସପକ୍ଷରେ, ଲିଜ୍ ଦଲିଲ ନଂ. ୧୦୮୧୧୩୨୨୨୧, ତାରିଖ: ୦୧।୧୨।୨୦୧୧ ମାଧ୍ୟମରେ ପଞ୍ଜୀକୃତ।

ଚଉହଦୀ ନିମ୍ନ ଅନୁଯାୟୀ:
ଉତ୍ତର: ଇଡ୍‌କୋ ଜମି
ପୂର୍ବ: ଇଡ୍‌କୋ ରାସ୍ତା
ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.ଏଫ୍/୨୧
ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ. ଏଫ୍/୨୧ ଓ ରାଜସ୍ୱ ପ୍ଲଟ୍ ନଂ.୮୩୭

**ପ୍ରାଧିକୃତ ଅଧିକାରୀ**
**ତାରିଖ: ୧୦।୦୨।୨୦୨୬** **ପଦବୀ: ସହାୟକ ମହାପ୍ରବନ୍ଧକ ଏବଂ ସିଏଲ୍‌ଓ-ଭି**
**ସ୍ଥାନ: ଖୋର୍ଦ୍ଧା** **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଏସ୍‌ଏଏମ୍ ଶାଖା-୧, କୋଲକାତା**

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages:

1. **TPWODL/HS/O/SER/25000011133: Customer Care Centers Operations across TPWODL, Odisha.**
2. **TPWODL/HS/O/SER/25000011136: Hospitality Services at Various Guest Houses and Offices across TPWODL, Odisha.**
3. **TPWODL/HS/O/SER/25000011135: RC for Providing Security Services across TPWODL, Odisha.**

Interested bidders are to submit Tender Participation Fee and Authorization Letter through email on or before **21st Feb. 2026, 15:00Hrs** (for Srl No.-1 & 2) and **24th Feb. 2026, 15:00Hrs,** (for Srl No.-3) respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd /- Head-Contracts and Procurement**

ଧରିତ୍ରୀ DHARITRI

ଧରିତ୍ରୀ 52 Years

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୪/୨୦୨୬ Bhubaneswar, Saturday, February 14/ 2026

## ଦିଲ୍ଲୀରେ ଆଜି



ଏପ୍‌ଷ୍ଟିନ୍ ଫାଇଲ୍‌ରେ ନାଁ ଥିବାରୁ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ଇସ୍ତଫା ଦାବିରେ ଯୁବ କଂଗ୍ରେସ କର୍ମୀମାନେ ଶୁକ୍ରବାର ଦିଲ୍ଲୀର ୫ ରାଇସିନା ରୋଡ୍‌ରେ ବିକ୍ଷୋଭ କରୁଛନ୍ତି। (ଫଟୋ- ଚମନ ଗୌତମ)

# ହରଦୀପ ପୁରୀଙ୍କ ଇସ୍ତଫା ଦାବିରେ କଂଗ୍ରେସ ଏମ୍‌ପିଙ୍କ ବିକ୍ଷୋଭ

ନୂଆଦିଲ୍ଲୀ, ୧୩।୨



ଆମେରିକା ନ୍ୟାୟ ବିଭାଗ ପ୍ରକାଶ କରିଥିବା ଏପ୍‌ଷ୍ଟିନ୍ ଫାଇଲ୍‌ରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ନାଁ ଥିବାରୁ କଂଗ୍ରେସ ଏମ୍‌ପିମାନେ ଶୁକ୍ରବାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସରେ ବିକ୍ଷୋଭ କରିବା ସହ ତାଙ୍କ ଇସ୍ତଫା ଦାବି କରିଛନ୍ତି। ସଂସଦ ଭବନ ବାହାରେ ବହୁସଂଖ୍ୟାରେ କଂଗ୍ରେସ ଏମ୍‌ପି ଏକାଠି ହୋଇ ପୁରୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ତାଙ୍କୁ ଜବାବ ମାଗିଥିଲେ। ପୁରୀ ଏବଂ ଜାଫ୍ରି ଏପ୍‌ଷ୍ଟିନ୍‌ଙ୍କ ଫଟୋ ଥିବା ଏକ ବଡ଼ ବ୍ୟାନର ସେମାନେ ଧରିଥିବା ଦେଖାଯାଇଛି।

ପୁରୀ ଅଳ୍ପ କେତେକ ଘଟଣାରେ ଏପ୍‌ଷ୍ଟିନଙ୍କୁ ଭେଟିଥିଲେ ମଧ୍ୟ ସେ ଜଡ଼ିତ ଥିବା କୌଣସି ଅପରାଧ ଉପରେ କଥା ହୋଇ ନ ଥିଲେ ବୋଲି ବୁଧବାର କହିଥିଲେ। ଅନ୍ୟପକ୍ଷରେ ଏପ୍‌ଷ୍ଟିନ୍ ସମ୍ପର୍କିତ ଫାଇଲରେ ଅମ୍ବାନୀଙ୍କ ନାଁ ଥିଲାବେଳେ ତାଙ୍କୁ କାହିଁକି ଜେଲ ପଠାଯାଉନାହିଁ ବୋଲି ରାଏବରେଲି ଏମ୍‌ପି ପ୍ରଶ୍ନ କରିଥିଲେ। ଏପ୍‌ଷ୍ଟିନ୍ ଫାଇଲରେ ହରଦୀପ ପୁରୀ ଏବଂ ଅନିଲ ଅମ୍ବାନୀଙ୍କ ନାଁ ଥିବାର ପ୍ରମାଣୀକୃତ ତଥ୍ୟ ପାଇଥିବା ରାହୁଲ ଅଭିଯୋଗ କରିଥିଲେ। ଭାରତ-ଆମେରିକା ପରମାଣୁ ଚୁକ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଚାପ ପକାଯାଉଥିବା ରାହୁଲ କହିବା ସହ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକରେ ସରକାରଙ୍କ ପରିଚାଳନାଗତ ବିଫଳତାକୁ ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ରାହୁଲଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ପୁରୀ କହିବା ସହ ତାହାକୁ ଖଣ୍ଡନ କରିଛନ୍ତି।

ଏପ୍‌ଷ୍ଟିନ୍ ଫାଇଲ୍‌ରେ ନାଁ ଥିବାରୁ ପେଟ୍ରୋଲିୟମ ମନ୍ତ୍ରୀ ପୁରୀଙ୍କ ଇସ୍ତଫା ଦାବିରେ ଯୁବ କଂଗ୍ରେସ କର୍ମୀମାନେ ମଧ୍ୟ ଶୁକ୍ରବାର ଦିଲ୍ଲୀର ୫ ରାଇସିନା ରୋଡ୍‌ରେ ବିକ୍ଷୋଭ କରିଛନ୍ତି। ବ୍ୟାରିକେଡ୍ ନିକଟରେ ଦିଲ୍ଲୀ ପୋଲିସ ସେମାନଙ୍କୁ ଅଟକାଇବାରୁ ଠେଲାପେଲା ହୋଇଥିଲା। ବିକ୍ଷୋଭରେ ଉଦ୍‌ବୋଧନ ଦେଇ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ କହିଛନ୍ତି, ଯୌନ ଅପରାଧୀ ଏପ୍‌ଷ୍ଟିନ୍‌ଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ସମ୍ପୃକ୍ତି ଅତ୍ୟନ୍ତ ଗମ୍ଭୀର ଏବଂ ଲଜ୍ଜାଜନକ ଘଟଣା।

## ମଣିପୁର ହିଂସା : ସିବିଆଇକୁ ଷ୍ଟାଟସ୍ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୨

୨୦୨୩ ମଣିପୁର ହିଂସା ସହ ସମ୍ପୃକ୍ତ ୧୧ଟି ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ୨ ସପ୍ତାହ ମଧ୍ୟରେ ସିବିଆଇ ଏହି ରିପୋର୍ଟ ଦାଖଲ କରିବ। ଏଥିସହିତ ହିଂସା ପ୍ରପୀଡ଼ିତ ଲୋକଙ୍କ ଥଇଥାନ ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ମଣିପୁର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଗୀତା ମିତ୍ତଲଙ୍କ କମିଟି ଦେଇଥିବା ପରାମର୍ଶ ଅନୁଯାୟୀ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ସେମାନଙ୍କ ଥଇଥାନ ନିଶ୍ଚିତ କରିବାକୁ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ବିଜୟଙ୍କ ରାଲିରେ ଜଣେ ମୃତ

ସାଲେମ୍, ୧୩।୨ (ପି.ଟି.)

ଅଭିନେତାରୁ ରାଜନେତା ହୋଇଥିବା ବିଜୟଙ୍କ ଦଳ ଟିଭିକେର ଶୁକ୍ରବାର ତାମିଲନାଡୁର ସାଲେମଠାରେ ଏକ ରାଲି ବେଳେ ଜଣେ ୩୭ ବର୍ଷୀୟ ବ୍ୟକ୍ତି ମୂର୍ଚ୍ଛା ଯିବା ସହ ପ୍ରାଣ ହରାଇଛନ୍ତି। ବିଜୟ ରାଲି ସ୍ଥଳରେ ପହଞ୍ଚିବା ପୂର୍ବରୁ ଏଭଳି ଅଘଟଣ ଘଟିଛି। ମୃତକ ସୂରଜଙ୍କ ଘର ମହାରାଷ୍ଟ୍ର ହୋଇଥିବାବେଳେ ସେ ସାଲେମରେ ରହୁଥିଲେ। ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂରଜ ଜଣେ ହୃଦ୍‌ରୋଗୀ ଏବଂ ପୂର୍ବରୁ ତାଙ୍କର ଆଞ୍ଜିଓପ୍ଲାଷ୍ଟ ହୋଇଥିବା ଜଣାପଡ଼ିଛି।

# ତାରିକ୍ ରହମାନ: ନିର୍ବାସିତ ନେତାରୁ ପ୍ରଧାନମନ୍ତ୍ରୀ



ବିଏନ୍‌ପି ନେତା ତାରିକ୍ ରହମନଙ୍କ ନିର୍ବାଚନ ପ୍ରଚାର ସମୟର ଦୃଶ୍ୟ।

ଢ଼ାକା, ୧୩।୨

ଦୀର୍ଘ ୧୭ ବର୍ଷ ବିଦେଶରେ କଟାଇ ନିର୍ବାଚନର ମାତ୍ର ଦୁଇ ମାସ ପୂର୍ବରୁ ନିଜ ଦେଶକୁ ଫେରିଥିବା ତାରିକ୍ ରହମାନ ବାଂଲାଦେଶର ରାଜନୈତିକ ପଶାପାଲିକୁ ଯେଭଳି ଓଲଟାଇ ଦେଇଛନ୍ତି ତାହା କ୍ୱଚିତ୍ ଦେଖିବାକୁ ମିଳେ। ବାଂଲାଦେଶର ସାମ୍ପ୍ରତିକ ରାଜନୈତିକ ସ୍ଥିତି ଏବଂ ନିର୍ବାଚନରେ ଶେଖ୍ ହାସିନାଙ୍କ ଆୱାମୀ ଲିଗ୍ ଦଳକୁ ବ୍ୟାନ୍ କରାଯିବା ଦ୍ୱାରା ଦେଖାଯାଇଥିବା ଜନଅସନ୍ତୋଷ ସତ୍ତ୍ୱେ ୧୭ କୋଟି ଜନସଂଖ୍ୟା ବିଶିଷ୍ଟ ବାଂଲାଦେଶରେ ବିଏନ୍‌ପି ଦୁଇ ତୃତୀୟାଂଶରୁ ଅଧିକ ଭୋଟ ପାଇ ବିଜୟ ହେବା ଘଟଣା ନିଶ୍ଚିତ ଭାବେ ତାରିକ୍‌ଙ୍କ ଲୋକପ୍ରିୟତା ଏବଂ ଦୃଢ଼ ନେତୃତ୍ୱର ପରିଚୟ ଦେଇଛି। ୧୯୭୧ରେ ପ୍ରଥମେ ବାଂଲାଦେଶର ସ୍ୱାଧୀନତା ଘୋଷଣା କରିଥିବା ସେନାଧିକାରୀ ତଥା ପୂର୍ବତନ ରାଷ୍ଟ୍ରପତି ଜିଆଉର୍ ରହମାନଙ୍କ ଜ୍ୟେଷ୍ଠପୁତ୍ର ହେଉଛନ୍ତି ତାରିକ୍। ମାଆ ଖଲିଦା ଜିଆ ମଧ୍ୟ ଦୁଇ ଦୁଇଥର ପ୍ରଧାନମନ୍ତ୍ରୀ ରହି ଆସିଛନ୍ତି। କିନ୍ତୁ ମାଆଙ୍କ ଶାସନକାଳରେ ତାରିକ୍ କୌଣସି ରାଜନୈତିକ ପଦ ପଦବୀରେ ଅଧିଷ୍ଠିତ ନ ଥିଲେ କି ତାଙ୍କର ଶାସନତନ୍ତ୍ରକୁ ନେଇ ସେଭଳି କିଛି ଅନୁଭୂତି ନଥିଲା। ତେବେ ୨୦୦୦ ପ୍ରାରମ୍ଭରେ ଖାଲିଦା ଜିଆଙ୍କ ଶାସନ କାଳରେ ରହମାନ ରାଜନୀତିକୁ ଗୁରୁତ୍ୱ ଦେଇ ଆଗକୁ ଯିବାକୁ ଚାହିଁଥିଲାବେଳେ ୨୦୦୮ରେ ବିଏନ୍‌ପିକୁ ହରାଇ ଆୱାମୀ ଲିଗ୍ କ୍ଷମତା ଦଖଲ କରିଥିଲା। ଏହାପରେ ରହମାନ ଦେଶ ଛାଡି ଲଣ୍ଡନ ପଳାଇଥିଲେ ଏବଂ ନିର୍ବାଚନର ମାତ୍ର ଦୁଇ ମାସ ପୂର୍ବରୁ ଦେଶକୁ ଫେରିଥିଲେ। ନିର୍ବାସନରୁ ପ୍ରଧାନମନ୍ତ୍ରୀ ହୋଇଥିବା ରହମାନ ବାଂଲାଦେଶ ରାଜନୈତିକ ଇତିହାସରେ ପ୍ରଥମ ପୁରୁଷ ପ୍ରଧାନମନ୍ତ୍ରୀ ହେବା ସହିତ ଶନିବାର ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି।

## ଦିଲ୍ଲୀ-ଢାକା ସମ୍ପର୍କ ଉପରେ ନଜର

ନୂଆଦିଲ୍ଲୀ, ୧୩।୨

ଦିଲ୍ଲୀ ଏବଂ ଢାକା ମଧ୍ୟରେ ଫେବୃଆରୀ ୧୨ ମଧ୍ୟରାତ୍ରିରୁ ୧୩ ମଧ୍ୟରେ ଯେତିକି ଥର ଟେଲିଫୋନ ଏବଂ ମେସେଜ୍ ଆଦାନପ୍ରଦାନ ହୋଇଛି ତାହା ଗତ ଦୁଇ ବର୍ଷ ମଧ୍ୟରେ ହୋଇ ନ ଥିଲା। ବାଂଲାଦେଶ ନିର୍ବାଚନରେ ବାଂଲାଦେଶ ନ୍ୟାଶନାଲ ପାର୍ଟି(ବିଏନପି)ର ବିପୁଳ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ମୁଖ୍ୟ ତାରିକ୍ ରହମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଭାରତ-ବାଂଲାଦେଶ ସମ୍ପର୍କକୁ ଆଗାମୀ ଦିନରେ ମଜଭୁତ କରିବାକୁ ସନ୍ଦେଶ ଦେଇଛନ୍ତି। କେବଳ ପ୍ରଧାନମନ୍ତ୍ରୀ ନୁହନ୍ତି, ଉଭୟ ପଟୁ କୂଟନୈତିକ ସ୍ତରରେ ମଧ୍ୟ ମେସେଜ୍ ମାଧ୍ୟମରେ ଆଦାନପ୍ରଦାନ ବଢ଼ିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ରହମାନଙ୍କୁ ଶୁଭେଚ୍ଛା ଜଣାଇ ଭାରତ-ବାଂଲାଦେଶ ସମ୍ପର୍କକୁ ଆହୁରି ମଜଭୁତ କରିବାକୁ ବାର୍ତ୍ତା ଦେଇଛନ୍ତି। ବାଂଲାଦେଶରେ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା କରାଯାଇ ସାମାଜିକ ଶାନ୍ତି ସୌହାର୍ଦ୍ଦ୍ୟ ଫେରି ଆସିଲେ କେବଳ ଭାରତ ନୁହେଁ, ଏହାର ପ୍ରଭାବ ଦକ୍ଷିଣ ଏସିଆ ରାଜନୀତିକୁ ମଧ୍ୟ ପ୍ରଭାବିତ କରିବ ବୋଲି ଭାରତ ଅନୁଭବ କରୁଛି। ଏହି ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ମୋଦି ବାଂଲାଦେଶ ସହ କୂଟନୈତିକ ସମ୍ପର୍କ ବଢାଇବାକୁ ଇଙ୍ଗିତ କରି ରହମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତେବେ ଆଗାମୀ ଦିନରେ ଭାରତ ପ୍ରତି ରହମାନଙ୍କ ଆଭିମୁଖ୍ୟ କ'ଣ ରହିବ ତାହା ଏବେଠାରୁ ଆକଳନ କରିବା କଷ୍ଟକର। କାରଣ ପୂର୍ବରୁ ବିଏନ୍‌ପି ଭାରତ କିମ୍ବା ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ନ ବଢାଇ ଚାଇନା ସହ ସମ୍ପର୍କ ବୃଦ୍ଧି କରିଆସିଥିଲା। ସାମ୍ପ୍ରତିକ ଭୂ-ରାଜନୈତିକ ପରିପ୍ରେକ୍ଷୀରେ ରହମାନଙ୍କ ଆଭିମୁଖ୍ୟ ଭାରତ ପାଇଁ ବହୁ ଗୁରୁତ୍ୱ ବହନ କରିବ ବୋଲି କୁହାଯାଉଛି।

# ୧ମ ପର୍ଯ୍ୟାୟ ବଜେଟ ଅଧିବେଶନ ଶେଷ

ନୂଆଦିଲ୍ଲୀ, ୧୩।୨



ପାର୍ଲାମେଣ୍ଟରେ ବଜେଟ ଅଧିବେଶନ

ଜାନୁଆରୀ ୨୮ରେ ଆରମ୍ଭ ହୋଇଥିବା ସଂସଦର ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ଏହି ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରେ ଆରମ୍ଭ ହେବ। ୬୫ ଦିନ ଭିତରେ ମୋଟ ୩୦ କାର୍ଯ୍ୟଦିବସ ସହ ବଜେଟ ଅଧିବେଶନ ଏପ୍ରିଲ ୨ରେ ଶେଷ ହେବ। ପ୍ରଥମ ପର୍ଯ୍ୟାୟରେ ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଏବଂ ପୂର୍ବତନ ସେନାମୁଖ୍ୟ ଏମ୍.ଏମ୍. ନରୱଣେଙ୍କ ଅପ୍ରକାଶିତ ପୁସ୍ତକକୁ ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଛୁଟି ସମୟରେ ବିଭାଗ ସମ୍ପର୍କିତ ସ୍ଥାୟୀ କମିଟିଗୁଡ଼ିକ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ଲେଖାନୁଦାନ ପାଇଁ ଦାବି ଉପରେ ଯାଞ୍ଚ କରିବେ।

## ରାହୁଲଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିବନି କେନ୍ଦ୍ର

ନୂଆଦିଲ୍ଲୀ, ୧୩।୨

ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅଣସଂସଦୀୟ ଭାଷା ବ୍ୟବହାର କରିଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିବା ଯୋଜନାକୁ କେନ୍ଦ୍ର ସରକାର ସ୍ଥଗିତ ରଖିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଶୁକ୍ରବାର କହିଛନ୍ତି। ଉପରୋକ୍ତ ପ୍ରସଙ୍ଗରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଗୁରୁବାର କଂଗ୍ରେସ ନେତାଙ୍କ ବିରୋଧରେ ସ୍ୱତନ୍ତ୍ର ପ୍ରସ୍ତାବ ଆଣିବା ପାଇଁ ନୋଟିସ ଦେଇଥିବାରୁ ସରକାର ତାଙ୍କ ପୂର୍ବ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି।

## ଏକାଦଶ ଶ୍ରେଣୀ ଛାତ୍ରୀଙ୍କୁ କାର୍‌ରେ ବଳାତ୍କାର, ବ୍ଲାକ୍‌ମେଲିଂ

ଭୋପାଳ, ୧୩।୨

ଭୋପାଳରେ ଜଣେ ଏକଦାଶ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ସହ ବ୍ଲାକ୍‌ମେଲ୍ କରାଯାଇଛି। ବଳାତ୍କାର ସମୟର ଭିଡିଓ ଶୁଟିଂ କରି ତାଙ୍କ ଠାରୁ ଟଙ୍କା ଦାବି କରାଯିବା ସହ ଧର୍ମ ପରିବର୍ତ୍ତନ ପାଇଁ ବାଧ୍ୟ କରାଯାଇଥିଲା। ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରିଛି। ପୀଡ଼ିତା ଛାତ୍ରୀ ଜଣଙ୍କ ଭୋପାଳର ଶାହାପୁରା ଅଞ୍ଚଳରେ ଏକ ପ୍ରତିଷ୍ଠିତ ସ୍କୁଲରେ ପଢୁଥିଲେ। ଅଉସଫ୍ ଅଲ୍ଲୀ ଖାନ୍ ନାମକ ଯୁବକଙ୍କ ସହ ପରିଚିତ ହୋଇଥିଲେ। ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢିଥିଲା ବେଳେ ଅଉସଫ୍ ଛାତ୍ରୀଙ୍କୁ ବାହାରକୁ ବୁଲିଯିବାକୁ କହିଥିଲେ। ବୁଲିବା ନାମରେ ଅଉସଫ୍ ଛାତ୍ରୀଙ୍କୁ ଖାନୁଗାଁଓ ଅଞ୍ଚଳର ଏକ ନିଛାଟିଆ ସ୍ଥାନକୁ ନେଇ ତାଙ୍କ କାର୍‌ରେ ବଳାତ୍କାର କରିଥିଲେ। ବଳାତ୍କାର ବେଳେ ମାଜ୍ ଖାନ୍ କାର୍ ବାହାରେ ଥାଇ ଏହାର ଭିଡିଓ ରେକର୍ଡ କରିଥିଲେ। ସେମାନେ ଛାତ୍ରୀଙ୍କୁ ଏହି ଭିଡିଓ ଦେଖାଇ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଛାତ୍ରୀ ୪୦ ହଜାର ଯୋଗାଡ଼ କରଥିଲେ ହେଁ ଏହି ଦୁଇ ଜଣ ଅଧିକ ଟଙ୍କା ଦାବି କରି ଭିଡିଓ ଭାଇରାଲ କରିବାକୁ ଧମକ ଦେଇଥିଲେ। ଅଉସଫ୍ ଏବଂ ମାଜ୍ ଛାତ୍ରୀଙ୍କ ଅନ୍ୟ ସାଙ୍ଗମାନଙ୍କୁ ଫୋନ କରି ଛାତ୍ରୀଙ୍କୁ ଇସଲାମ୍ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରିଥିଲେ। ଛାତ୍ରୀ ନିଜ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଥାନାରେ ଏତଲା ଦିଆଯିବା ପରେ ପୋଲିସ ଅଉସଫ୍ ଏବଂ ମାଜ୍ ଖାନଙ୍କୁ ଗିରଫ କରିଛି। ଏହି ଛାତ୍ରୀଙ୍କ ବ୍ୟତୀତ ଅଉସଫ୍ ପୂର୍ବରୁ ଅନ୍ୟ କୌଣସି ମହିଳାଙ୍କୁ ଟାର୍ଗେଟ କରିଥିଲେ କି ନାହିଁ ସେ ସମ୍ପର୍କରେ ତଦନ୍ତ କରିବାକୁ ଏସ୍‌ଆଇଟି ଗଠନ କରାଯାଇଛି।

# ଅଭିନୟ ପରେ ଏମ୍‌ବିବିଏସ୍



ଶ୍ରୀଲୀଲା

ମୁମ୍ବାଇ

'ପୁଷ୍ପା-୨'ର ଆଇଟମ୍ ଗୀତରେ ଅଭିନୟ କରିଥିବା ନାୟିକା ଶ୍ରୀଲୀଲା ରାତାରାତି ନ୍ୟାଶନାଲ କ୍ରଶ୍ ପାଲଟିଯାଇଥିଲେ। ତାଙ୍କର ସୁନ୍ଦର ଲୁକ ଏବଂ ଚମତ୍କାର ଅଭିନୟ ବ୍ୟତୀତ, ଶ୍ରୀଲୀଲା ଜଣେ ଭଲ ଛାତ୍ରୀ। ଏବେ ସେ ଏମ୍‌ବିବିଏସ୍ ଡିଗ୍ରୀ ସମାପ୍ତ କରି ଆନୁଷ୍ଠାନିକ ଭାବରେ ଜଣେ ଡାକ୍ତର ହୋଇଛନ୍ତି। ୨୦୦୧ରେ ଆମେରିକାର ଡେଟ୍ରଏଟରେ ଏକ ତେଲୁଗୁ ପରିବାରରେ ତାଙ୍କ ଜନ୍ମ। ସେ ବେଙ୍ଗାଲୁରୁରେ ପାଳିତ ହୋଇଥିଲେ। ତାଙ୍କ ମାଆ ସ୍ୱର୍ଣ୍ଣଲତା ବେଙ୍ଗାଲୁରୁରେ ଜଣେ ସ୍ତ୍ରୀରୋଗ ବିଶେଷଜ୍ଞ, ତେଣୁ ଶ୍ରୀଲୀଲା ତାଙ୍କ କ୍ୟାରିଅର ଭାବରେ ଡାକ୍ତରୀ ବାଛିଥିଲେ। ସେ ୨୦୧୭ ତେଲୁଗୁ ଚଳଚ୍ଚିତ୍ର ଚିତ୍ରାଙ୍ଗଦାରେ ଅଭିନୟ କରିଥିଲେ। ମୁଖ୍ୟ ଅଭିନେତ୍ରୀ ଭାବରେ ତାଙ୍କର ଡେବ୍ୟୁ ୨୦୧୯ କନ୍ନଡ ଚଳଚ୍ଚିତ୍ର କିସ୍ ସହିତ ହୋଇଥିଲା। ଦକ୍ଷିଣ ସିନେମାରେ ଏକ ଛାପ ଛାଡ଼ିବା ପରେ ଏହି ସୁନ୍ଦରୀ ଏବେ ବଲିଉଡକୁ ଚାଲିଆସିଛନ୍ତି। ଏବେ ସେ ଅନୁରାଗ ବାସୁଙ୍କ ଏକ ଫିଲ୍ମରେ କାର୍ତ୍ତିକ ଆର୍ଯ୍ୟନଙ୍କ ସହ ନଜର ଆସିବେ।

# ନୂଆ ପିଏମ୍‌ଓ 'ସେବା ତୀର୍ଥ' ଉଦ୍‌ଘାଟିତ

ନୂଆଦିଲ୍ଲୀ, ୧୩।୨ (ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ପିଏମ୍‌ଓ 'ସେବା ତୀର୍ଥ'କୁ ଉଦ୍‌ଘାଟନ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସେବାତୀର୍ଥ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଛନ୍ତି, ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସମେତ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ କ୍ୟାବିନେଟ ସଚିବାଳୟ ରହିଛି। ନୂଆ କମ୍ପ୍ଲେକ୍ସ ଉଦ୍‌ଘାଟନ ପରେ ରାଇସିନା ହିଲ୍‌ରେ ରାଷ୍ଟ୍ରପତି ଭବନ ନିକଟରେ ଥିବା ଉପନିବେଶ ଅମଳର ସାଉଥ୍ ବ୍ଲକ୍‌ରୁ ପ୍ରଧାନମନ୍ତ୍ରୀ ସେବା ତୀର୍ଥରେ ଥିବା ତାଙ୍କ ନୂଆ ଅଫିସ୍‌କୁ ଯାଇଛନ୍ତି। ଶୁକ୍ରବାର ମୋଦି କେନ୍ଦ୍ରମନ୍ତ୍ରୀ ମନୋହର ଲାଲ୍, ଜିତେନ୍ଦ୍ର ସିଂ ଏବଂ ପିଏମ୍‌ଓର ଶୀର୍ଷ ଅଧିକାରୀମାନଙ୍କ ସହ ମୋଟରକେଡ୍‌ରେ ସେବାତୀର୍ଥ କମ୍ପ୍ଲେକ୍ସରେ ପହଞ୍ଚି ଏହାକୁ ଉଦ୍‌ଘାଟନ କରିବା ପରେ ସେଠାରେ ମହିଳା, କୃଷକ, ଯୁବବର୍ଗ ଏବଂ ଅସୁରକ୍ଷିତ ନାଗରିକମାନଙ୍କ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ, ପିଏମ୍‌ଓ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ରେ ସିଂ, ପ୍ରମୁଖ ସଚିବ ପି.କେ. ମିଶ୍ର ଏବଂ ଶକ୍ତିକାନ୍ତ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ପିଏମ୍ ରାହାତ ଯୋଜନାର ଶୁଭାରମ୍ଭକୁ ଅନୁମୋଦନ କରିବା ଲାଗି ଫାଇଲ୍‌ରେ ସ୍ୱାକ୍ଷର କରିବା ସହ ଲକ୍ଷପତି ଦିଦି ସଂଖ୍ୟା ଦ୍ୱିଗୁଣିତ କରି ୬ କୋଟିରେ ପହଞ୍ଚାଇବା ଯୋଜନା ଫାଇଲ୍‌ରେ ସ୍ୱାକ୍ଷର କରିଥିଲେ।

ପିଏମ୍ ରାହତ ଯୋଜନାରେ ଦୁର୍ଘଟଣା ପୀଡ଼ିତଙ୍କୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦବିହୀନ ଚିକିତ୍ସା ସୁବିଧା ମିଳିବ, ଫଳରେ ତୁରନ୍ତ ଚିକିତ୍ସା ଅଭାବରୁ କାହାର ଜୀବନ ଯିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ